

মিଆମିରେ ସାବାଲେଙ୍କା ଚାମ୍ପିଅନ୍ | ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
## THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ



ଓଡ଼ିଶା ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ

Vol. 33 | ISSUE 10 | ଭାଗ ୩୩ | ସଂଖ୍ୟା ୧୦
Bhubaneswar | Tuesday 1 April 2025 | Page 8 Rs. 4.00
● ଭୁବନେଶ୍ୱର ମଙ୍ଗଳବାର ୧ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ମିଆଁମାର ଭୂମିକମ୍ପ
# ମୃତ୍ୟୁସଂଖ୍ୟା ୨୦୦୦ ପାର୍

- ସପ୍ତାହେ ରାଷ୍ଟ୍ରୀୟ ଶୋକ ପାଳନ ନିଷ୍ପତ୍ତି
- ଜାତୀୟ ପତାକା ଅର୍ଦ୍ଧନମିତ ରହିବ

**ନେପିଡ,୩୧।୩(ସଂଚାର ବ୍ୟୁରୋ):** ଗତ ଗୁରୁବାର ମିଆଁମାର ଓ ଥାଇଲାଣ୍ଡରେ ଘଟିଥିବା ଭୟାବହ ଭୂମିକମ୍ପରେ ଆଜି ସୁଦ୍ଧା ମୃତ୍ୟୁସଂଖ୍ୟା ୨ ହଜାର ଅତିକ୍ରମ କରିଛି। ଅଦ୍ୟାବଧି ଶତାବ୍ଦୀର ଏହି ସବୁଠାରୁ ଭୟଙ୍କର ଭୂମିକମ୍ପରେ ୨ ହଜାର ୫୬ରେ ପହଞ୍ଚିଥିବା ବେଳେ ଥାଇଲାଣ୍ଡ ରାଜଧାନୀ



ବ୍ୟାଙ୍କକ୍‌ରେ ୧୮ ଜଣ ମୃତ୍ୟୁବରଣ କରିସାରିଛନ୍ତି। ସେହିପରି ୩୯ ଶହରୁ ଅଧିକ ଲୋକ ଆହତ ହୋଇଥିବା ବେଳେ ଏବେ ବି ୨୭୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି। ଅନ୍ୟପକ୍ଷରେ ଦେଶରେ ସପ୍ତାହେ କାଳ ରାଷ୍ଟ୍ରୀୟ ଶୋକ ପାଳନ କରିବାକୁ ଜୁଣ୍ଟା ଶାସକ ଦଳ ନିଷ୍ପତ୍ତି ନେଇଛି। ତେଣୁ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଅର୍ଦ୍ଧନମିତ ରଖାଯିବ। ତା'ଛଡ଼ା ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆସନ୍ତାକାଲି ଏକ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯିବାକୁ ନିଷ୍ପତ୍ତି ହୋଇଛି। ଭୂମିକମ୍ପରେ ଅନେକ ଶିଶୁ ମୃତାହତ ହୋଇଥିବା ବେଳେ ➪ପୃଷ୍ଠା-୬

# ଓଡ଼ିଶା ଦିବସରୁ ବିକାଶର ନୂଆ ରୋଡ୍‌ମ୍ୟାପ

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ୮୯ ବର୍ଷରେ ରାଜ୍ୟ ବିକାଶରେ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଥିବା ବିଜେପି ସରକାର ଆସନ୍ତାକାଲି ଓଡ଼ିଶା ଦିବସ ପାଳନ ଅବସରରେ ଏକାଧିକ ଯୋଜନାର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହିସବୁ ଯୋଜନା କାର୍ଯ୍ୟକାରୀ ହେଲେ ବିଭିନ୍ନ କ୍ଷେତ୍ରରେ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶର ନୂଆ ଦିଗନ୍ତ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ଆସନ୍ତାକାଲିଠାରୁ ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନା ଲାଗୁ ହେବ। ଏଥିସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମଧ କାର୍ଯ୍ୟ କରିବ। ଏହି ଦୁଇଟିଯାକ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ ୩.୫୨ କୋଟି ଲୋକ ଉପକୃତ ହୋଇପାରିବେ। ଏହି ଯୋଜନାରେ ପାଖାପାଖି ୧.୦୩ କୋଟି ପରିବାର ଅନ୍ତର୍ଭୁକ୍ତ ହେବେ। ୬୭.୮ ଲକ୍ଷ ପରିବାର ଆୟୁଷ୍ମାନ ଭାରତ ଓ ୩୫.୮ ଲକ୍ଷ ପରିବାର ଜିଜେୱାଇ ଦ୍ୱାରା ଉପକୃତ ହେବେ। ଏଥିସହିତ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୨୩.୧୨ ଲକ୍ଷ ବରିଷ୍ଠ ନାଗରିକ ମଧ ଏହି ଯୋଜନାର ସୁଫଳ ପାଇପାରିବେ। ୭୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ୍କମାନେ ସେମାନଙ୍କ ବୟସ ଅନୁସାରେ ଆବଶ୍ୟକ କରୁଥିବା ସ୍ୱାସ୍ଥ୍ୟସେବା ସହାୟତା ବି ପାଇପାରିବେ।

ସେହିଭଳି ସରକାରୀ କର୍ମଚାରୀମାନେ ବର୍ତ୍ତମାନ ଏନପିଏସ ବଦଳରେ ୟୁନିଫାଏଡ୍ ପେନସନ୍ ସ୍କିମ୍ (ୟୁପିଏସ୍)ର ଲାଭ ନେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହି ଯୋଜନାରେ ଏନପିଏସ ବ୍ୟବସ୍ଥାର ଯୋଗ୍ୟତା ପୂରଣ କରୁଥିବା ରାଜ୍ୟ ସରକାରୀ କର୍ମଚାରୀ ଉପକୃତ ହେବେ। କର୍ମଚାରୀଙ୍କ ପାଖରେ ଏନପିଏସ କିମ୍ବା ୟୁପିଏସ ବାଛିବା ପାଇଁ ବିକଳ୍ପ ରହିଛି। ଆସନ୍ତାକାଲିଠାରୁ ୟୁପିଏସ୍ ସିଷ୍ଟମ ସାରା ରାଜ୍ୟରେ କାର୍ଯ୍ୟକ୍ଷମ ହେବ। ସରକାରୀ କର୍ମଚାରୀମାନେ ୟୁପିଏସରେ ଅନ୍ତର୍ଭୁକ୍ତ ହେଲେ ୨୫ ବର୍ଷର ସର୍ବନିମ୍ନ ଯୋଗ୍ୟତା





- ଆଜିଠୁ ଲାଗୁ ହେବ ଆୟୁଷ୍ମାନ ଭାରତ
- କାର୍ଯ୍ୟକାରୀ ହେବ ଜାତୀୟ ଶିକ୍ଷା ନୀତି
- ସରକାରୀ କର୍ମଚାରୀଙ୍କ ପାଇଁ ୟୁପିଏସ ବ୍ୟବସ୍ଥା
- ସରକାରୀ ସ୍କୁଲରେ ମିଳିବ ପୋଷଣଯୁକ୍ତ ମାଣ୍ଡିଆ ଲଡୁ
- ଗୋଆକୁ ବିମାନ ସେବାର ହେବ ଶୁଭାରମ୍ଭ
- ଜାତୀୟ ସ୍ତରରେ ଲାଗୁ ହେବ ନୂଆ ଟିକସ ବ୍ୟବସ୍ଥା

ସେବା ଅବଧି ପାଇଁ ସେବାନିବୃତ୍ତ ପୂର୍ବରୁ ୧୨ ମାସରେ ଅର୍ଜିତ ମୌଳିକ ବେତନର ୫୦ ପ୍ରତିଶତ ପେନସନ ବାବଦରେ ପାଇପାରିବେ। ସର୍ବନିମ୍ନ ୧୦ ବର୍ଷ ଓ ସର୍ବାଧିକ ୨୫ ବର୍ଷ ପର୍ଯ୍ୟନ୍ତ ସେବା ପାଇଁ ଆନୁପାତିକ ଭାବେ ପେନସନ ଉପଲବ୍ଧ ହେବ। କର୍ମକ୍ଷେତ୍ରରେ ଦେହାନ୍ତ ହେଲେ କର୍ମଚାରୀ ପୂର୍ବରୁ ପାଇଥିବା ଦରମାର ୬୦ ପ୍ରତିଶତରେ ପାରିବାରିକ ପେନସନ ପ୍ରଦାନ କରାଯିବ। ସର୍ବନିମ୍ନ ୧୦ ବର୍ଷ ସେବା ଯୋଗାଇଥିଲେ ଅବସର ପରେ ମାସକୁ ୧୦ ହଜାର ଟଙ୍କା ପେନସନ ମିଳିବ।

ଏପ୍ରିଲ ୧ରୁ ପିଏମ ପୋଷଣ ଯୋଜନାରେ ସରକାରୀ ସ୍କୁଲ ପିଲାଙ୍କୁ ମାଣ୍ଡିଆ ଲଡୁ ଯୋଗାଇବାକୁ ଘୋଷଣା କରିଛି ସ୍କୁଲ ଓ ଗଣଶିକ୍ଷା ବିଭାଗ। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପିଲାଙ୍କୁ ମିଳିବ ମାଣ୍ଡିଆ ଲଡୁ। ଆସନ୍ତାକାଲିଠାରୁ ଏହି ଯୋଜନା ସ୍କୁଲରେ କାର୍ଯ୍ୟକାରୀ ହେବ। ସପ୍ତାହର ସୋମବାର, ମଙ୍ଗଳବାର ଓ ଗୁରୁବାର ସକାଳୁଆ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ୩ଟି ଲେଖାଏଁ ଲଡୁ ପ୍ରଦାନ କରାଯିବ। ମାଣ୍ଡିଆ, ରାଶି, ବାଦାମ ଓ ଗୁଡରୁ ପ୍ରସ୍ତୁତ ଏହି ଲଡୁ ଉଭୟ ସରକାରୀ ଓ ଅନୁଦାନପ୍ରାପ୍ତ ସରକାରୀ ସ୍କୁଲରେ ପ୍ରଦାନ କରାଯିବ। ଏହି ଲଡୁର ଦାମ ଗୋଟାକୁ ୩ ଟଙ୍କା ୫୦ ପଇସା ଧାର୍ଯ୍ୟ କରାଯାଇଛି। ଏହି ପୁଷ୍ଟିକର ଲଡୁରେ ଭରପୂର ଏନର୍ଜି, ଫାଇବର, ଆଇରନ ଓ ଗୁଡ୍ ଫ୍ୟାଟ୍ ରହିଛି।

ଆସନ୍ତାକାଲି ଗୃହ ➪ପୃଷ୍ଠା-୬

## ଏପ୍ରିଲ୍-ଜୁନ୍‌ରେ ସ୍ୱାଭାବିକଠାରୁ | ଅଧିକ ତାତି

**ନୂଆଦିଲ୍ଲୀ,୩୧।୩:** ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ଗରମ ଅନୁଭୂତ ହେବ ବୋଲି ଗତ ମାସରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଦିନ ଓ ରାତି ବେଳା ତାପମାତ୍ରା ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ମାର୍ଚ୍ଚରେ କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିଲା। ଏପରିକି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୨ ଡିଗ୍ରୀକୁ ମଧ ଟପିଯାଇଛି। ଏହି ପୂର୍ବାନୁମାନରେ ଏବେ ବି ବିଭାଗ କାଏମ ରହିଛି। ଏନେଇ ଆଜି ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଭାରତରେ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। କେନ୍ଦ୍ରୀୟ ଓ ପୂର୍ବ-ଭାରତ ଓ ଉତ୍ତର-ପଶ୍ଚିମ ସମତଳ ଅଞ୍ଚଳରେ ଅଧିକ ଭୀଷଣ ଗ୍ରୀଷ୍ମପ୍ରବାହ ହେବ। ଏପରିକି ଦେଶର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ପୂର୍ବ ଭାରତରେ ଅପେକ୍ଷାକୃତ ଅଧିକ ଗରବ ଅନୁଭୂତ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

- ସତର୍କ କରାଇଲେ ଆଇଏମ୍‌ଡି ମହାସଚିବ
- ଅଧିକ ପ୍ରଭାବିତ ହେବ ପୂର୍ବ ଭାରତ
- ରବି ଫସଲରେ ବିଶେଷ ପ୍ରଭାବ ନାହିଁ



ସେ କହିଛନ୍ତି ଯେ ସାଧାରଣତଃ ଭାରତରେ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ୪ରୁ ୭ ଦିନ ଭୀଷଣ ଗ୍ରୀଷ୍ମପ୍ରବାହ ରେକର୍ଡ କରାଯାଇଆସିଛି। କିନ୍ତୁ ଚଳିତ ବର୍ଷ ଏହା ଏହି ସଂଖ୍ୟାଠାରୁ ଆହୁରି ୨ରୁ ୪ ଦିନ ଅଧିକ ହେବାର ସମ୍ଭାବନା ରହିଛି। ଅଧିକନ୍ତୁ ପୂର୍ବ ଭାରତରେ ଏହା ଆହୁରି ୧୦ ଦିନ ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଶ୍ରୀ ମହାପାତ୍ର ସତର୍କ କରାଇଦେଇଛନ୍ତି। ପୂର୍ବ ଭାରତର ଅନ୍ୟତମ ରାଜ୍ୟ ଓଡ଼ିଶା ହୋଇଥିବାରୁ ରାଜ୍ୟବାସୀ ଆଲୋଚ୍ୟ ମାସରେ ଅଧିକ ସନ୍ତୁଳିତ ହେବାର ସମ୍ଭାବନା ରହିଛି। ସେହିପରି ଶ୍ରୀ ମହାପାତ୍ର ନିର୍ଦ୍ଦିଷ୍ଟ ଏପ୍ରିଲ୍‌ରେ ଗ୍ରୀଷ୍ମ ପ୍ରବାହଜନିତ ସ୍ଥିତି କ'ଣ ରହିବ, ସେନେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ ସାଧାରଣତଃ ଏପ୍ରିଲ୍ ମାସରେ ଦେଶରେ ୧ରୁ ୩ ଦିନ ପର୍ଯ୍ୟନ୍ତ ଭୀଷଣ ଗ୍ରୀଷ୍ମପ୍ରବାହ ଅନୁଭୂତ ➪ପୃଷ୍ଠା-୬

### ତାତିରେ ଲାଗିବ ବ୍ରେକ୍
## ଆଜିଠୁ ସପ୍ତାହେ କାଳବୈଶାଖୀ ବର୍ଷା!



**ଭୁବନେଶ୍ୱର:** ଗତ ପାଖାପାଖି ସପ୍ତାହେ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ଏବେ ଏଥିରେ ସାମାନ୍ୟ ବ୍ରେକ୍ ଲାଗିବାର ସମ୍ଭାବନା ରହିଛି। କାରଣ ଆସନ୍ତାକାଲିଠାରୁ କାଳବୈଶାଖୀ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ହେବ। ଏହି କ୍ରମରେ ଆସନ୍ତାକାଲି ଘଡ଼ଘଡ଼ି ବର୍ଷା ନେଇ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ବର୍ଷା ସମୟରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ସେହିପରି ➪ପୃଷ୍ଠା-୬



ସମୃଦ୍ଧ ଇଲାକାରେ ପେଟ ଚିନ୍ତା | କେନ୍ଦୁଝର ଜିଲ୍ଲା ଦୈତାରୀ ଖଣି ଅଞ୍ଚଳରେ କୁନି ପିଲାଏ ନିମ୍ବକଡ଼ ଧରି ଗ୍ରାହକଙ୍କ ଅପେକ୍ଷାରେ

## ବେଫିକର ସରକାର, ଆସିଲାନି ମଦ ନୀତି
### ୩୦ ସୁଦ୍ଧା ଚୁଡାନ୍ତ ସମ୍ଭାବନା

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ଏପ୍ରିଲ ୧ ତାରିଖ ସୁଦ୍ଧା ନୂଆ ମଦ ନୀତି ଲାଗୁ ହେବ ବୋଲି ଘୋଷଣା କରାଯାଇଥିଲା। ହେଲେ କଷ୍ଟ ପୂରିଯାଇଥିଲେ ବି ନୂଆ ଅବକାରୀ ନୀତି ଆଣିପାରିଲେନି ସରକାର। ନୂଆ ମଦ ନୀତି ଆସିବାକୁ ଆଉ ମାସେ ଆବଶ୍ୟକ ବୋଲି ଆଜି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ନୂଆ ମଦ



ନୀତି ଚୁଡାନ୍ତ ହୋଇନଥିବାରୁ ପୁରୁଣା ମଦ ନୀତିର ଅବଧିକୁ ଆହୁରି ଏକ ମାସ ବଢ଼ାଇ ଦେଇଛନ୍ତି ସରକାର। ଏନେଇ ଅବକାରୀ ବିଭାଗ ତରଫରୁ ଚିଠି କରାଯାଇଛି। ଏଥିସହ ନୂଆ ମଦ ନୀତିକୁ ଏପ୍ରିଲ ୩୦ ସୁଦ୍ଧା ଚୂଡାନ୍ତ ରୂପ ଦିଆଯିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଅବକାରୀ ମନ୍ତ୍ରୀ କହିଛନ୍ତି। ➪ପୃଷ୍ଠା-୬

## ଛନ୍ଦିହେବେ ତୁଷାର
### ୧ କୋଟି ୪୦ ଲକ୍ଷ ଆସିଲା କେଉଁଠୁ?

ନିର୍ବାଚନ ସମୟରେ ମୋଟ ସମ୍ପତ୍ତିର ମୂଲ୍ୟ ଥିଲା ୧.୨୬କୋଟି

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ସ୍ୱାମୀ-ସ୍ତ୍ରୀଙ୍କ ମିଳିତ ସମ୍ପତ୍ତିର ମୂଲ୍ୟ କୋଟିଏ ୨୬ ଲକ୍ଷ। କିନ୍ତୁ ସାଇବର ଠକ ଲୁଟିନେଲେ କୋଟିଏ ୪୦ ଲକ୍ଷ। ଏଭଳି ଘଟଣା ଘଟିଛି ପୂର୍ବତନ କ୍ରୀଡା ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ କ୍ଷେତ୍ରରେ। ଅବଶ୍ୟ କ୍ରାଇମବ୍ରାଞ୍ଚର ସାଇବର ଥାନା ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରିଛି। କିନ୍ତୁ ପୂର୍ବତନ ଆଇଟି ମନ୍ତ୍ରୀ କେମିତି ସାଇବର ଅପରାଧର ଶିକାର ହେଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



୧୦ ମାସ ପୂର୍ବରୁ ବିଜେଡି ବିଧାୟକ ତୁଷାରିକାନ୍ତି ବେହେରା ନିର୍ବାଚନ କମିଶନକୁ ଦେଇଥିବା ସତ୍ୟପାଠରେ ତାଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୫୧ ଲକ୍ଷ ୬୫ ହଜାର ଟଙ୍କା ବୋଲି ଦର୍ଶାଇଥିଲେ। ସେହିପରି ତାଙ୍କ ପତ୍ନୀଙ୍କର ୨୯ ଲକ୍ଷ ୪୬ ହଜାର ସମେତ ମୋଟ ୮୧ ଲକ୍ଷ ଟଙ୍କାର ସମ୍ପତ୍ତି ଥିବା ହିସାବ ଦେଇଥିଲେ। ଜମି ବାବଦକୁ ୧୬ ଲକ୍ଷ ଟଙ୍କା ସହ ୩୦ ଲକ୍ଷ ଟଙ୍କା ବିଜେଡିରୁ ଆଡଭାନ୍ସ ନେଇଛନ୍ତି ବୋଲି ନିର୍ବାଚନ କମିଶନଙ୍କ ନିକଟରେ ସତ୍ୟପାଠ ମାଧ୍ୟମରେ ଦେଇଥିଲେ ହିସାବ। ସବୁ ସମ୍ପତ୍ତି ମିଶିଲେ ୧ କୋଟି ୨୬ ଲକ୍ଷ ଟଙ୍କା ହେଉଥିବା ବେଳେ କେବଳ ତାଙ୍କ ଡିମାଟ୍ ଆକାଉଣ୍ଟରେ ୧ କୋଟି ୪୦ ଲକ୍ଷ କେଉଁଠୁ ଆସିଲା ବୋଲି ଉଠିଛି ପ୍ରଶ୍ନ।

ଗତ ଜାନୁଆରୀ ୧୩ରେ ଠକେଇର ଶିକାର ହୋଇଥିବା ବିଧାୟକ ତୁଷାରକାନ୍ତି ଏନେଇ ପୁଲିସ ଡିଜିଙ୍କ ନିକଟରେ ଫେରାଦ ହେବା ପରେ ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦିଆଯାଇଥିଲା। ➪ପୃଷ୍ଠା-୬

### ରଥଯାତ୍ରା ଓ ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ଦାବି
# ବଢ଼ିଲା ଆଶା, ଜାତୀୟ ଐତିହ୍ୟ ତାଲିକାରେ ସାମିଲ୍

- ରଥଯାତ୍ରା ଓ ବାଲିଯାତ୍ରା ଆମ ଐତିହ୍ୟର ପରିଚୟ: ଧର୍ମେନ୍ଦ୍ର
- ପ୍ରଧାନମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୩୧।୩ (ସଂଚାର ବ୍ୟୁରୋ):** ମହାପ୍ରଭୁ ଜଗନ୍ନାଥଙ୍କ ବାର୍ଷିକ ରଥଯାତ୍ରା ଏବଂ କଟକର ଐତିହାସିକ ବାଲିଯାତ୍ରାକୁ ସଙ୍ଗୀତ ନାଟକ ଏକାଡେମୀର 'ଜାତୀୟ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକା'ରେ ସାମିଲ୍ କରାଯାଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସଙ୍ଗୀତ ନାଟକ ଏକାଡେମୀ ସମ୍ପ୍ରତି ସମଗ୍ର ଦେଶରୁ ୧୦ଟି ମହୋତ୍ସବ ଓ ପ୍ରସିଦ୍ଧ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଏହାର 'ଜାତୀୟ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକା'ରେ ସ୍ଥାନ ଦେଇଛି। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ରଥଯାତ୍ରାକୁ ୟୁନେସ୍କୋର ମାନବିକତାର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ନିକଟରେ ନାମାଙ୍କନ ଡୋଜିଅର ଦାଖଲ କରିଥିଲା।

ଏନେଇ ଏସ୍‌ଜେଟିଏ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏକ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତର ସର୍ବୋଚ୍ଚ ସାଂସ୍କୃତିକ ସଂସ୍ଥା ସଙ୍ଗୀତ ନାଟକ ଏକାଡେମୀ ଓଡ଼ିଶାର ରଥଯାତ୍ରା ଓ ବାଲିଯାତ୍ରାକୁ ଏହାର ଜାତୀୟ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରିଛି। ଏହା ଜାଣି ମୁଁ ବହୁତ ଉତ୍ସାହିତ। ଏହି ପ୍ରଥମ ମାଇଲଖୁଣ୍ଟ ହାସଲ ସହ ଆମେ ୟୁନେସ୍କୋର ଚୂଡ଼ାନ୍ତ ତାଲିକାରେ ମହାନ ଦୃଶ୍ୟ (ରଥଯାତ୍ରା) ଲିପିବଦ୍ଧ ହେବା ସମୟକୁ ଉତ୍ସାହର ସହିତ ଅପେକ୍ଷା କରିଛୁ। ସେହିପରି ରାଜ୍ୟ ସରକାର ୟୁନେସ୍କୋ ➪ପୃଷ୍ଠା-୬



### କାନ ଡେରିଆ

ଧର୍ମ ଆମ ହିନ୍ଦୁ କୋଟି ରକ୍ତବିନ୍ଦୁ
ପ୍ରବାହିତ ଆମ ଦେହେ
ତଥାପି ହିନ୍ଦୁ ଟି ମଣିଷ ମାରିକି
କେମିତି ଶାନ୍ତିରେ ଶୁଏ
ଏମିତି କାହିଁକି ହୁଏ...
ରକ୍ତର ମଣିଷ ରକ୍ତରେ ଖେଳୁଛି
ଆଖି ସିନା ଦେଖୁଥାଏ
କାହାର କି ଅବା ଯାଏ।

■ ଦେବାଶିଷ

# ଜାଲିଆ ସଂସ୍ଥା ପ୍ରତି ଶକ୍ତି ବିଭାଗ ବାବୁଙ୍କ ଅନୁକମ୍ପା

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ରାଜ୍ୟରେ ସୌର ପ୍ରକଳ୍ପ ବସାଇବାକୁ ଆସି ୬୫ କୋଟି ଟଙ୍କାର କାମ ପାଇଁ ଜାଲ୍ କାଗଜପତ୍ର ଦାଖଲ କରି ଧରା ପଡିଥିବା ସଂସ୍ଥା ଏବେ ପୁଣିଥରେ ଓଡିଶା ମୁହାଁ। ସେତେବେଳେ ଏହି ଜାଲ୍ ସଂସ୍ଥାକୁ ଛାଡି ଦେଇଥିବା ବାବୁମାନେ ଏବେ ପୁଣିଥରେ ତାକୁ କାମ ଦେବାକୁ କସରତ ଆରମ୍ଭ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି।

ହୀରା ଜିଟିଡି ୱାର୍କର୍ସ ୟୁନିୟନ ନାମକ ଶ୍ରମିକ ସଂଗଠନ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଦୁଇ ଫର୍ଦ୍ଦର ଅଭିଯୋଗପତ୍ରରେ ଜାଲ୍ କାଗଜପତ୍ର ଦାଖଲ କରିଥିବା ଉଲ୍ଲେଖ କରିଛି । ସଂଘ ଦର୍ଶାଇଛି ଯେ ମହାରାଷ୍ଟ୍ର

### ଦାଖଲ କରିଥିଲା ଜାଲ୍ ପ୍ରମାଣପତ୍ର

### ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସଂଘ ଫେରାଦ

ପୁନେର ବିଭିଜି ଏନର୍ଜି ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥା ଚିପିଲିମାଠାରେ ଜଳାଶୟରେ ୧୦ ମେଗାୱାଟ ସୌର



ପ୍ରକଳ୍ପ ବସାଇବା ପାଇଁ ୬୫ କୋଟି ଟଙ୍କାରେ କାମ ପାଇଥିଲା। ସର୍ବଭାରତୀୟ ସ୍ତରରେ ଏଭଳି ପ୍ରକଳ୍ପ ୫୦ କୋଟି ଟଙ୍କାରୁ କମ୍ ଦରରେ ହୋଇଥାଏ । କିନ୍ତୁ ସର୍ତ୍ତ ମୁତାବକ ଏହି ସଂସ୍ଥା ଯେଉଁ ଅଭିଜ୍ଞତା ପ୍ରମାଣପତ୍ର ବା ଏକ୍ସପେରିଏନ୍ସ ସାର୍ଟିଫିକେଟ ପ୍ରଦାନ କରିଥିଲା, ତାହା ଜାଲ୍ ବୋଲି ଧରାପଡିଯାଇଥିଲା।

ଏହି ପ୍ରକଳ୍ପ ପାଇଁ ଓଡିଶାର ଗ୍ରୀନ ଏନର୍ଜି ଡେଭଲପମେଣ୍ଟ କର୍ପୋରେସନ ଅଫ୍ ଓଡିଶା ଲିମିଟେଡ (ଗେଡକୋଲ) ପକ୍ଷରୁ ୨୦୨୩ ମସିହା ଫେବୃୟାରୀ ମାସରେ ଏହି ଟେଣ୍ଡର ଜାରି ହୋଇଥିଲା। ତେବେ କାମ ହାତେଇଥିବା ବିଭିଜି ଏନର୍ଜି ଛତିଶଗଡରେ କାମ କରିଥିବା ନେଇ ସାଉଥ ଇଷ୍ଟର୍ଣ୍ଣ କୋଲ ଫିଲ୍ଡ ଲିମିଟେଡରୁ ସାର୍ଟିଫିକେଟ ଆଣି ଟେଣ୍ଡର କାଗଜରେ ଦାଖଲ କରିଥିଲା। ସେଠାରେ କମ୍ପାନୀ ୧୦ ମେଗାୱାଟର ସୌରପ୍ରକଳ୍ପ ବସାଇଥିବା ଏଥିରେ ଉଲ୍ଲେଖ ଥିଲା।

ତେବେ ଏ ସଂକ୍ରାନ୍ତରେ ସୂଚନା ଅଧିକାରକର୍ମୀମାନେ ଖୋଳତାଡ କରିବାରୁ ଗେଡକୋଲ କର୍ତ୍ତୃପକ୍ଷ ସତ୍ୟାସତ୍ୟ ଜାଣିବାପାଇଁ ଛତିଶଗଡରେ ଥିବା ସମ୍ପୃକ୍ତ ସାଉଥଇଷ୍ଟର୍ଣ୍ଣ କୋଲ ଫିଲ୍ଡକୁ ଚିଠି ଲେଖିଥିଲେ। ତେବେ ସେଠାରୁ ଯେଉଁ ଉତ୍ତର ଆସିଲା ତାହା ଶକ୍ତି ବିଭାଗର କର୍ତ୍ତୃପକ୍ଷଙ୍କୁ ଏକପ୍ରକାର ଟେରା କରିଦେଲା। କାରଣ ବିଭିଜି କମ୍ପାନୀ ସେଠାରେ କୌଣସି କାର୍ଯ୍ୟ କରିନାହିଁ ଏବଂ ଦାଖଲ କରିଥିବା ସାର୍ଟିଫିକେଟଟି ଜାଲ୍ ବୋଲି ସେମାନେ ସିଧାସିଧା ଜଣାଇ ଦେଇଥିଲେ।

ଏଭଳି ଜାଲିଆତି ➪ପୃଷ୍ଠା-୬




## ସାମ୍ବାଦିକ ସଂଘ ପକ୍ଷରୁ ଓଡ଼ିଶା ଦିବସ

**ସାଲେପୁର,୩୧।୩ (ସଂଚାର ବ୍ୟୁରୋ):** ଗତ ୩୦ ତାରିଖରୁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ଏବଂ ପ୍ରେସ କ୍ଲବ ମିଳିତ ଆନୁକୂଲ୍ୟରେ ସାଲେପୁର ହାଇସ୍କୁଲ ପଡିଆରେ ୧୦ମ ବାର୍ଷିକ ଓଡିଶା ଦିବସ ୨୦୨୫ ପାଳନ କରାଯାଉଅଛି । ଏହି ଉତ୍ସବଟି ୩୦ ମାର୍ଚ୍ଚରୁ ଆରମ୍ଭ ହୋଇ ୧ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବରେ ପ୍ରଥମ ଦିନରେ ସମସ୍ତ ବର୍ଗର ପିଲାଙ୍କ ପାଇଁ ସଂଗୀତ, ନୃତ୍ୟ, ସାଧାରଣ ପ୍ରଶ୍ନ ପ୍ରତିଯୋଗିତା ମାନ କରାଯିବା ପରେ ସନ୍ଧ୍ୟାରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ୍ ରାୟ, ସାଲେପୁର ସାମ୍ବାଦିକ ସଂଘର ସଭାପତି ଶ୍ରୀଯୁକ୍ତ ଅକ୍ଷୟ ଦାଶ, ଓ ସମ୍ପାଦକ ହୃଷିକେଶ ମଲ୍ଲିକ ପ୍ରମୁଖ ଯୋଗଦେଇ ଉତ୍କଳ ଦିବସ ବିଷୟରେ ନିଜ ନିଜର ଅଭିଭାଷଣ ରଖିଥିଲେ ।

## କଟକ ଜିଲ୍ଲା ବିଜେପି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ସାଲେପୁର,୩୧।୩ (ସଂଚାର ବ୍ୟୁରୋ):** ଗତ ଶନିବାର ସନ୍ଧ୍ୟାରେ ସାଲେପୁରର କେଶବ ମଣ୍ଡପ ଠାରେ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଏବଂ ସାଲେପୁର ସ୍ୱାଭିମାନ ମଞ୍ଚର ମିଳିତ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ର ଅଧ୍ୟକ୍ଷ ସନ୍ତୋଷ କୁମାର ରାଉତ ଏବଂ ସାଲେପୁର ସ୍ୱାଭିମାନ ମଞ୍ଚର ସଭାପତି ମନୋରଞ୍ଜନ ରାଉତରାୟଙ୍କ ସହ ସ୍ମୃତି ରଞ୍ଜନ ମହାନ୍ତି, ବରିଷ୍ଠ ବିଜେପି ନେତ୍ରୀ ସାମ୍ବାଦିକା ବିଜୟାଲକ୍ଷ୍ମୀ ଦାଶ, କେଦାର ନାୟକ, ଶଶିଭୂଷଣ ମହାନ୍ତି, ଭିକାରି ସାହୁ ଏବଂ ଶତାଧିକ କର୍ମୀ, ଶ୍ରଦ୍ଧାଳୁ ପ୍ରମୁଖ ଉପସ୍ଥିତ ରହି କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ସଭାରେ ଶ୍ରୀଯୁକ୍ତ ସାହୁ କହିଥିଲେ, ମୁଁ ସବୁବେଳେ ସାଲେପୁରବାସୀଙ୍କ ସହ ଅଛି ଏବଂ ରହିବି ମଧ, ଯେ କୌଣସି ସମୟରେ ଆପଣ ମୋତେ ଡାକିଲେ ମୁଁ ନିଶ୍ଚିନ୍ତ ଭାବେ ଆପଣଙ୍କ ପାଖରେ ପହଞ୍ଚିବି ବୋଲି ଭରସା ଦେଇଥିଲେ। ଏଥିସହ ଟ୍ରଷ୍ଟ ପକ୍ଷରୁ ସାଲେପୁରର ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କୁ ଉତ୍ତରୀୟ ସହ ସମ୍ବର୍ଦ୍ଧନା ଶ୍ରୀଯୁକ୍ତ ମହାନ୍ତି ପ୍ରଦାନ କରିଥିଲେ ।

### ପିସିସି ସଭାପତିଙ୍କ ମାହାଙ୍ଗା ଗସ୍ତ

## ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ କଂଗ୍ରେସ ପ୍ରେମୀ



**ନିଶ୍ଚିନ୍ତକୋଇଲି,୩୧।୩ (ସଂଚାର ବ୍ୟୁରୋ):** ଆଜି ରାଜ୍ୟ ପ୍ରଦେଶ୍ କଂଗ୍ରେସ୍ କମିଟି ନୂତନ ମୁଖିଆ ତଥା ଦଳର ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଥିବା ସମୟରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ୍ ଦଳ ପକ୍ଷରୁ ପ୍ରାକ୍ତନ ପିସିସି ସାଧାରଣ ସମ୍ପାଦକ ତଥା ବର୍ତ୍ତମାନର ପିସିସି ସଭ୍ୟ ମାଲକାନାଗିରି ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀ ପ୍ରଦିପ୍ତ କୁମାର ଦାସଙ୍କ ନେତୃତ୍ୱରେ ଶୁକରପଡା ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଶତାଧିକ କଂଗ୍ରେସ୍ ପ୍ରେମୀ ଶ୍ରୀଯୁକ୍ତ ଦାସଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଉତ୍ତରୀୟ ପ୍ରଦାନ କରିଥିଲେ। ପରେ ଶ୍ରୀଯୁକ୍ତ ଦାସ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତସାରି ଫେରିବା ସମୟରେ ପବିତ୍ର ଇଦ୍ ପର୍ବକୁ ଆଖି ଆଗରେ ରଖି ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ଗ୍ରାମପଞ୍ଚାୟତ ତାବଲିଗ୍ ନଗର ଠାରେ ଥିବା ଜାମିଆଁ ଇସଲାମିଆ ମର୍କଜୁଲ୍ ଉଲୁମ୍ ସୁଙ୍ଗୁଡା କାଜିହାଟ ଇଦ୍ ଘାକୁ ଗସ୍ତ କରିଥିଲେ। ଇସଲାମ୍ ଧର୍ମଗୁରୁ ମଉଲାନା ସୟଦ୍ ନକିବୁଲ ଅମିନଙ୍କ ସମେତ ଶତାଧିକ ମୁସଲମାନ୍ ସମ୍ପ୍ରଦାୟ ଭାଇ ଭଉଣୀ ମାନେ ଶ୍ରିଯୁକ୍ତ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀଯୁକ୍ତ ଦାସ ସମସ୍ତ ମୁସଲମାନ୍ ସଂପ୍ରଦାୟ ଭାଇ ଭଉଣୀ ମାନଙ୍କୁ ପବିତ୍ର ଇଦ୍ ର ବଧାଇ ଜଣାଇ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଲୋକସଭା ପାର୍ଥି ସିଦ୍ଧାର୍ଥ ସ୍ୱରୁପ ଦାସ,ସୁଧାଂଶୁ ଦେଓ,ରମେଶ ସାହୁ,ମନୋଜ ମହାନ୍ତି,ସୁଶିଲ କୁମାର ଲେଙ୍କା,ଗୋପାଳ ସେଠୀ, ଏସ୍.କେ ରିଆଜ୍ ଉଦ୍ଦିନ୍, ରମେଶ ବାରିକ, ଏସ୍.କେ ତୋଫାନି, ଏସ୍.କେ ସଦାମ୍, ଏସ୍.କେ ନବି, ଖୁଦରତ୍ ସୋନା, ଏସ୍.କେ ନହିମ୍, ଏସ୍.କେ ସିରାଜ୍ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ରାଜନଗର,୩୧।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କଣ୍ଡିରାସ୍ଥିତ ବାସୁଦେବ ବିଦ୍ୟାପୀଠରର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ରଥ ଆଜି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଆଜି ବିଦ୍ୟାଳୟର ଶିକ୍ଷକ ଶିଶିର କୁମାର ସାମଲଙ୍କ ପୌରହିତ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅହି କାର୍ଯ୍ୟକ୍ରମରେ ଓଷ୍ଟା ର ବ୍ଲକ ସଭାପତି ମାନସ କୁମାର ମିଶ୍ର, ନୋଡାଲ ପ୍ରଧାନଶିକ୍ଷକ ସୁଭ୍ରଜ କୁମାର ବରାଳ, କଣ୍ଡିରା ପଞ୍ଚାୟତର ସରପଞ୍ଚ ହେମଲତା ମାହୁନ୍ତ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି ଅତିଥି ଭାବେ ଯୋଗଦେଇ ଗୁରୁ ଶିଷ୍ୟର ସମ୍ପର୍କ ଓ ପୂଜ୍ୟପୂଜା ପରମ୍ପରା ଉପରେ ମତବ୍ୟକ୍ତ କରିଥିଲେ। ଅତିଥି ମାନେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ସାରଙ୍କ ଗୁଣାତ୍ମକ ଶିକ୍ଷାଦାନ ପଦ୍ଧତି ଓ ତାଙ୍କର ନିରାମୟ ଅବସର ସମୟ କାମନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ।

### ବଢୁଛି ତାତି

# ବେଆଇନ ଇଟାଭାଟି ଉପରେ ନାହିଁ ଅଙ୍କୁଶ



**ଗରଦପୁର,୩୧।୩ (ସଂଚାର ବ୍ୟୁରୋ):** ଗରଦପୁର ତହସିଲ ଅନ୍ତର୍ଗତ ୨୦କିଲୋମିଟର ବ୍ୟାପି ନଦୀ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ବେଆଇନ ଇଟାଭାଟି ଜଳୁଛି । ଗୁରୁତ୍ୱପୂର୍ଣ୍ଣ ରାସ୍ତା ପାର୍ଶ୍ୱ ଓ ନଦୀବନ୍ଧ ପାର୍ଶ୍ୱରେ ମାଳ ମାଳ ଇଟାଭାଟି ଜଳୁଛି। ପାଟକୁରା ପଂଚାୟତର ଥିବା ସମସରା, ପାଖଡ଼ ପଂଚାୟତର ଥିବା ବିଭିନ୍ନ ଇଟା ଭାଟି,ଗରଦପୁର, କଳାବୁଦା, ଭଗବାନପୁର ଆଦି ଗ୍ରାମଗୁଡ଼ିରେ ଶହ ଶହ ସଂଖ୍ୟାରେ ଦାଦନ ଶ୍ରମିକ ବେଆଇନ ଇଟାଗଡା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ନଦୀରୁ ମିଳୁଥିବା ବାଲି, ନଦୀପଠାରୁ ଉପଲବ୍ଧ ବାଲିଆ ମାଟି ଓ ସ୍ଥାନୀୟ ଶ୍ରମଶକ୍ତିକୁ ଉପଯୋଗ କରି ଇଟା ମାଫିଆମାନେ ବ୍ୟାପକ ଇଟାଗଡା କାର୍ଯ୍ୟ ବର୍ଷ ବର୍ଷ ଧରି ଚଳାଇଛନ୍ତି। ବେଆଇନ ଇଟା ଉପରେ କାର୍ଯ୍ୟାନୁଷ୍ଠାନ ଆଳରେ ଅସାଧୁ ରାଜସ୍ୱ କର୍ମଚାରୀମାନେ ଜରିମାନା ଆଦାୟକୁ ଗୌଣ କରି ବ୍ୟକ୍ତିଗତ ଅର୍ଥ ରୋଜଗାର ଉପରେ ପ୍ରାଧାନ୍ୟ ଦେଉଥିବା ଯୋଗୁଁ ଇଟାଗଡା ଉପରେ ଅଙ୍କୁଶ ଲାଗିପାରୁନି।

ମାଫିଆମାନେ ରାଜନେତାଙ୍କ ପୃଷ୍ଠପୋଷକତା ଲାଭ କରି କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇବାରେ ସଫଳ ମଧ ହେଉଛନ୍ତି। ମାତ୍ର ଗତ ୨ ବର୍ଷ ଧରି ବେଆଇନ ଇଟାଗଡ଼ା ଉପରେ କାର୍ଯ୍ୟାନୁଷ୍ଠାନ ଦାୟିତ୍ୱ ଲଘୁଖଣିଜ ବିଭାଗକୁ ସରକାର ପ୍ରଦାନ କରିଥିଲେ। ଲଘୁଖଣିଜ କାର୍ଯ୍ୟାଳୟ କେବଳ ଜିଲ୍ଲାସ୍ତରରେ ଗୋଟିଏ ରହିଛି। କ୍ଷେତ୍ରୀୟ କର୍ମଚାରୀମାନେ ଯେଉଁ କାର୍ଯ୍ୟ ତୁଲାଇ ପାରୁନଥିଲେ ତାହାକୁ ଲଘୁଖଣିଜ ଜିଲ୍ଲା କାର୍ଯ୍ୟାଳୟ ତୁଲାଇବା ଅସମ୍ଭବ ଥିଲା। ପୂର୍ବରୁ ରାଜସ୍ୱ ନିରୀକ୍ଷକ ଓ ତହସିଲ ଯାହାବି କିଛି ଜରିମାନା ବେଆଇନ ଇଟା ଉପରୁ ଆଦାୟ କରୁଥିଲା ସେତେକ ବି ବନ୍ଦ ହୋଇଗଲା। ଏଭଳି ପରିସ୍ଥିତିରେ ଜିଲ୍ଲା ଲଘୁଖଣିଜ ଅଧିକାରୀ ବେଆଇନ ଇଟାଗଡା କାର୍ଯ୍ୟାନୁଷ୍ଠାନ କେବଳ ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ନେଇପାରିବ ବୋଲି ମତ ରଖି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଛନ୍ତି। ପରସ୍ପର ଉପରୁ ଦାୟିତ୍ୱ ଖସାଇ ଦେବା ସୁଯୋଗରେ ଇଟା ମାଫିଆମାନଙ୍କ ବେଆଇନ ବ୍ୟବସାୟ ଗତ ୨ ବର୍ଷରେ ଦ୍ୱିଗୁଣିତ ହୋଇଛି। ଇଟା ମାଫିଆ ବର୍ଷକୁ ୧୦ ଲକ୍ଷରୁ ଅଧିକ ଟଙ୍କା ଲାଭ ଉଠାଉଥିବା ଜଣାଯାଇଛି। ଏହା ଦ୍ୱାରା ନଦୀ ଉପକୂଳର ପ୍ରାକୃତିକ ପର୍ଯ୍ୟାବରଣ ବିପର୍ଯ୍ୟସ୍ତ ହେବା ସହ ପ୍ରଦୂଷଣ ଓ ତାପାୟନ ବୃଦ୍ଧିର କାରଣ ପାଲଟିଛି।

ସମ୍ପ୍ରତି କେବଳ ରାଜ୍ୟସ୍ତରୀୟ କଡ଼ା ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ସ୍ଥାନୀୟ ପୁଲିସ ବାଧ୍ୟବାଧକତାରେ ବେଆଇନ ବାଲି ପରିବହନ ଉପରେ ଆରମ୍ଭ କରିଥିବା କାର୍ଯ୍ୟାନୁଷ୍ଠାନ କେତୋକାଂଶରେ ଫଳପ୍ରଦ ହୋଇଛି। ମାତ୍ର ବେଆଇନ ଇଟାଗଜା ଉପରେ ସେଭଳି ନିଷ୍ପତ୍ତି ନହଲେ ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ବେଆଇନ ଇଟାଗଡା ଉପରେ ନିୟନ୍ତ୍ରଣ ଆଶା କରିବା ବୃଥା ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଉଛି।

## ଶ୍ରମ କାର୍ଯ୍ୟାଳୟ ଘେରାଉ ପାଇଁ ନିର୍ମାଣ ଶ୍ରମିକ ସଂଘର ଚେତାବନୀ




**ଡେରାବିଶ,୩୧।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସଭାନେତ୍ରୀ କାମିନୀ ମିଶ୍ରଙ୍କ ସଭାପତିତ୍ୱରେ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟକାରୀ କମିଟିର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ସାଧାରଣ ସଂପାଦକ ତଥା ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ନିର୍ମାଣ ଶ୍ରମିକ ମାନଙ୍କ ସମସ୍ୟା ବଢ଼ି ଚାଲିଥିବା ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଥଲେ। ଶ୍ରମ କାର୍ଯ୍ୟାଳୟରେ ଶ୍ରମିକ ମାନେ ଶୋଷଣର ଶିକାର ହେଉଛନ୍ତି। ପ୍ରାୟ ଚାରିବର୍ଷ ହେବ ପାଠପଢା ଅନୁଦାନ ମିଳିନାହିଁ। ସେହିପରି ଯନ୍ତ୍ରପାତି ସହାୟତା ଓ ଝିଅ ବିଭାଘର ଅନୁଦାନ ମିଳୁନଥିବା ବେଳେ ମୃତ୍ୟୁ କାଳୀନ ସହାୟତା ମୃତ୍ୟୁର ୨ ମାସ ମଧରେ ଦିଆଯିବାର ବ୍ୟବସ୍ଥା ଥିଲେ ମଧ ୨ ବର୍ଷ ପରେ ମଧ ମିଳିପାରିନାହିଁ। ସେହିପରି ଅନେକ ସହାୟତା ମିଳୁ ନଥିବା ନେଇ ଶ୍ରୀ ତ୍ରିପାଠୀ କ୍ଷୋଭ ପ୍ରକାଶ କରିବା ସହିତ ଦାବିପୂରଣ ପାଇଁ ଆନ୍ଦୋଳନ ଏକମାତ୍ର ମାଧ୍ୟମ ବୋଲି ଶ୍ରୀ ତ୍ରିପାଠୀ ଘୋଷଣା କରିଥିଲେ। ଅନ୍ୟ ମାନଙ୍କ ମଧରେ ବାହାଲି ଟୁଡୁ,ସେକ ରିଆଜୁଦ୍ଦିନ, ପ୍ରଦୀପ୍ତ ସାମଲ, ନିତ୍ୟାନନ୍ଦ ସାମଲ ଓ ମହେଶ୍ୱର ନାୟକ ପ୍ରମୁଖ ବକ୍ତବ୍ୟ ରଖି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଘେରାଉ ପାଇଁ ଦିନ ଧାର୍ଯ୍ୟ କରିବା ପାଇଁ ଶ୍ରୀ ତ୍ରିପାଠୀଙ୍କୁ ନିବେଦନ କରିଥିଲେ। ଶେଷରେ ମନୋଜ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



### ଖରା ଆରମ୍ଭରୁ ଶୁଖି ଯାଉଛି ନଦୀଗର୍ଭ

## ଗ୍ରାମାଞ୍ଚଳରେ ଦେଖା ଗଲାଣି ଜଳ କଷ୍ଟ

**କେନ୍ଦ୍ରାପଡା,୩୧।୩ (ସଂଚାର ବ୍ୟୁରୋ):** କାଳବୈଶାଖୀ ବର୍ଷା ପରେ ପୁଣି ଫେରିଛି ଖରା । ୩ ରୁ ୪ଦିନ ଖରାରୁ ସାମାନ୍ୟ ଆଶ୍ୱସ୍ତି ମିଳିବା ପରେ ଏବେ ପୁଣି ଟାଣ ଖରା ବଢ଼ିଲାଣି। ଗ୍ରୀଷ୍ମ ଋତୁ ଛୁଇଁବା ପୂର୍ବରୁ କେନ୍ଦ୍ରାପଡାରେ ଗ୍ରୀଷ୍ମପ୍ରବାହ ଦେଖାଗଲାଣି। ସକାଳ ୮ଟା ପରଠୁ ଖରାର ପ୍ରକୋପ ବଢ଼ି ଯାଉଥିବାରୁ ଲୋକେ ଘରୁ ବାହାରିବାକୁ ଭୟ କଲେଣି । ଦିନରେ ତାପମାତ୍ରା ଅଧିକ ରହୁଥିବାରୁ ଛକ ବଜାର ପ୍ରାୟ ଖାଲି ହୋଇଯାଉଛି। ଖରା ବଢୁଥିବାରୁ ଜନଗହଳି ପୂର୍ଣ୍ଣ ସ୍ଥାନରେ ଲୋକେ ପିଇବାପାଣି ପାଇଁ ତହଲବିକଳ ହେଉଛତି। ବିଭିନ୍ନ ସମୟରେ ପାଣି ସମସ୍ୟା ଦେଖାଯାଉଛି। ଖାଲି ଏତିକି ନୁହେଁ କେନ୍ଦ୍ରାପଡ଼ା ଜିଲ୍ଲାରେ ବହୁଥିବା ଅନେକ ନଈରେ ପାଣି ମଧ ଶୁଖୁବା ଆରମ୍ଭ କଲାଣି। କେନ୍ଦ୍ରାପଡା ଜିଲ୍ଲାର ପ୍ରମୁଖ ନଦୀ ପାଇକା, କରାଣ୍ଡିଆ,ଲୁଣା,ଚିତ୍ରୋତ୍ପଳା, ଖରସ୍ରୋତା,ବ୍ରାହ୍ମଣୀ,ନଦୀରେ କିଛି ବର୍ଷ ହେବ ସ୍ରୋତ ବହୁତ କମ୍ ରହୁଛି। ଅନ୍ୟଦିନେ ଧାର ବହୁଥିବା ବେଳେ ଗ୍ରୀଷ୍ମଋତୁ ଅଧିକ ରହୁଥିବାରୁ ବିଭିନ୍ନ ପ୍ରକଳ୍ପ ମାଧମରେ ଏହି ନଦୀର ଜଳକୁ ବ୍ୟବହାର କରାଯାଉଛି। ହେଲେ କିଛି ବର୍ଷ ହେବ ଏହି ନଦୀରେ ମଧ ପାଣିର ସ୍ତର କମି କମି ଯାଉଛି। କେନ୍ଦ୍ରାପଡା ଜିଲ୍ଲାର ଅନ୍ୟ ଏକ ପ୍ରମୁଖ ନଦୀ ଚିତ୍ରୋତ୍ପଳା ଅବସ୍ଥା ମଧ ସମାନ। ଗରଦପୁର ନିକଟରେ ପାଣି ସ୍ତର ବହୁତ କମ୍ ରହୁଥିବା ବେଳେ ଜୁଆର ଆସିବା ପରେ ଶୁଖି ଯାଉଛି। ନଦୀଗର୍ଭରେ କେବଳ ବାଲି ଆଉ ଖରିବୁଦା ଦେଖୁବାକୁ ମିଳୁଛି। କଟକ ନିଶ୍ଚିତକୋଇଲି ବ୍ଲକ୍ ଅଞ୍ଚଳର ଠାରୁ ମାର୍ଶାଘାଇ ଯାଏ ନଦୀ ମୃତ ଅବସ୍ଥାକୁ ଚାଲି ଗଲାଣି। ଖରାଦିନ ଏବେ ଆରମ୍ଭ ହେଉଥିବାରୁ ନଦୀରେ ଜଳ କମୁଥିବା ଦେଖୁବାକୁ ମିଳୁଛି। ଖାଲି ସେତିକି ନୁହେଁ ଏହାର ପ୍ରମୁଖ ଶାଖା କରାଣ୍ଡିଆ ନଦୀ ସ୍ରୋତ ପାର୍ଶ୍ୱରୁ ନଦୀଗର୍ଭ ସଂପୂର୍ଣ୍ଣ ଶୁଖିଲା ପଡ଼ିଥିବା ଦେଖୁବାକୁ ମିଳିଛି। ଏହାର ଶାଖା ଲୁଣା ନଦୀ କଥା ନକହିବା ଭଲ। କେବଳ ଏତିକି ନୁହେଁ କେନ୍ଦ୍ରାପଡା ଜିଲ୍ଲା ଦେଇ ବହି ଯାଉଥିବା ଅନ୍ୟ ନଦୀ ଓ ନାଳଗୁଡ଼ିକର ଅବସ୍ଥା ଧୀରେ ଧୀରେ ସଂଗିନ ହେଉଛି। ନଦୀଗୁଡ଼ିକ କିପରି ଚୀରସ୍ରୋତା ହେବ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନେବାର ସମୟ ଆସିଛି। କେବଳ ସେତିକି ନୁହେଁ ନଦୀଗର୍ଭ ଶୁଖୁ ଯାଉଥିବା ବେଳେ ନଳକୂପରୁ ମଧ ପାଣି ବାହାରୁ ନାହିଁ । ମାର୍ଶାଘାଇ, ମହାକାଳପଡା,ଗରଦପୁର,ରାଜନଗର,ପଟ୍ଟାମୁଣ୍ଡାଇ ବ୍ଲକରେ ଜଳସମସ୍ୟା ଉତ୍କଟ ହେଲାଣି। ମାତ୍ର ଅଧିକାଂଶ ସ୍ଥାନରେ ଟ୍ୟାଙ୍କର ଯେଗେ ଲୋକଙ୍କ ପାଖରେ ପାଣି ପହଞ୍ଚି ପାରିନି। ସରକାରଙ୍କ ତରଫରୁ ଗ୍ରାମାଞ୍ଚଳରେ ଥିବା ନଳକୂପ ଗୁଡ଼ିକର ମରାମତି କରିବା ପାଇଁ ଯୋଜନା ରହିଥିଲେ ମଧ ପ୍ରଶାସନ ପକ୍ଷରୁ ସେଥିପ୍ରତି ମଧ ଗୁରୁତ୍ୱ ଦିଆଯାଉ ନାହିଁ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କିନ୍ନର ଦିବସ




**କେନ୍ଦ୍ରାପଡା,୩୧।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ କିନ୍ନର ଦିବସ ପାଳନ ହୋଇ ଯାଇଛି । ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ଅୟୋଜିତ ଏହି ଦିବସରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଅଧକ୍ଷତା କରିଥିଲେ । ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ଡାକ୍ତର ପ୍ରଦିପ ଦାସ, ଡିଏସଏସଓ ରୁପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ଦାସଙ୍କ ସହ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ବସବାସ କରୁଥିବା କିନ୍ନର ମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କର ଆବଶ୍ୟକ ଓ ଆଇନ ର ସହାୟତା ସଂପର୍କରେ ଆଲୋଚନା କରିଥିଲେ । ରାଜ୍ୟର ସମସ୍ତ କିନ୍ନର ମାନଙ୍କ ପଇଁ ସମାନ ସୁବିଧା, ସମାନତା, ସାମାଜିକ ନ୍ୟାୟ ଓ ସଶକ୍ତି କରିଣ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା, ସମାଜର ସମସ୍ତ ବର୍ଗର ବ୍ୟକ୍ତି ମାନଙ୍କ ମଧରେ କିନ୍ନର ମାନଙ୍କ ସାମାଜିକ ଐକିକରଣ ନିମନ୍ତେ ସ୍ୱେଚ୍ଛାକୃତ ଭାବେ ଆଗ୍ରହ ସୃଷ୍ଟି କରିବା, ବିଭିନ୍ନ କ୍ଷେତ୍ରରେ କିନ୍ନର ମାନଙ୍କ ନିଯୁକ୍ତି, ଆତ୍ମ ନିଯୁକ୍ତି ଓ ଅନ୍ୟାନ୍ୟ ସାମାଜିକ ଶିକ୍ଷଣ ନିମନ୍ତେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପ୍ରଚେଷ୍ଟା କରିବା ସଂପର୍କରେ ବିସ୍ତୃତ ଭାବେ ଆଲୋନା କରା ଯାଇଥିଲା । ଆନ୍ତର୍ଜାତୀୟ କିନ୍ନର ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା କୁ ଅତିରିକ୍ତ ଜିଲ୍ଲପାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଶୋଭାଯାତ୍ରା ଟି ସହର ପରିକ୍ରମା କରି କିନ୍ନର ମାନଙ୍କର ଅଧିକାର ସଂପର୍କରେ ସ୍ଲୋଗାନ ଦେଇଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅସିଥିବା କିନ୍ନର ମାନଙ୍କ ମଧରୁ ୨ ଜଣ କିନ୍ନରଙ୍କୁ ଜିଲ୍ଲା ପ୍ରଶାସନ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

## ବିଧାୟକ ଦେବେନ୍ଦ୍ରନାଥ ଶର୍ମାଙ୍କ ସ୍ମୃତିସଭା



**ଆଳି,୩୧।୩ (ସଂଚାର ବ୍ୟୁରୋ):** ଆଳିର ପୂର୍ବତନ ବିଧାୟକ, ଦିବଂଗତ ଲଢୁଆ ନେତା ସ୍ୱର୍ଗତ ଦେବେନ୍ଦ୍ର ନାଥ ଶର୍ମାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଆଳି ନିଆଳରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ବରିଷ୍ଠ ବିଧାୟକ ସୁର ରାଉତରାୟ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ପ୍ରତାପ କେଶରୀ ଦେବ, ବ୍ୟୋମକେଶ ରାୟ, ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଲେଖ ଜେନା, ବରିଷ୍ଠ କଂଗ୍ରେସ ନେତା ପଦ୍ମକର ଗୁରୁ, ସିଦ୍ଧାର୍ଥ ରାଉତରାୟ, ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗ ଦେବା ସହ ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ, ପୂର୍ବତନ ବିଧାୟକଙ୍କ ସମେତ ବହୁ ପୁରୁଖା ରାଜନେତା ଓ ସାଧାରଣ ଲୋକ ଯୋଗଦେଇ ଦେବେନ୍ଦ୍ରଙ୍କ ଫଟୋରେ ପୁଷ୍ପ ମାଲ୍ୟା ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ।

## ବାହାବଳପୁରରେ ଭାତୃଭାବର ପର୍ବ ଇଦ୍ ପାଳିତ



**ନିଶ୍ଚିନ୍ତକୋଇଲି,୩୧।୩ (ସଂଚାର ବ୍ୟୁରୋ):** ଜିଗ୍ନୀପୁର ଗ୍ରାମପଞ୍ଚାୟତ ବାହାବଳପୁର ଠାରେ ଥିବା ବରେଲି ମସଜିଦ୍‌ରେ ତ୍ୟାଗ ଓ ଭାତୃଭାବର ପର୍ବ ଇଦ୍ ପର୍ବ ଆନନ୍ଦ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ମୌଲାନା ସରତାଜ ରାଜା ଅହମ୍ମଦଙ୍କ ଅଧକ୍ଷତାରେ ଏକ ହଜାରରୁ ଉର୍ଦ୍ଧ୍ୱ ଇସଲାମ ଧର୍ମାଲମ୍ବୀ ମାନଙ୍କୁ ସମୂହ ନମାଜ ପାଠ କରାଯାଇଛି ।

ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଏକ ମାସ ଧରି ରୋଜା ରଖାଯିବା ପରେ ଆଜିର ଶେଷ ଦିବସରେ ସମାଜର ମଙ୍ଗଳ କାମନା କରି ସମୂହ ଆଲ୍ଲାଙ୍କୁ ପ୍ରାର୍ଥନା କରିଛନ୍ତି। ପ୍ରତ୍ୟେକ ଲିବାରରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କ ସହ ମିଶି ଆନନ୍ଦ ଉଲ୍ଲାସରେ ଉତ୍ସବ ପାଳନ କରିଛନ୍ତି । ଗାଁ ସର୍ଦ୍ଦାର ସକ୍ ଅଲ୍ଲିମୁଦ୍ଦିନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଟକ ଜିଲ୍ଲା ବିଜେଡ଼ି ସଂଖ୍ୟାଲଘୁ କମିଟିର ଉପସଭାପତି ଜାକିର ଖାଁ, ଅବଦୁଲ ରଜାକ ଖାଁ, ସମାଜସେବୀ ସେକ୍ ନୁର ଉଦ୍ଦିନ୍, ଶିକ୍ଷାବିତ୍ ସେକ୍ ଜହୁରୁଦ୍ଦିନ୍, ରାକିବ ଖାଁ,ଯୁବନେତା କସୁର ଖାଁ, ଏସ୍ କେ କାଫିର୍ ଉଦ୍ଦୀନ୍, ପରୱେଜ୍ ମହୋମ୍ମଏଦ୍, ଏସକେ ଆଜିମଉଦ୍ଦିନ୍, ରେକିବ୍ ଖାନ୍, ଏସକେ ଦାରୀସ୍, ଏସକେ ହାଫିଜ୍ ଉଦିନ୍, ଏସକେ ସଫରଉଦିନ୍ ପ୍ରମୁଖ ଯୋଗ ଦେଇ ଇସଲାମ ଧର୍ମ ସଂକ୍ରାନ୍ତରେ ଚର୍ଚ୍ଚା ଓ ଆଲୋଚନା କରିଥିଲେ।

# ଦିବ୍ୟାଙ୍ଗ ଲକ୍ଷ୍ମୀପ୍ରିୟାଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା ସହ ପକ୍କାଘର କାର୍ଯ୍ୟାଦେଶ



**ସଂଚାରର ପ୍ରଭାବ**

**ମହାକାଳପଡ଼ା,୩୧।୩ (ସଂଚାର ବ୍ୟୁରୋ):** ଦୈନିକ ଖବରକାଗଜ ସଂଚାରରେ ଜଣେ ଅସହାୟ ପରିବାରର ସମସ୍ୟା ନେଇ ନିରନ୍ତର ଘନଘନ ଖବର ପ୍ରସାରଣ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ର ଉଦ୍ୟମ ଫଳରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। ଖବରର ପ୍ରଭାବ ଏମିତି ମାତ୍ରାରେ ପଡିଲା ଯେ, ସମସ୍ତ ବିଭାଗ ହିତାଧିକାରୀଙ୍କ ପାଖରେ ପହଞ୍ଚି ସମସ୍ୟା ବୁଝିବାକୁ ପହଞ୍ଚିଲେ। ଯେଉଁ ହିତାଧିକାରୀ ମାନଙ୍କ ଦୁଃଖ ଲୋକପ୍ରତିନିଧିଙ୍କ ନଜରକୁ ଆସୁନଥିଲା ତାହା ସଂଚାର ମାଧମରେ ଲୋକଲୋଚନକୁ ଆସିବା ପରେ ତାଙ୍କର ସମସ୍ତ ସୁବିଧା ହାତ ପାହାନ୍ତାରେ ପହଞ୍ଚିଛି। ନୂଆ ଆଧାର କାର୍ଡ ହୋଇଛି, ଭିନ୍ନକ୍ଷମ ପ୍ରମାଣପତ୍ର, ରାସନ୍ ଚାଉଳ ହୋଇ ସାରିଛି। ସରକାରଙ୍କ ବର୍ଦ୍ଧିତ ଭତ୍ତା ଓ ପକ୍କାଘର ପାଇଁ କାର୍ଯ୍ୟାଦେଶ ମଧ ପ୍ରଦାନ କରିଛି ପ୍ରଶାସନ।

ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ବାଲିସୁଆଁ ଗ୍ରାମର ବିଧବା ସତ୍ୟଭାମା ରାଉତ(୭୦ ବର୍ଷ) ଓ ତାଙ୍କ ୪୦ ବର୍ଷୀୟ ଝିଅ ଲକ୍ଷ୍ମିପ୍ରିୟା ରାଉତ ଗୋଟିଏ ଭଙ୍ଗା ଦଦରା କୁଡ଼ିଆରେ ଜୀବନ କାଟୁଛନ୍ତି। ଲକ୍ଷ୍ମିପ୍ରିୟା ଜଣେ ଶାରୀରିକ ଓ ମାନସିକ ଭିନ୍ନକ୍ଷମ ମହିଳା। ଘୁଷୁରି ଘୁଷୁରି ଚାଲୁଛି। ମାଆ ଖୁଆଇ ଦେଲେ ପାଟିକୁ ମୁଠାଏ ଦାନା ଯାଉଛି। ମୁଣ୍ଡ ହଲୁଛିଯେ ସ୍ଥିର ହେଉନି। ପାଟିରୁ ବୋହୁଛି ଲାଳ। ଏମିତି ଅବସ୍ଥାରେ ଲକ୍ଷ୍ମିପ୍ରିୟାଙ୍କୁ ନେଇ ସତ୍ୟଭାମା ଅଭାବ ଅନଟନ ଭିତରେ ଯନ୍ତ୍ରଣାଦାୟକ ଜୀବନ କାଟିବା ସହ ଆବାସ ଯୋଜନା ତାଙ୍କ ପାଇଁ ଅପହଞ୍ଚ ହୋଇ ରହିଥିଲା। ସବୁଠାରୁ ବଡ଼ କଥା ହେଉଛି କି ପାଗଳି ଝିଅ ଲକ୍ଷ୍ମିପ୍ରିୟାର ଆଧାର କାର୍ଡ ନଥିବାରୁ ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ମିଳି ପାରୁନଥିଲା। ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଡିଲର ମଧ ରାସନ୍ ଚାଉଳ ଦେବାକୁ ମନା କରିଦେଲା। ସତ୍ୟଭାମାଙ୍କ ନାମରେ ମାସକୁ ମିଳୁଥିବା ୫ କିଲୋ ଚାଉଳରେ ପରିବାର ପ୍ରତିପୋଷଣ କେମିତି କରିବେ ସେନେଇ ଚିନ୍ତାରେ ଥିଲେ ସତ୍ୟଭାମା। ଝିଅର ରାସନ୍ ଚାଉଳ ଓ ଘରଟିଏ ପାଇଁ ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ନେତାଙ୍କୁ ଗୁହାରି କରି କରି ଥକି ପଡ଼ିଲେ ହେଲେ ତାଙ୍କ ଗୁହାରି ଶୁଣି ସମସ୍ତେ ନିରବ ରହିଲେ। ଶେଷରେ ସେ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନାଙ୍କ ଅଗରେ କୋହଭରା ସ୍ୱରରେ ସେ ତାଙ୍କର ଦୁଃଖ ବଖାଣିଥିଲେ। ସଂଚାରରେ ଏନେଇ ଖବର ପ୍ରକାଶ ପରେ ସମଗ୍ର ଜିଲ୍ଲାରେ ହଟଚମଟ ଆରମ୍ଭ ହେଲା। ଖବରର ଗୁରୁତ୍ୱକୁ ନେଇ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ସରକାରଙ୍କ ବ୍ୟବସ୍ଥା ଓ ଜନପ୍ରତିନିଧିଙ୍କ ପାରିବା ପଣିଆକୁ ସମାଲୋଚନା କରିଥିଲେ।

ଘଟଣାର ପ୍ରଭାବ ଏତେ ମାତ୍ରାରେ ପଡ଼ିଲାଯେ ଘଟଣା ସ୍ଥଳକୁ ଖୋଦ୍ ଜିଲ୍ଲାପାଳ ଓ ବିଧାୟକଙ୍କୁ ଯିବାକୁ ପଡ଼ିଲା। ଜିଲ୍ଲାପାଳ ଓ ବିଧାୟକଙ୍କ ଉପସ୍ଥିତିରେ ଲକ୍ଷ୍ମିପ୍ରିୟାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ସହିତ ସରକାରଙ୍କ ବର୍ଦ୍ଧିତ ୩୫୦୦ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିଲା। ସମସ୍ତ ଅପହଞ୍ଚ ସୁବିଧା ମିଳିବା ପରେ ଆଜି ରାଜ୍ୟ ସରକାରଙ୍କ ନୂତନ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଜି ଲକ୍ଷ୍ମିପ୍ରିୟାଙ୍କୁ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବିଧବା ସତ୍ୟଭାମା ଓ ଲକ୍ଷ୍ମିପ୍ରିୟାଙ୍କ କଷ୍ଟ ଲାଘବ ହୋଇଛି। ଯେଉଁଥିପାଇଁ ସଂଚାରକୁ ସାଧୁବାଦ ଜଣାଉଛନ୍ତି ଅଞ୍ଚଳବାସୀ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ



**ରାଜନଗର,୩୧।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବେଲପାଳସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ୍ୟା କେନ୍ଦ୍ରର ଚତୁର୍ଦ୍ଦଶ ତମ ବାର୍ଷିକ କ୍ରୀଡା ଓ ସଂସ୍କୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗରର ବିଧାୟକ ଧ୍ରୁବ ଚରଣ ସାହୁ ଯୋଗଦେଇ କୁନି କୁନି ପିଲାମାନଙ୍କୁ ଗଳ୍ପ ମାଧ୍ୟମରେ ବହୁ ଉପାଦେୟ କଥା କହିବା ସହିତ ଆଜିର ପ୍ରତିଯୋଗିତା ମୂଳକ ସମୟରେ କେମିତି ପିଲାମାନଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ ସେ ସମ୍ପର୍କରେ ଅବିଭାବକମାନଙ୍କୁ କହିଥିଲେ। ଏଥି ସହିତ ସହିତ ପରମ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତଥା ଶିକ୍ଷା କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ୟୁ. କେ. ମହାବୀର ମହାବିଦ୍ୟାଳୟ ମଦନପୁରର ଇଂରାଜୀ ଅଧାପକ ଶୁଭକାନ୍ତ ନାୟକ ମୁଖ୍ୟ ବକ୍ତା ଓ ସମ୍ମାନୀତ ଅତିଥି ଭାବେ ଆଳି ଓ ରାଜକନିକାର ବ୍ଲକ ଶିକ୍ଷା ଅଧିକାରୀ ନଳିନୀ କାନ୍ତ ରାଉତରାୟ, ଅବସରପ୍ରାପ୍ତ ଶିକ୍ଷକ ଅଧିକାରୀ ସ୍ୱାଇଁ, ଓସ୍ତିଆର ପୂର୍ବତନ ସରପଞ୍ଚ ପତିତପାବନ ପଣ୍ଡା, ଆତ୍ମାର ସଭାପତି ଗୋବର୍ଦ୍ଧନ ପ୍ରଧାନ, ଯୁବ ନେତା ନରେନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ କୈଳାଶ ପରିଡା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷା କେନ୍ଦ୍ରର କୁନି କୁନି ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ।

# ମହାପ୍ରଭୁଙ୍କ ଦୈନନ୍ଦିନ ସେବାରେ ନିୟୋଜିତ ସେବକ ନେବେ ପ୍ରଶିକ୍ଷଣ

**ପୁରୀ,୩୧।୩ (ସଂଚାର ବ୍ୟୁରୋ) :** ମହାପ୍ରଭୁଙ୍କ ଦୈନନ୍ଦିନ ସେବାକୁ ଆହୁରି ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୋମବାର ଏକ ବଡ଼ ପଦକ୍ଷେପ ନିଆଯାଇଛି। ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଆସନ୍ତା ୪ ଓ ୫ତାରିଖରେ ପୁରୀ ନୀଳାଦ୍ରି ଭକ୍ତ ନିବାସ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଶିବିରରେ ମହାପ୍ରଭୁଙ୍କ ଦୈନନ୍ଦିନ ସେବାରେ ନିୟୋଜିତ ସେବକମାନେ ଯୋଗଦେବେ। ଶିବିର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ଚାଲିବ। ଏନେଇ ୨ତାରିଖ ଅପରାହ୍ନ ୫ଟା ମଧ୍ୟରେ ସେବକମାନେ ନିଜ ନାମ ପଞ୍ଜୀକରଣ କରିପାରିବେ। ଏନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି।

# ମରାମତି କାମ ଶେଷ: ଟ୍ରାକ୍‌ରେ ଗଡ଼ିଲା ଟ୍ରେନ୍

**କଟକ,୩୧।୩ (ସଂଚାର ବ୍ୟୁରୋ) :** ବେଙ୍ଗାଲୁରୁରୁ କାମାକ୍ଷା ଅଭିମୁଖେ ଯାଉଥିବା କାମାକ୍ଷା ଏକ୍ସପ୍ରେସ୍ କଟକ ଜିଲା ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ରବିବାର ଲାଇନ୍‌ଚ୍ୟୁତ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟ୍ରେନ୍‌ର ୧୧ଟି ବଗି ଟ୍ରାକ୍‌ରୁ ବାହାରି ଯାଇଥିଲା। ଦୁର୍ଘଟଣାରେ ୧୬ଜଣ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସେଠାରେ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଉକ୍ତ ଲାଇନ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ଦୀର୍ଘ ଘଣ୍ଟା ପରେ ମରାମତି କାମ ଶେଷ ହେବା ପରେ ସୋମବାର ସମ୍ପୃକ୍ତ ଟ୍ରାକ୍‌ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଛି । ଟ୍ରାକ ମରାମତି କାମରେ ପ୍ରାୟ ୨୦୦ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଥିଲେ। ଏପରିକି ୪ଟି ଜେସିବି ମେଶିନ ନିୟୋଜିତ ହୋଇଥିଲା। ଅନ୍ୟପକ୍ଷେ ବିଭାଗ



ପକ୍ଷରୁ ଟ୍ରେନ୍ ଦୁର୍ଘଟଣାର କାରଣ ଖୋଜା ଚାଲିଛି। ନିଗୁଣ୍ଡି ଷ୍ଟେସନର ଦୁର୍ଘଟଣାସ୍ଥଳରେ କମିଶନର ଅଫ ରେଲୱେ ସେଫ୍ଟି ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କାହିଁକି ଟ୍ରେନ୍ ଦୁର୍ଘଟଣା ଘଟିଲା ?, ଦୁର୍ଘଟଣା ପଛର କାରଣ ଖୋଜିଛନ୍ତି ସିଆରଏସ ଅଧିକାରୀ।

# ଓଡ଼ିଶାକୁ ବିଶ୍ୱ ଶକ୍ତିକେନ୍ଦ୍ରରେ ପରିଣତ କରିଛି ବେଦାନ୍ତ

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ଓଡ଼ିଶା ଅନେକ ସଫଳତାର ରାଜ୍ୟ। ଏହାର ଖଣିଜ-ସମୃଦ୍ଧ ଭଣ୍ଡାର ରାଜ୍ୟକୁ ଦେଶର ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ରରେ ପରିଣତ କରିଛି। ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଶିଳ୍ପ ଇକୋସିଷ୍ଟମ। ଏହି ସଫଳତା ପ୍ରଗତିଶୀଳ ବ୍ୟବସାୟିକ ପରିବେଶ, ପ୍ରଚୁର ସମ୍ବଳ ଓ କୁଶଳୀ ମାନବ ପୁଞ୍ଜି ଯୋଗୁ ହାସଲ ହୋଇପାରିଛି। ଏଥିରେ ବେଦାନ୍ତ ମଧ୍ୟ ଯଥାସାଧ୍ୟ ଅବଦାନ ଜାରି ରଖିଛି। ବିଶେଷକରି ଦେଶର ପ୍ରଥମ ମହିଳା ପରିଚାଳିତ ପଟଲାଇନ ମାଧ୍ୟମରେ ଦକ୍ଷତା ବିକାଶ ସହ ସ୍ଥାୟୀ ଅଭିବୃଦ୍ଧି ହାସଲ କରିଚାଲିଛି ବୋଲି ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି। କମ୍ପାନୀ ଏହାର ସର୍ବବୃହତ୍ ନିବେଶ ଭାବେ ୧ ଲକ୍ଷ କୋଟି ଟଙ୍କା ଖଟାଇବାକୁ ନିଷ୍ପତ୍ତି ନେଇ ଦେଶର ଶିଳ୍ପ ବିପ୍ଳବରେ ଓଡ଼ିଶାର ସାମର୍ଥ୍ୟ ଉପରେ ଆସ୍ଥା ପ୍ରକଟ କରିଛି ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ ଆଲୁମିନିୟମକୁ ଭବିଷ୍ୟତର 'ଧାତୁ' ଭାବେ ସର୍ବତ୍ର ପ୍ରଶଂସା କରାଯାଉଛି। ସବୁଜ ପ୍ରଯୁକ୍ତିରେ ଧାତୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ବେଳେ ଏହା ଭାରତର ଶୂନ୍ୟ ଅଙ୍ଗାରକାମ୍ଳ ଯାତ୍ରାକୁ



ଶକ୍ତିଶାଳୀ କରିବ। ଇଣ୍ଡିଆନ୍ ମିନେରାଲସ୍ ଇୟରବୁକ୍-୨୦୨୧ ଅନୁଯାୟୀ, ଦେଶର ବକ୍ସାଇଟ୍ (ଆଲୁମିନିୟମ୍ ଧାତବ) ସମ୍ବଳର ୪୧ ପ୍ରତିଶତ ଓଡ଼ିଶାରେ ମହଜୁଦ ରହିଛି। ତେଣୁ ରାଜ୍ୟ ବିଶ୍ୱ ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳା ପାଇଁ ଏକ ଅତ୍ୟାବଶ୍ୟକ ହବ୍‌ରେ ପରିଣତ ହୋଇଛି। ଭାରତ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ ହେବା ସହ ଆଲୁମିନିୟମର ଚାହିଦା ଯଥେଷ୍ଟ ଅଧିକ ହେବ। ଏହି ସୁଯୋଗର ଫାଇଦା ନେବାକୁ ମଧ୍ୟ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଝାରସୁଗୁଡ଼ାରେ ବେଦାନ୍ତର ବାର୍ଷିକ ୧୮ ଲକ୍ଷ ଟନ୍ (ଏମଟିପିଏ) ସ୍ମେଲ୍ଟର ସୁବିଧା ବିଶ୍ୱର ସର୍ବବୃହତ ଏବଂ ସମ୍ମାନଜନକ ବିଶ୍ୱସ୍ତରୀୟ ୧ ନିୟୁତ ଟନ୍ କ୍ଲବରେ ଏକମାତ୍ର ଭାରତୀୟ କମ୍ପାନୀ। କମ୍ପାନୀ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ବିଶ୍ୱସ୍ତରୀୟ ୩.୫ ଏମଟିପିଏ ଆଲୁମିନା ବିଶୋଧନାଗାର ମଧ୍ୟ ପରିଚାଳନା କରୁଛି। ଏହାଛଡ଼ା ବେଦାନ୍ତ ଓଡ଼ିଶାର ଅନେକ ଜିଲ୍ଲାରେ ଖଣି ଖନନ କାର୍ଯ୍ୟ ମଧ୍ୟ ଆରମ୍ଭ କରିଛି, ଯାହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ଗୁପ୍ତା କହିଛନ୍ତି।

ସେହିପରି ଗତ ଉତ୍କର୍ଷ ଓଡ଼ିଶା ଗ୍ଲୋବାଲ ଇନଭେଷ୍ଟମେଣ୍ଟ କନକ୍ଲେଭରେ ବେଦାନ୍ତ ପକ୍ଷରୁ ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସକାଶେ ୧ ଲକ୍ଷ କୋଟି ଟଙ୍କା ନିବେଶ ଘୋଷଣା କରାଯାଇଛି। ଏହି ରାଜିନାମା ବଳରେ ଝାରସୁଗୁଡ଼ାରେ ୩ ଏମଟିପିଏ ଆଲୁମିନିୟମ ପ୍ଲାଣ୍ଟ ଓ ଏକ ଅତ୍ୟାଧୁନିକ ଆଲୁମିନିୟମ ପାର୍କର ବିକାଶ କରାଯିବ। ୨୫୩ ଏକର ଜମିରେ ପରିବ୍ୟାପ୍ତ ଏହି ପାର୍କ ୧୦୦ରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଏମ୍‌ଏସ୍‌ଏମ୍‌ଇକୁ ଆକୃଷ୍ଟ କରିବ। ଏହା ୨ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବେଦାନ୍ତ ଆଲୁମିନିୟମ କ୍ରୀଡ଼ା, ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ଓ ସାଂସ୍କୃତିକ ବିକାଶ ଭଳି ପ୍ରମୁଖ କ୍ଷେତ୍ର ଉପରେ ମଧ୍ୟ ଧ୍ୟାନ ଦେଉଛି। ୫୩୧ ନନ୍ଦ ଘର ପ୍ରତିଷ୍ଠା ଗ୍ରାମୀଣ ବିକାଶରେ ଏହାର ଏକ ପ୍ରମୁଖ ପଦକ୍ଷେପ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲାଞ୍ଜିଗଡ଼ର ବେଦାନ୍ତ ଡାକ୍ତରଖାନା ବାର୍ଷିକ ୬୭ ହଜାରରୁ ଅଧିକ ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା ଦେଇଆସୁଛି। ସେହିପରି ଝାରସୁଗୁଡା ସ୍ମେଲ୍ଟର ପ୍ଲାଣ୍ଟରେ ସମ୍ପୂର୍ଣ୍ଣ ମହିଳା ପରିଚାଳିତ ପଟଲାଇନ ରହିଛି, ଯାହା ଦେଶର ଆଲୁମିନିୟମ ଶିଳ୍ପ କ୍ଷେତ୍ରରେ ସର୍ବପ୍ରଥମ। 'ଶ୍ରୀ ଶକ୍ତି' ପ୍ରକଳ୍ପ ଜରିଆରେ ବେଦାନ୍ତ ରାଜ୍ୟର ପ୍ରଥମ କମ୍ପାନୀ ଭାବେ ମହିଳାମାନଙ୍କୁ ରାତ୍ରିକାଳୀନ କାର୍ଯ୍ୟରେ ନିୟୋଜିତ କରିଛି।

## ଓପିଏସ୍‌ସି ପ୍ରଶ୍ନପତ୍ରରେ ତ୍ରୁଟି, ଗ୍ରେସ ମାର୍କ ଦାବିକଲେ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୩୧।୩ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଓପିଏସ୍‌ସି ପରିଚାଳିତ ଲୋକସମ୍ପର୍କ ଅଧିକାରୀପରୀକ୍ଷାର ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଯାଇଛି । ଅଭିଯୋଗ ହୋଇଛି ଯେ ସାମ୍ବାଦିକତା ଓ ଗଣଯୋଗାଯୋଗ ପତ୍ରରେ ପ୍ରଶ୍ନରେ ତ୍ରୁଟି ରହିଥିବା ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି। ୯୪ ନମ୍ବର ପାଇଁ ପ୍ରଶ୍ନ ପଚରାଯାଇଥିଲା, କିନ୍ତୁ ଏହା ୧୦୦ ନମ୍ବର ହେବା ଉଚିତ। ତେବେ ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି ଯେ ୧୦୦ ମାର୍କ ପ୍ରଶ୍ନ ବଦଳରେ କେବଳ ୯୪ ମାର୍କର ପ୍ରଶ୍ନ ପଚରାଯାଇଥିଲା । ପ୍ରାର୍ଥୀମାନେ ଅଭିଯୋଗ କରିଛନ୍ତି ଯେ ଏହା ପୂର୍ଣ୍ଣ ସଂଖ୍ୟା ଅପେକ୍ଷା ୬ ମାର୍କ କମ୍ ରହିଥିଲା । ତେଣୁ ପରୀକ୍ଷାର୍ଥୀମାନେ ପ୍ରଶ୍ନପତ୍ର ତ୍ରୁଟି ପାଇଁ ୬ ଗ୍ରେସ୍ ମାର୍କ ମାଗିଛନ୍ତି । ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଓଡ଼ିଶା ସୂଚନା ସେବା କ୍ୟାଡର ପାଇଁ ଉପ-ବିଭାଗୀୟ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ପରୀକ୍ଷା ପରିଚାଳନା କରିଥିଲା, ଯାହାର ଲିଖିତ ପରୀକ୍ଷା ୨୯ ଏବଂ ୩୦ ମାର୍ଚ୍ଚ, ୨୦୨୫ ରେ ଅନୁଷ୍ଠିତ ହୋଇଥିଲା ।

## ଭିସୁଟ ଛାତ୍ରୀ ମୃତ୍ୟୁ ଘଟଣା, ପୁରୁଷ ବନ୍ଧୁ ଗିରଫ



**ସମ୍ବଲପୁର,୩୧।୩ (ସଂଚାର ବ୍ୟୁରୋ) :** ଭିସୁଟର ପାସ ଆଉଟ ଛାତ୍ରୀ ମୃତ୍ୟୁ ଘଟଣାରେ ଆଜି ତାଙ୍କ ପୁରୁଷ ବନ୍ଧୁ ପ୍ରୀତିମାନ ଦେକୁ ଗିରଫ କରାଯାଇଛି। ଏହି ଘଟଣାରେ ମାନ୍ୟବର ହାଇକୋର୍ଟ ଦୁଇ ସପ୍ତାହ ମଧ୍ୟରେ ସମ୍ବଲପୁର ଏସପିଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗତ ୨ ଫେବୃଆରୀ ୨୦୨୩ ମସିହା ରାତି ପ୍ରାୟ ୮ ଟା ରୁ ୯ଟା ମଧ୍ୟରେ ଚିନ୍ମୟୀ ଓ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସହ ବୁର୍ଲା ପାୱାର ଚେନାଲ ବ୍ରିଜକୁ ବୁଲିବାକୁ ଯାଇଥିଲେ । ହେଲେ କିଛି ସମୟ ପରେ ଚିନ୍ମୟୀ ପାଣିରେ ପଡି ଯାଇଥିଲେ । ସେତେବେଳେ ଏହି ଘଟଣାକୁ ନେଇ ମୃତ ଚିନ୍ମୟୀଙ୍କ ମା ହତ୍ୟା ମାମଲା ରୁଜୁ କରିଥିଲେ । କିନ୍ତୁ ଏହା ପୋଲିସ ଏହି ଘଟଣାର ତଦନ୍ତ କରି ସେତେବେଳେ ଚିନ୍ମୟୀ ପାଣିରେ ପଡି ମୃତ୍ୟୁ ହୋଇଥିବା କହିଥିଲା । ଯାହାକୁ ନେଇ ପରବର୍ତ୍ତୀ ସମୟରେ ମୃତ ଚିନ୍ମୟୀଙ୍କ ମାଁ ହାଇକୋର୍ଟରେ ଏନେଇ ଏକ ମାମଲା ରୁଜୁ କରିଥିଲେ ଓ ଏହି ମାମଲା କ୍ରାଇମ ବ୍ରାଞ୍ଚ କିମ୍ବା ଏସଆଇଟି କୁ ଦେବା ପାଇଁ କୁହାଯାଇଥିଲା ।

## ଭୁବନେଶ୍ୱରରେ ବୁଲିଲା ଖଣ୍ଡା, ଫିଲ୍ମ ଷ୍ଟାଇଲରେ ଆକ୍ରମଣ



**ଭୁବନେଶ୍ୱର,୩୧।୩ (ସଂଚାର ବ୍ୟୁରୋ) :** ପୁଣି ରକ୍ତ ରଞ୍ଜିତ ରାଜଧାନୀ!। ଭୁବନେଶ୍ୱର ଭରତପୁର ବନଦୁର୍ଗା ବସ୍ତିରେ ବୁଲିଲା ଖଣ୍ଡା । ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଗୋଡ଼ାଇ ହାଣିଲେ। ଯୁବକକୁ ଖଣ୍ଡାରେ ହାଣିଲେ ବାପ-ପୁଅ। ଅଭିଯୁକ୍ତକୁ ବାନ୍ଧି ଆଣିବା ବେଳେ ପୋଲିସକୁ ଆକ୍ରମଣ କଲେ ବସ୍ତି ବାସିନ୍ଦା। ପିସିଆର ଭ୍ୟାନ ମଧ୍ୟ ଭଙ୍ଗାରୁଜା କରିଛନ୍ତି । ଆକ୍ରମଣର ଶିକାର ଯୁବକ ହେଲେ ଅଶୋକ ମହାରଣା । ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ଯୁବକଙ୍କ ବଡ଼ ଭାଇ ପୁତୁରା । ଜୀବନ ବିକଳରେ ଦୌଡ଼ି ପଳାଇବାକୁ ଉଦ୍ୟମ କରି, ରାସ୍ତା ଉପରେ ଘୁଷୁଡ଼ି ପଡିଥିଲେ ଯୁବକ । ଖଣ୍ଡା ଚୋଟରେ ଅଶୋକଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି । ଖବର ପାଇ ଘଟଣାସ୍ଥଳରେ ପିସିଆର ପହଞ୍ଚି, ସିସିଟିଭି ଫୁଟେଜର ଛାନଭିନ କରିଥିଲା । ଏହାପରେ ମୁଖ୍ୟ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ନେଇ ଯିବା ସମୟରେ ବିରୋଧ କରିଥିଲେ ସ୍ଥାନୀୟ ଲୋକ । ଏହାକୁ ନେଇ ପୋଲିସ ଓ ସ୍ଥାନୀୟ ଲୋକ ମୁହାଁମୁହିଁ ହୋଇଥିଲେ । ପିସିଆର ଗାଡ଼ିକୁ ଭଙ୍ଗାରୁଜା କରିଥିଲେ । ଜମି ବାଡ଼ିକୁ ନେଇ ଆକ୍ରମଣ ହୋଇଥିବା ସୂଚନା ମିଳିଛି ।

# କେନ୍ଦୁଝରର ମାଟିର ଶହୀଦଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର/କେନ୍ଦୁଝର,୩୧।୩(ସଂଚାର ବ୍ୟୁରୋ):** ବୀରତ୍ୱର ପରିଚୟ ଦେଇ ଓଡ଼ିଆ ଯବାନ ଶହୀଦ ହୋଇଥିବା ବେଳେ ଆଜି ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଭୂସ୍ଖଳନ ସମୟରେ ପରୋପକାର କରିବାକୁ ଯାଇ ନିଜ ଜୀବନକୁ ବାଜି ଲଗାଇଦେଇ ଶେଷରେ ଶହୀଦ ହୋଇଯାଇଛନ୍ତି। ଷଷ୍ଠ ବାଟାଲିୟନ, ବିହାର ରେଜିମେଣ୍ଟରେ ହାବିଲଦାର ତଥା ଓଡ଼ିଆ ପୁଅ ରାଜକିଶୋର ମୁଣ୍ଡା ଅରୁଣାଚଳ ପ୍ରଦେଶର ତାୱାଙ୍ଗା ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଆଜି ତାଙ୍କ ପାର୍ଥିବ ଶରୀର ଭୁବନେଶ୍ୱରଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ବିମାନବନ୍ଦରରେ କେତେକ ପ୍ରଶାସନିକ ଅଧିକାରୀ, ଶହୀଦଙ୍କ ପରିବାର ଲୋକେ ଓ ବନ୍ଧୁପରିଜନ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଆହୁରି ପ୍ରତିରକ୍ଷା ବିଭାଗର ଯବାନ ଓ ବରିଷ୍ଠ ଅଧିକାରୀ ମଧ୍ୟ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ରାଷ୍ଟ୍ରୀୟ ସମ୍ମାନ ଗାର୍ଡ ଅଫ ଅନର ଦେଇଥିଲେ। ପ୍ରଶାସନିକ ଓ ପୁଲିସ ଅଧିକାରୀ ମଧ୍ୟ ସେଠାରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।






# ଥଣ୍ଡାଜଳ ବିତରଣ କଲେ ନଗର ଉନ୍ନୟନ ମନ୍ତ୍ରୀ

**ବାରିପଦା,୩୧।୩(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ଜଳ ବିତରଣ କରାଯାଉଛି। ରାସ୍ତାରେ ଯାଉଥିବା ଲୋକେ କିଛି ସମୟ ଅଟକି ଥଣ୍ଡା ପାନୀୟ ଟିକେ ପିଇ ଥକ୍କା ମାରିବା ସହ ନିଜ ନିଜ ଗନ୍ତବ୍ୟ ପଥରେ ଅଗ୍ରସର ହେବା ସକାଶେ ବଳ ସଂଗ୍ରହ କରୁଛନ୍ତି। ଏହି କ୍ରମରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ସାଧାରଣ ଲୋକଙ୍କୁ ଥଣ୍ଡାଜଳ ବିତରଣ କରିଛନ୍ତି। ବାରିପଦା ପୌରପାଳିକା ପକ୍ଷରୁ ଆଜି ଏକ 'ଥଣ୍ଡା ପାନୀୟ ଜଳ ସେବା କେନ୍ଦ୍ର' ଉଦ୍‌ଘାଟିତ ହୋଇଥିବା ବେଳେ ଡା. ମହାପାତ୍ର ସେଠାରେ ଥଣ୍ଡା ପାନୀୟ ଜଳ ବାଣ୍ଟୁଥିବା ଦେଖିବାକୁ ମିଳିଛି। ଏଥିସହ ଡା. ମହାପାତ୍ର ଜନସାଧାରଣଙ୍କୁ ସେବା ମନୋଭାବ ପୋଷଣ କରିବା ସହ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ଦିଗରେ ଯୁବପିଢ଼ି ଉଦ୍ୟମ କରିବା ସକାଶେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ଭୀଷଣ ଖରାରେ ମଣିଷ ପରି ଜୀବଜନ୍ତୁ ମଧ୍ୟ ଜଳ ଆବଶ୍ୟକ କରିଥାନ୍ତି। କିନ୍ତୁ ଖରାଦିନେ ପ୍ରାକୃତିକ ଜଳ ଉତ୍ସ ଶୁଖିଯାଉଥିବାରୁ ସେମାନେ ପାଣି ଟୋପେ ନ ପାଇ ତହଳବିକଳ ହୋଇଥାନ୍ତି। ତେଣୁ ସହର ହେଉ ଅବା ଗାଁ, ସବୁଠି ସ୍ଥାନୀୟ ଲୋକେ ନିଜ ଘର ବାହାରେ ପାଣି ରଖି ସେମାନଙ୍କ ଶୋଷ ମେଣ୍ଟାଇବା ସକାଶେ ମଧ୍ୟ ମନ୍ତ୍ରୀ ଡା. ମହାପାତ୍ର ନିବେଦନ କରିଛନ୍ତି।

# ଲେବର କାର୍ଡ଼ ନାଁରେ ମହିଳା ନେଇଗଲେ ଲକ୍ଷ ଲକ୍ଷ ଟଙ୍କା

**ଘସିପୁରା,୩୧।୩(ସଂଚାର ବ୍ୟୁରୋ):** ପ୍ରଥମେ ମହିଳାଙ୍କ ଭରଷା ଜିତିଲେ । ପରେ ଲେବର କାର୍ଡ଼ କରାଇବାର ଲୋଭ ଦେଖାଇ ନେଇଗଲେ ଲକ୍ଷ ଲକ୍ଷ ଟଙ୍କା । ଏ କାମ ପୁଣି କେହି ପୁରୁଷ ନୁହେଁ ଜଣେ ମହିଳା ଏମିତି ଠକେଇ କରିଛନ୍ତି । ଗାଁ ମହିଳାଙ୍କୁ ଚୂନା ଲଗାଇଛନ୍ତି ଜଣେ ମହିଳା। ଠକାମିର ଶିକାର ହୋଇଥିବା ମହିଳାମାନେ ଏନେଇ ଘସିପୁରା ଥାନାରେ ହାଜର ହେଇ ଫେରାଦ ହୋଇଛନ୍ତି । ଏଭଳି ଏକ ଘଟଣା ଆନନ୍ଦପୁର ପୌରପରିଷଦ ୧୬ନଂ ୱାର୍ଡ଼ ଶୈଳଙ୍ଗ ଗାଁରୁ ନଜରକୁ ଆସିଛି । ମହିଳାଙ୍କ ଅଭିଯୋଗ ଅନୁଯାୟୀ, କଇନିପୁରା ଗାଁର ନାରାୟଣ ବେହେରା ନାମକ ଜଣେ ବ୍ୟକ୍ତି ସେହି ମହିଳାଙ୍କୁ ଧରି ଶୈଳଙ୍ଗରେ ପହଞ୍ଚିଥିଲେ। ସେଠାରେ ଅଭିଯୁକ୍ତ ମହିଳା ଜଣକ ସ୍ଥାନୀୟ ମହିଳାଙ୍କର ଲେବର କାର୍ଡ଼ କରାଇବାର ଲୋଭ ଦେଖାଇଥିଲେ। ଏହା ସହିତ ୧ ଲକ୍ଷ ଟଙ୍କା ଋଣ କରାଇଦେବା ଏବଂ ୨୫ ପ୍ରତିଶତ ସବସିଡିରେ ୭୫ ପ୍ରତିଶତ ଋଣ ବିନା ସୁଧରେ ସୁଝିବାକୁ ଲୋଭ ଦେଖାଇଥିଲେ ଅଭିଯୁକ୍ତ ମହିଳା। ଏଥିରେ ଗାଁ ମହିଳାମାନେ ରାଜି ହୋଇଥିଲେ। ପ୍ରଥମେ ରାମଚନ୍ଦ୍ରପୁର ଥାନା ଅଧୀନ ଘସିପୁରା ବ୍ଲକ ଗଡବାନ୍ଧଗୋଡା ଅଞ୍ଚଳରେ କାର୍ଯ୍ୟରତ ଏକ ଘରୋଇ ସଂସ୍ଥାରୁ ମହିଳାଙ୍କର ୩୫ ହଜାର ଟଙ୍କା ଲେଖାଏଁ ଋଣ ମଞ୍ଜୁର ହୋଇଥିଲା। ପରେ ଋଣ ସୁଝିଦେବା ପରେ ୧ ଲକ୍ଷ ଋଣ ମିଳିବ ବୋଲି କହି ସମ୍ପୃକ୍ତ ମହିଳା ଜଣକ ସମସ୍ତଙ୍କ ନିକଟରୁ ୩୫ ହଜାର ଲେଖାଏଁ ଟଙ୍କା ନେଇ ଯାଇଥିଲେ। ତେବେ ଋଣ ପ୍ରଦାନକାରୀ ସଂସ୍ଥାକୁ ଟଙ୍କା ନଶୁଝି ଅଭିଯୁକ୍ତ ମହିଳା ଜଣକ ଫେରାର ହୋଇଯାଇଛନ୍ତି। ଘସିପୁରା ପୋଲିସ ନାରାୟଣ ବେହେରାକୁ ଅଟକ ରଖି ତଦନ୍ତ ଚଳାଇଛି ।



# ଓଏଲ୍‌ଏମ୍ ଦ୍ୱାରା ୪ ଲକ୍ଷ ପରିବାର ଏସ୍‌ଏଚ୍‌ଜିରେ ସାମିଲ୍



**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ଦୀନଦୟାଳ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଭାରତ ସରକାରଙ୍କ ଏକ ମହତ୍ତ୍ୱାକାଂକ୍ଷୀ ପ୍ରମୁଖ ଯୋଜନା, ଯାହା ଗତ ୨୦୧୨ ଏପ୍ରିଲ ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି। ଗ୍ରାମୀଣ ଦାରିଦ୍ର୍ୟ ହ୍ରାସ ପାଇଁ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହନ ଦେଇ ସାମାଜିକ ଅନ୍ତର୍ଭୁକ୍ତିକରଣକୁ ବୃଦ୍ଧି କରିବା ସହ ସାଂଗଠନିକ ଗୋଷ୍ଠୀ ଢାଞ୍ଚା ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଏନ୍‌ଆର୍‌ଏଲ୍‌ଏମ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳ ସ୍ତରରେ ଗରିବ ଲୋକଙ୍କ ପାଇଁ ସ୍ୱପରିଚାଳିତ ଏବଂ ଆର୍ଥିକ ଭାବେ ସ୍ଥାୟୀ ଜୀବନ ଜୀବିକା ଯୋଗାଇ ଦେଇ, ଆତ୍ମନିର୍ଭରଶୀଳତା ବୃଦ୍ଧି କରିବା ଏବଂ ଜୀବିକା ସହାୟତା ପ୍ରଦାନ କରିବା। ଏନ୍‌ଆର୍‌ଏଲ୍‌ଏମ୍ ପ୍ରତି ଗ୍ରାମୀଣ ଗରିବ ପରିବାରରୁ ଅତି କମରେ ଜଣେ ମହିଳା ସଦସ୍ୟଙ୍କୁ ଏସ୍‌ଏଚ୍‌ଜି ନେଟୱାର୍କ ଅଧୀନକୁ ଆଣିବା ପାଇଁ ଅଭିପ୍ରେତ। ପରବର୍ତ୍ତୀ ସମୟରେ ମହିଳା ଓ ପୁରୁଷ ଉଭୟଙ୍କୁ ଜୀବିକା ସମସ୍ୟା ସମାଧାନ ପାଇଁ ସଂଗଠିତ କରାଯିବ। ଏହି ସମସ୍ତ ସଂସ୍ଥା ଅନ୍ତର୍ଭୁକ୍ତିମୂଳକ ହେବ ଓ କୌଣସି ଗରିବ ଏଥିରୁ ବାଦ୍ ପଡ଼ିବେ ନାହିଁ। ଏନ୍‌ଆର୍‌ଏଲ୍‌ଏମ୍ ମାଧ୍ୟମରେ ଶତପ୍ରତିଶତ ପ୍ରତିଶତ ଅନ୍ତର୍ଭୁକ୍ତିକରଣର ଚୂଡ଼ାନ୍ତ ଲକ୍ଷ୍ୟକୁ ଦୃଷ୍ଟିରେ ରଖାଯାଇଥାଏ। ଏନ୍‌ଆର୍‌ଏଲ୍‌ଏମ୍‌ର ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବା ସକାଶେ ଓଡ଼ିଶାରେ ସ୍ଥାୟୀ ଆର୍ଥିକ ସଶକ୍ତିକରଣ ଓ ଅନ୍ତର୍ଭୁକ୍ତିକରଣମୂଳକ ପାଇଁ ଓଡ଼ିଶା ଜୀବିକା ମିଶନ (ଓଏଲ୍‌ଏମ୍) ମାଧ୍ୟମରେ ତୃଣମୂଳ ସ୍ତରରେ ଏସ୍‌ଏଚ୍‌ଜି ଗଠନ, ଜୀବିକା ପ୍ରୋତ୍ସାହନ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ କ୍ଷମତା ବିକାଶ ଆଦି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଓଏଲ୍‌ଏମ୍ କେନ୍ଦ୍ରର 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି।

## ବାଙ୍କୀରେ ଗୋଷ୍ଠୀ ସଂଘର୍ଷ, ତାଳବସ୍ତ ବନହରା ଆଦିବାସୀ ସାହିରେ ଘଟିଛି ଘଟଣା



**ବାଙ୍କୀ,୩୧।୩ (ସଂଚାର ବ୍ୟୁରୋ) :** ଗୋଷ୍ଠୀ ସଂଘର୍ଷରୁ ଘର ଜାଳିଦେଲେ । ପୂର୍ବ ବିବାଦ ଓ କାଜୁ ନିଲାମକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ, ୧୨ ଆହତ । ୪ ବଖରା ଘର ପୋଡ଼ିବା ସହ ଉଭୟ ପକ୍ଷରୁ ଟେକା ପଥର ମାଡ଼ ହୋଇଛି । ବାଙ୍କୀ ଥାନା ଅନ୍ତର୍ଗତ ତାଳବସ୍ତ ବନହରା ଆଦିବାସୀ ସାହିରେ ସଂଘର୍ଷ ଘଟିଛି । ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ। ଉଭୟ ପକ୍ଷରୁ ୧୨ରୁ ଉର୍ଦ୍ଧ ଆହତ ଡମପଡା ମେଡିକାଲରେ ଭର୍ତ୍ତି। ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି । ସମସ୍ତ ଆହତଙ୍କୁ ଡମପଡା ମେଡିକାଲରେ ଭର୍ତ୍ତି କରାଯାଇଛି। ଉତ୍ତେଜନା ଲାଗିରହିଥିବାରୁ ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ ।

## କ୍ୟାପିଟାଲ ହସ୍ପିଟାଲରେ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଓଆର୍‌ଏସ୍



**ଭୁବନେଶ୍ୱର,୩୧।୩ (ସଂଚାର ବ୍ୟୁରୋ):** ଅସହ୍ୟ ତାତି ବଢ଼ିବା ସାଙ୍ଗକୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କ୍ୟାପିଟାଲ ହସ୍ପିଟାଲ । ରୋଗୀଙ୍କ ସମେତ ରୋଗୀ ସମ୍ପର୍କୀୟଙ୍କ ପାଇଁ ମଧ୍ୟ କରାଯାଇଛି ଓଆରଏସର ବ୍ୟବସ୍ଥା। ସେହିପରି ଅଂଶୁଘାତ ପାଇଁ ବି ହସ୍ପିଟାଲରେ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ଏନେଇ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଦିଲୀପ କୁମାର ପଣ୍ଡା କହିଛନ୍ତି ଯେ, ''ଗ୍ରୀଷ୍ମ ପ୍ରବାହକୁ ନେଇ ହସ୍ପିଟାଲକୁ ଯେଉଁ ସମସ୍ତ ରୋଗୀ ମାନେ ଆସିବେ ସେମାନଙ୍କୁ ଅଂଶୁଘାତ ହୋଇଥିଲେ ସେମାନଙ୍କୁ କିଭଳି ଭାବରେ ଚିକିସା କରାଯିବ କିଭଳି ଭାବରେ ଶୀଘ୍ରରୁ ଅତି ଶୀଘ୍ର ସେମାନଙ୍କୁ ଡାକ୍ତର ଦେଖିବେ ସେନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହା ସହିତ ଆଇସୋଲେଟ ରୁମ ମଧ୍ୟ ରହିଛି। ଏହା ଛଡା ହସ୍ପିଟାଲକୁ ଆସୁଥିବା ରୋଗୀ ଏବ ସେମାନଙ୍କର ସମ୍ପର୍କୀୟ ମାନଙ୍କ ପାଇଁ ଓଆରଏସ ପାଣିର ବ୍ୟବସ୍ଥା କରାଯାଇଛି। ଏପରିକି ହସ୍ପିଟାଲର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ମଧ ପାଣିର ବ୍ୟବସ୍ଥା କରାଯାଇଛି। ଏପରିକି ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟ ଙ୍କ ପାଇଁ ବସିବା ପାଇଁ ମଧ ବ୍ୟବସ୍ଥା କରାଯାଇଛି। ବସିବା ପାଇଁ ଅଧିକ ବେଞ୍ଚର ମଧ ବ୍ୟବସ୍ଥା କରାଯାଇଛି''। ଭୁବନେଶ୍ୱରାର ବିଭିନ୍ନ ଛକ ସ୍ଥାନ ଗୁଡିକରେ ଯେଭଳି ଭାବରେ ଖରାରୁ ରକ୍ଷା ପାଇବା ପାଇଁ ଜରି ସେଡ଼ର ବ୍ୟବସ୍ଥା କରାଯାଇଛି ସେହିପରି ଭାବରେ ହସପିଟାଲରେ ଥିବା ପାର୍କିଂ ସ୍ଥାନ ଓ ଟିକେଟ କାଉଣ୍ଟର ସମେତ ନିରାମୟ ସମ୍ମୁଖରେ ଏଭଳି ବ୍ୟବସ୍ଥା କରାଯିବ। ଯାହା ଫଳରେ ଖରାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଗରମରୁ ରକ୍ଷା ପାଇପାରିବେ। ଏହା ସହିତ ବିଶେଷ କରି ୱାର୍ଡମାନଙ୍କରେ ଫ୍ୟାନ ଖରାପ ହେଲେ ତୁରନ୍ତ ଏହାର ପରିବର୍ତ୍ତନ କରାଯିବ ବୋଲି କହିଛନ୍ତି କ୍ୟାପିଟାଲ ହସପିଟାଲର ନିର୍ଦ୍ଦେଶକ ଦିଲୀପ କୁମାର ପଣ୍ଡା।

# ଅଙ୍ଗନବାଡି ପାଉଣାର ସିଂହଭାଗ ଦେଉଛନ୍ତି ସରକାର

**ଭୁବନେଶ୍ୱର,୩୧।୩:** ରାଜ୍ୟରେ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ଯେତିକି ପାଉଣା ପାଉଛନ୍ତି ତାହାର ସିଂହଭାଗ ରାଜ୍ୟ ସରକାରଙ୍କ ତହବିଲରୁ ଯାଉଛି । ଅଙ୍ଗନବାଡ କର୍ମୀଙ୍କ ପାଇଁ କେନ୍ଦ୍ର ସରକାର ମାସକୁ ୨୭୦୦ ଟଙ୍କା ଯୋଗାଇ ଦେଉଥିବା ବେଳେ ସହାୟିକାଙ୍କ ପାଇଁ ଦେଉଛନ୍ତି ୧୩୫୦ ଟଙ୍କା ।

ବର୍ତ୍ତମାନ ରାଜ୍ୟରେ ଅଙ୍ଗନବାଡି କର୍ମମାନେ ମାସକୁ ୧୦ହଜାର ଟଙ୍କାର ମାନଦେୟ ପାଉଛନ୍ତି । ଏହି ପାଉଣା ପ୍ରଦାନ ପାଇଁ ରାଜ୍ୟ ସରକାର ନିଜର ଅଂଶଧନ ସହିତ ଅତିରିକ୍ତ ଭାବେ ୫୫୦୦ ଟଙ୍କ ଯୋଗାଇ ଦେଉଛନ୍ତି । ଅଙ୍ଗନବାଡି କର୍ମୀଙ୍କର ମୂଳ ପାଉଣା ହେଉଛି ମାସକୁ ୪୫୦୦ ଟଙ୍କା । ଏହାର ୬୦ ପ୍ରତିଶତ ଅଂଶ ବାବଦକୁ କେନ୍ଦ୍ର ସରକାର ୨୭୦୦ ଟଙ୍କା ଯୋଗାଇ ଦେଉଥିବାବେଳେ ରାଜ୍ୟ ସରକାର ୧୮୦୦ ଟଙ୍କା ପ୍ରଦାନ କରିଥାନ୍ତି । ଏହାବାଦ୍ ରାଜ୍ୟ ସରକାର ନିଜ ତହବିଲରୁ ଆଉ ୫୫୦୦ ଟଙ୍କା ଦେବା ଫଳରେ କର୍ମୀମାନେ ମାସକୁ ୧୦,୦୦୦ ଟଙ୍କା କରି ପାଉଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି



ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ।

ସେହିଭଳି ଅଙ୍ଗନବାଡି ସହାୟିକାମାନଙ୍କର ମୂଳ ଦରମା ମାସକୁ ୨୨୫୦ ଟଙ୍କା ହୋଇଥିବାବେଳେ ରାଜ୍ୟ ସରକାର ନିଜସ୍ୱ ଅର୍ଥରୁ ଅତିରିକ୍ତ ଭାବେ ୨୭୫୦ ଟଙ୍କା କରି ଯୋଗାଉଛନ୍ତି । ତେବେ ମୂଳ ଅର୍ଥ ୨୨୫୦ ମଧ୍ୟରେ କେନ୍ଦ୍ର ସରକାର ତାଙ୍କର ୬୦ ପ୍ରତିଶତ ଅଂଶଧନ ବାବଦକୁ ୧୩୫୦ ଟଙ୍କା ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ତାଙ୍କର ୪୦ ପ୍ରତିଶତ ଅଂଶ ବାବଦକୁ ୯୦୦ ଟଙ୍କା ଦେଇଥାନ୍ତି । ତେବେ ଅତିରିକ୍ତ ଭାବେ ୨୭୫୦ ଟଙ୍କା ଦେବାପରେ ସହାୟିକାମାନେ ମାସକୁ ୫୦୦୦ ଟଙ୍କା କରି ପାଉଛନ୍ତି। ତେବେ ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ ସୁପରଭାଇଜରମାନଙ୍କ ମାସିକ ଦରମାର ୩୫,୪୦୦-୧,୧୨,୪୦୦ ଧାର୍ଯ୍ୟ ହୋଇଛି ।

ପାଉଣା ବୃଦ୍ଧି ସତ୍ତ୍ୱେ ଅଙ୍ଗନବାଡି କର୍ମୀମାନେ ଗତ ୫ବର୍ଷ ମଧ୍ୟରେ ରାଜଧାନୀରେ ନିଜର ଦାବି ପୂରଣ ପାଇଁ ଏକାଧିକ ଥର ଆନ୍ଦୋଳନ କରିଥିବା ମନ୍ତ୍ରୀ କହିଛନ୍ତି । ଏହି ଦାବିଗୁଡିକ ମଧ୍ୟରେ ସେମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ବରିଷ୍ଠତା ଭିତ୍ତିରେ ମାସିକ ପାରିଶ୍ରମ ସହିତ ଇନକ୍ରିମେଣ୍ଟ, ଟିଏ, ଡିଏ ଆଦି ରହିଛି । ସେହିଭଳି ଅଙ୍ଗନବାଡି କର୍ମୀମାନଙ୍କୁ ସୁପରଭାଇଜର ପଦବୀକୁ ଯିବାପାଇଁ ବ୍ରୟସସୀମା ବାବଦ ଦେବା ସହିତ ପଦୋନ୍ନତି ଦେବାପାଇଁ କହୁଛନ୍ତି।

ସେହିଭଳି କର୍ମୀ ଓ ସହାୟିକାଙ୍କ ଦରମା ବୃଦ୍ଧି ସହିତ ଗ୍ରାଚୁଇଟି, ପେସନ ଓ ଅବସରକାଳୀନ ସହାୟତା ରାଶି ବୃଦ୍ଧି କରାଯାଉ । ପ୍ରି ସ୍କୁଲ ଶିଶୁମାନଙ୍କ ପୋଷାକ ର ମୂଲ୍ୟ ବୃଦ୍ଧି କରାଯାଉ । ଗାଁ କଲ୍ୟାଣ ସମିତିର ଆବାହିକା ପଦବୀରୁ କର୍ମୀଙ୍କୁ ବାଦ୍ ଦିଆଯିବା ସହିତ ଏସଏନପି ଓ ଏମଏସପିୱାଇ ବାବଦରେ ଫଣ୍ଡ୍ ନିୟମିତ କରାଯାଉ । କର୍ମୀ ଓ ସହାୟିକାଙ୍କୁ ଦୁଇବର୍ଷର ପୋଷାକ ବାବଦକୁ ଅର୍ଥ ପ୍ରଦାନ ସହିତ ସେମାନଙ୍କ ପୋଷାକର ରଙ୍ଗ ବଦଳାଇବାପାଇଁ ମଧ୍ୟ ଦାବି କରୁଛନ୍ତି ।

ତେବେ ରାଜ୍ୟ ସରକାର ସେବା ନିବୃତ୍ତ ସମୟରେ ଅଙ୍ଗନାବାଡି କର୍ମୀଙ୍କୁ ଏକ ଲକ୍ଷ ଓ ସହାୟିକାଙ୍କୁ ୫୦ ହଜାର ଟଙ୍କା ଦେବାର ବ୍ୟବସ୍ଥା କରିଛନ୍ତି । କୌଣସି କାରଣରୁ କର୍ମୀ ଓ ସହାୟିକାଙ୍କର ମୃତ୍ୟୁ ହେଲେ କିମ୍ବା ଦୁର୍ଘଟଣାରେ ସ୍ଥାୟୀ ଅକ୍ଷମତା ହେଲେ ୨ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମତା ହେଲେ ୧ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଦେବାର ବ୍ୟବସ୍ଥା ରହିଛି । କର୍ମୀ ଓ ସହାୟିକାମାନଙ୍କୁ ପ୍ରତିବର୍ଷ ୨ଖଣ୍ଡ ଲେଖାଁଏ ଶାଢୀ ପ୍ରଦାନ କରାଯାଉଛି । ଅବସରକାଳୀନ ପ୍ରୋତ୍ସାହନରାଶିକୁ ସହାୟିକାଙ୍କ ପାଇଁ ୧ଲକ୍ଷ ଟଙ୍କା ଏବଂ କର୍ମୀଙ୍କ ପାଇଁ ୫୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଖାଲିପଡିଥିବା ୧୦୯ଟି ସୁପରଭାଇଜର ପଦବୀ ଅଙ୍ଗନବାଡିକର୍ମୀଙ୍କୁ ପଦୋନ୍ନତି ଦେଇ ପୂରଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।(ତଥ୍ୟ)

# ‘ଇଦ’ର ନମାଜକୁ ସମ୍ବୋଧିତ କଲେ ମମତା ବାନାର୍ଜୀ



**କୋଲକାତା,୩୧ ।୩:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩୧ ମାର୍ଚ୍ଚ ସୋମବାର ଲୋକଙ୍କୁ କହିଛନ୍ତି ଯେ ‘କାହାର ଉସକାଇବାରେ ପଡନ୍ତୁନି, ଯାହା ଦ୍ୱାରା ଦଙ୍ଗା ସୃଷ୍ଟି ହେବ’। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ‘ଇଦ-ଉଲ-ଫିତର’ ଉପଲକ୍ଷେ କୋଲକାତାର ଇଦଗାହ ପହଞ୍ଚିଥିଲେ। ସେଠାରେ ନମାଜ ପରେ ବିଭାଜନକାରୀ ରାଜନୀତିକୁ ନେଇ ବିଜେପି ଉପରେ ବର୍ଷିଥିଲେ। ମମତା ବାନାର୍ଜୀ କହିଛନ୍ତି ଯେ ତାଙ୍କ ସରକାର ରାଜ୍ୟର ସଂଖ୍ୟାଲଘୁଙ୍କ ସହିତ ମଜଭୁତ ଭାବେ ଛିଡା ହେବ ଓ ଚେଷ୍ଟା କରିବ ରାଜ୍ୟରେ ଯେପରି କେହି ଉତ୍ତେଜନା ସୃଷ୍ଟି ନକରେ। ମମତା କହିଛନ୍ତି ଯେ ଦଙ୍ଗା ପାଇଁ ଏବେ ଉସକା ଯାଉଛି। ହେଲେ ଆପଣମାନେ ଏହି ଜାଲରେ ଫଶନ୍ତୁ ନାହିଁ। ପଶ୍ଚିମବଙ୍ଗ ସରକାର ସଂଖ୍ୟାଲଘୁଙ୍କ ସହିତ ଛିଡା ହୋଇଛି, ରାଜ୍ୟରେ କେହି ଚାହିଁଲେ ବି ଉତ୍ତେଜନା ସୃଷ୍ଟି କରିପାରିବ ନାହିଁ। ମମତା କହିଛନ୍ତି ଯେ ଆମେ ଧର୍ମ ନିରପେକ୍ଷ। ଏବେ ରାଜ୍ୟରେ ନବରାତ୍ରି ଚାଲିଛି, ଏଥି ପାଇଁ ମଧ୍ୟ ମୁଁ ଶୁଭକାମନା ଜଣାଉଛି। ହେଲେ ଆମେ ଚାହୁଁନା ଦଙ୍ଗା ହେଉ। ସାଧାରଣତଃ ଲୋକେ ଏଭଳି ଘଟଣାରେ ସାମିଲ ହୋଇ ନଥାନ୍ତି, କେବଳ ରାଜନୈତିକ ଦଳ ହିଁ ଏପରି କାଣ୍ଡ କରାଇଥାନ୍ତି। ମମତା କହିଛନ୍ତି ଯେ ପ୍ରଥମେ ଲାଲ ପାର୍ଟି ଧର୍ମନିରପେକ୍ଷତାର କଥା କହୁଥିଲା। ଏବେ ଲାଲ ଓ ଗେରୁଆ ଦଳ ଏକ ହୋଇଯାଇଛନ୍ତି। ତେବେ ଆମେ ଏକାକୀ ଲଢ଼ିବୁ, ଆମେ ସବୁ ଧର୍ମ ଲାଗି ଆମ ଜୀବନ ଦେବାକୁ ପ୍ରସ୍ତୁତ। ମମତା କହିଛନ୍ତି ଯେ ବହୁ ସଂଖ୍ୟକଙ୍କ କର୍ତ୍ତବ୍ୟ ସଂଖ୍ୟାଲଘୁଙ୍କ ସୁରକ୍ଷା କରିବା ଓ ସଂଖ୍ୟାଲଘୁଙ୍କ କର୍ତ୍ତବ୍ୟ ବହୁ ସଂଖ୍ୟକଙ୍କ ସହିତ ରହିବା। ଏହି ଅବସରରେ ମମତା ବିଜେପି ଉପରେ ମଧ୍ୟ ବର୍ଷିଛନ୍ତି। କହିଛନ୍ତି ଯଦି ସେମାନଙ୍କୁ ସଂଖ୍ୟାଲଘୁଙ୍କୁ ନେଇ ସମସ୍ୟା ହେଉଛି ସେମାନେ କଣ ସମ୍ବିଧାନ ବଦଳାଇ ଦେବେ? ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପିର ବିଭାଜନକାରୀ ରାଜନୀତିକୁ ତୀବ୍ର ବିରୋଧ କରିଛନ୍ତି, କହିଛନ୍ତି ବିଜେପି ଦେଶରେ କେବଳ ଜୁମଲା ରାଜନୀତି କରୁଛି। ତେବେ ସେମାନଙ୍କ ପ୍ରତି ସତର୍କ ରହିବାକୁ ପଡ଼ିବ ଓ କାହାର ଉସକାଇବାରେ ପଡ଼ିବାର ନାହିଁ।

# ନୋବେଲ ପାଇଁ ମନୋନୀତ ହେଲେ ଇମ୍ରାନ ଖାନ



**ନୂଆଦିଲ୍ଲୀ,୩୧ ।୩:** ରାଜନୈତିକ ଅସ୍ଥିରତା ଏବଂ ଅଶାନ୍ତି ସହିତ ସଂଘର୍ଷ କରୁଥିବା ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ନୋବେଲ ମନୋନୟନ ଯୋଗୁଁ ଖବରର ଶିରୋନାମାରେ ଅଛି। ପାକିସ୍ତାନରେ ମାନବାଧିକାର ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ସ୍ୱର ଉଠାଇବା ପାଇଁ ତାଙ୍କ ପ୍ରୟାସକୁ ଆଧାର କରି ପାକିସ୍ତାନ ୱାର୍ଲ୍ଡ ଆଲାଏନ୍ସ (ପିଡବ୍ଲୁଏ) ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିଛି। ଇମ୍ରାନ ବର୍ତ୍ତମାନ ଜେଲରେ ଅଛନ୍ତି। ପିଡବ୍ଲୁଏ ଗତ ବର୍ଷ ଡିସେମ୍ବରରେ ପ୍ରତିଷ୍ଠିତ ହୋଇଥିଲା। ଏହି ସଂଗଠନ ନରୱେଜିଆନ୍ ରାଜନୈତିକ ଦଳ ପାର୍ଟିଏଟ୍ ସେଣ୍ଟ୍ରମ ସହିତ ମଧ୍ୟ ଜଡିତ। ପାର୍ଟି ସେଣ୍ଟ୍ରମ ଖ୍ରୀଷ୍ଟମାସରେ ପାକିସ୍ତାନୀ କ୍ରିକେଟ ଦଳକୁ ବିଶ୍ୱକପ୍ ଟାଇଟଲ ଦେଇଥିବା ୭୨ ବର୍ଷୀୟ ପୂର୍ବତନ ଖେଳାଳି ଏବଂ ବର୍ତ୍ତମାନ ରାଜନେତା ଇମ୍ରାନଙ୍କ ନୋବେଲ ପୁରସ୍କାର ପାଇଁ ମନୋନୟନ ସମ୍ପର୍କରେ ଏକ ବିବୃତ୍ତି ଜାରି କରିଥିଲା। ପାର୍ଟି ସେଣ୍ଟ୍ରମ ଲେଖିଛନ୍ତି, ‘ନାମାଙ୍କନ ଦାଖଲ କରିବା ପାଇଁ ଅଧିକୃତ ବ୍ୟକ୍ତି/ସଂଗଠନ ସହିତ ସହଭାଗୀ ହୋଇ ଆମେ ଖୁସି।’ ପାକିସ୍ତାନରେ ମାନବାଧିକାର ସୁରକ୍ଷା ଏବଂ ଗଣତନ୍ତ୍ର ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆମେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିଛୁ।

# କାମରାଙ୍କ ଘରେ ପହଞ୍ଚିଲା ମୁମ୍ବାଇ ପୁଲିସ

**ନୂଆଦିଲ୍ଲୀ,୩୧ ।୩:** କମେଡିଆନ କୁନାଲ କାମରାଙ୍କ ଘରେ ପହଞ୍ଚିଲା ମୁମ୍ବାଇ ପୋଲିସ। ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ନେଇ କମେଡି କରିବା ପରେ ହୋଇଥିବା ବିବାଦକୁ ନେଇ ମୁମ୍ବାଇ ପୋଲିସ ନିକଟରେ ଅନେକ ଅଭିଯୋଗ ହୋଇଥିଲା। ଖାର ପୋଲିସ ଥାନା ପକ୍ଷରୁ ଏନେଇ କାମରାଙ୍କୁ ସମନ ମଧ୍ୟ ପଠାଯାଇଥିଲା। ହେଲେ ସେ ଥାନାରେ ପହଞ୍ଚି ନପାରିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲା ବୋଲି ଜଣାପଡିଛି। ପୋଲିସ କାମରାଙ୍କ ନିକଟକୁ ଦୁଇଟି ସମନ ପଠେଇଛି। ମାର୍ଚ୍ଚ ୨୪ ତାରିଖରେ ଶିବ ସେନା ବିଧାୟକ ମୁର୍ଜି ପଟେଲଙ୍କ ଦ୍ୱାରା କାମରାଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଥିଲା। ଏହା ସହ କାମରାଙ୍କ ବିରୋଧରେ ଖାର ପୋଲିସ ଥାନାରେ ଆଉ ୩ଟି ମାମଲା ମଧ୍ୟ ରୁଜୁ ହୋଇଛି। ଏହା ମଧ୍ୟରୁ ଜଳଗାଓଁ ସହରର ମେୟରଙ୍କ ଦ୍ୱାରା ଗୋଟିଏ, ହୋଟେଲ ପକ୍ଷରୁ ଗୋଟିଏ ଓ ନାସିକର ଜଣେ ବ୍ୟବସାୟୀଙ୍କ ଦ୍ୱାରା ଗୋଟିଏ ମାମଲା ରୁଜୁ କରାଯାଇଛି ବୋଲି ମୁମ୍ବାଇ ପୋଲିସ ସୂଚନା ପ୍ରଦାନ କରିଛି। ସୂଚନା ମୁତାବକ, ଗତ ମାର୍ଚ୍ଚ ୨୩ ତାରିଖରେ କୁନାଲ କାମରାଙ୍କ ଏକ ନୂଆ ଶୋ ରିଲିଜ ହୋଇଥିଲା। ଯେଉଁଥିରେ କାମରା ଦିଲ୍ ତୋ ପାଗଲ ହେ ଜି ସ୍ୱରରେ ଗୀତ ଗାଇ ଏକନାଥ ସିନ୍ଦେଙ୍କୁ ନେଇ କମେଡି କରିଥିଲେ। ଏହି ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ କେତେକ ଶିବସେନା କାର୍ଯ୍ୟକର୍ତ୍ତା ଶୋ ସୁଟ ହୋଇଥିବା ହାବିଟାଟ ହୋଟେଲରେ ପହଞ୍ଚି ଭଙ୍ଗାରୁଜା ଆରମ୍ଭ କରିଦେଇ ଥିଲେ। ଏହାର ଦିନକ ପରେ ବିଏମସି ମଧ୍ୟ ଏହି ଷ୍ଟୁଡିଓର କେତେକ ଅଂଶକୁ ଭାଙ୍ଗିଦେଇଥିଲା।

# କୋଟି କୋଟିର ସମ୍ପତ୍ତି ମାଡ଼ି ବସିଥିବା ଲୋକ ୱାକଫ୍ ବିଲକୁ ବିରୋଧ କରୁଛନ୍ତି



**ନୂଆଦିଲ୍ଲୀ,୩୧ ।୩:** ସଂସଦର ଚଳିତ ବଜେଟ୍ ଅଧିବେଶନରେ ୱାକଫ୍ ବିଲ୍ ସଂଶୋଧନ ଉପସ୍ଥାପନ ହେବ । ଖବର ଅନୁସାରେ କେନ୍ଦ୍ର ସରକାର ଏପ୍ରିଲ୍ ୨ରେ ଏହି ବିଲ୍‌କୁ ଲୋକସଭାରେ ଆଗତ କରିପାରନ୍ତି । ଏହା ପୂର୍ବରୁ କେନ୍ଦ୍ର ସଂସଦୀୟ ବ୍ୟାପର ମନ୍ତ୍ରୀ କିରେନ ରିଜିଜୁ ୱାକଫ୍ ବିଲର ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ କେବଳ ସେହିମାନେ ଏହି ବିଲକୁ ବିରୋଧ କରୁଛନ୍ତି, ଯେଉଁମାନେ ୱାକଫ୍‌ର କୋଟି କୋଟି ଟଙ୍କାର ସମ୍ପତ୍ତିକୁ ମାଡ଼ି ବସିଛନ୍ତି । ଏଏନଆଇକୁ ପ୍ରତିକ୍ରିୟା ଦେଇ ରିଜିଜୁ କହିଛନ୍ତି ଯେ ଏହାକୁ ବିରୋଧ କରୁଥିବା ଲୋକେ ଶକ୍ତିଶାଳୀ ଓ ସେମାନେ ନିରୀହ ଲୋକଙ୍କୁ ମଧ୍ୟରେ ଭ୍ରାନ୍ତି ସୃଷ୍ଟି କରୁଛନ୍ତି । କେନ୍ଦ୍ରମନ୍ତ୍ରୀ ରିଜିଜୁ କହିଛନ୍ତି, ‘ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନେ କିଏ ? କିଛି ଶକ୍ତିଶାଳୀ ଲୋକ ଯେଉଁମାନେ ୱାକଫ୍ ସମ୍ପତ୍ତିକୁ ଜୋର କରି ମାଡ଼ି ବସିଛନ୍ତି। ସେମାନେ ଲୋକଙ୍କୁ ମିଛ କହି ଭ୍ରମିତ କରୁଛନ୍ତି । ସେମାନଙ୍କ କହୁଛନ୍ତି ଯେ ଏହି ବିଧେୟକ ଅସାମ୍ବିଧାନିକ । ସମାଲୋଚନା କରିବାର ଅଧିକାର ସମସ୍ତଙ୍କ ପାଖରେ ଅଛି, କିନ୍ତୁ ସେହି ସମାଲୋଚନାର କିଛି ଅର୍ଥ ରହିବା ଦରକାର ।’

## ଇଦ୍‌ରେ ପାଲେଷ୍ଟାଇନୀୟଙ୍କୁ ଇସ୍ରାଏଲର ଚେତାବନୀ

# ‘ରାଫା ଖାଲି କର’



**ନୂଆଦିଲ୍ଲୀ,୩୧ ।୩:** ଇସ୍ରାଏଲ ଓ ହମାସ ମଧ୍ୟରେ ଭାଙ୍ଗିଛି ଅସ୍ତ୍ରବିରତି। ତେବ ଏପର୍ଯ୍ୟନ୍ତ ଏହାକୁ ଲାଗୁ କରିବାକୁ ଉଭୟ ପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇନି। ଇଦ୍ ଅବସରରେ ମଧ୍ୟ ଥମୁନି ହମଲା। ମୁସଲମାନଙ୍କ ସବୁଠାରୁ ବଡ଼ ପର୍ବ ଇଦ ଅବସରରେ ଇସ୍ରାଏଲ ସେନା ଗାଜାର ରାଫା ସହରକୁ ଖାଲି କରିବାର ଚେତାବନୀ ଜାରି କରିଛି। ଇସ୍ରାଏଲର କହିବା ଅନୁସାରେ ରାଫା ସହର ଜଲଦି ଖାଲି କର, ନଚେତ ଜୀବନ ଯିବାର ବିପଦ ରହିପାରେ। ଏଥିରୁ ସ୍ପଷ୍ଟ ଯେ, ଇସ୍ରାଏଲ ଏବେ ଗାଜା ଏହି ସହରରେ ଆକାଶ ଓ ସ୍ଥଳ ଭାଗକୁ ଦୃତ ଗତିରେ ଆକ୍ରମଣ କରିପାରେ। ହମାସ ସହ ଗତ ମାସ ଅସ୍ତ୍ରବିରତି ଶେଷ ହୋଇଛି। ତେବେ ଏହାକୁ ବଢାଇବା ଉପରେ କୌଣସି ସହମତି ମିଳିନି। ମାର୍ଚ୍ଚ ଆରମ୍ଭରୁ ହିଁ ଇସ୍ରାଏଲ ୨୦ ଲକ୍ଷ ଲୋକଙ୍କ ପର୍ଯ୍ୟନ୍ତ ପହଁଞ୍ଚାଉଥିବା ଖାଦ୍ୟ, ଔଷଧ ଏବଂ ଇନ୍ଧନ ଆଦିର ସପ୍ଲାଇ ରୋକି ଦେଇଥିଲା। ଇସ୍ରାଏଲ ସୁତ୍ରର କହିବା ଅନୁସାରେ, ଏଭଳି କରିବାର କାରଣ ହେଉଛି ଯେପରି ଅସ୍ତ୍ରବିରତି ସର୍ତ୍ତକୁ ହମାସ ମାନିବା। ଏହାପରେ ମଧ୍ୟ ଅସ୍ତ୍ରବିରତି ଉପରେ ହମାସ କୌଣସି ଆଗ୍ରହ ଦେଖାଇନଥିଲା। ଏବେ ରାଫା ସହରକୁ ହିଁ ଖାଲି କରିବାକୁ ଚେତାବନୀ ଦିଆଯାଇଛି। ଏହା ମଧ୍ୟରେ ରବିବାରରୁ ନେଇ ଏପର୍ଯ୍ୟନ୍ତ ୧୧ ଜଣଙ୍କର ରାଫାରେ ମୃତ୍ୟୁ ହୋଇଛି। ମୃତକଙ୍କ ଶବ ମିଳିଛି, ତାଙ୍କ ଭିତରେ କିଛି ହମାସର ମଧ୍ୟ ଅଛନ୍ତି। ଇସ୍ରାଏଲୀ ସେନା ପାଲେଷ୍ଟାଇନୀୟଙ୍କୁ କହିଛି, ରାଫା ବଦଳରେ ମୁଭାସି ଯାଇପାରନ୍ତି। ସେଠାରେ ବହୁ ପରିମାଣରେ ଲୋକମାନେ ଟେଣ୍ଟ ଲଗାଇ ରହିଛନ୍ତି। ଏହି ନିର୍ଦ୍ଦେଶ ଇଦ ଅବସରରେ ଜାରି ହୋଇଥିଲା। ଯେଉଁଦିନ ମୁସଲମାନମାନେ ଉତ୍ସବ ପାଳନ କରନ୍ତି ଓ ପରସ୍ପରକୁ ଖୁଆଇଥାନ୍ତି। ରମଜାନ୍ ମାସର ଏହା ଶେଷ ଦିନରେ ହୋଇଥାଏ।

# ଟ୍ରମ୍ପଙ୍କୁ ତେହରାନର କଡ଼ା ଜବାବ

## ଆମ ମିସାଇଲ ବି ପ୍ରସ୍ତୁତ



**ତେହେରାନ,୩୧ ।୩:** ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି। ପରମାଣୁ ଚୁକ୍ତିନାମା ନ କରିବାରୁ ଟ୍ରମ୍ପ ଇରାନ ଉପରେ ରାଗି ଯାଇଛନ୍ତି। ସେ ସିଧାସଳଖ ଧମକ ଦେଇଛନ୍ତି ଯେ ଯଦି ଇରାନ ଆମ ସହିତ ଏକ ନୂଆ ପରମାଣୁ ଚୁକ୍ତି ସ୍ୱାକ୍ଷର ନ କରେ, ତେବେ ମୁଁ ଏପରି ବୋମା ମାଡ଼ କରିବି ଯାହା ଇରାନ ପୂର୍ବରୁ କେବେ ଦେଖିନଥିବ। ଟ୍ରମ୍ପ ଇରାନ ଉପରେ ଦ୍ୱିତୀୟ ଶୁଳ୍କ ଲାଗୁ କରିବାକୁ ମଧ୍ୟ ଧମକ ଦେଇଛନ୍ତି। ଇରାନ ମଧ୍ୟ ଆମେରିକାକୁ ଉଚିତ ଜବାବ ଦେବାକୁ ପ୍ରସ୍ତୁତ ହୋଇଛି। ସୂଚନା ଅନୁଯାୟୀ, ଇରାନ ସେନା ଏହାର କ୍ଷେପଣାସ୍ତ୍ରଗୁଡ଼ିକୁ ପ୍ରକ୍ଷେପଣ ପାଇଁ ପ୍ରସ୍ତୁତ ମୋଡରେ ନିୟୋଜିତ କରିଛି। ପୂର୍ବତନ ପୋଷ୍ଟରେ ଥିବା ଇରାନୀ ସେନା କହିଛି ଯେ ଇରାନର କ୍ଷେପଣାସ୍ତ୍ରଗୁଡ଼ିକୁ ସମସ୍ତ ଭୂତଳ କ୍ଷେପଣାସ୍ତ୍ର ସହରଗୁଡ଼ିକରେ ଲଞ୍ଚରଗୁଡ଼ିକରେ ଲୋଡ କରାଯାଇଛି। ସେମାନେ ଲଞ୍ଚ କରିବାକୁ ପ୍ରସ୍ତୁତ। ଆମେରିକା ଏବଂ ଏହାର ସହଯୋଗୀମାନଙ୍କୁ ବହୁତ ମୂଲ୍ୟ ଦେବାକୁ ପଡିବ। ତେହେରାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଇରାନର ଭୂତଳ ସହରଗୁଡ଼ିକରେ ଲଞ୍ଚ କରିବାକୁ ପ୍ରସ୍ତୁତ କ୍ଷେପଣାସ୍ତ୍ର ସଂଖ୍ୟା ବହୁତ ଅଧିକ। ନିକଟରେ, ଇରାନ ଏହାର ଭୂତଳ କ୍ଷେପଣାସ୍ତ୍ର ସହରର ଏକ ଭିଡିଓ ମଧ୍ୟ ଜାରି କରିଛି। ରବିବାର ମଧ୍ୟ ଟ୍ରମ୍ପ ତେହେରାନକୁ ଧମକ ଦେଇଥିଲେ ଯେ ଯଦି ଏହା ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ ୱାଶିଂଟନ ସହିତ ଏକ ଚୁକ୍ତିରେ ପହଞ୍ଚି ନଥାଏ, ତେବେ ସେକେଣ୍ଡାରୀ ଶୁଳ୍କ ଲାଗୁ କରାଯିବ ଏବଂ ତେହେରାନ ଉପରେ ବୋମା ପକାଇବ। ଏନବିସି ନ୍ୟୁଜ ସହିତ ଏକ ସାକ୍ଷାତକାରରେ, ଟ୍ରମ୍ପ ଏହି ଚୁକ୍ତି ନକରିବାରୁ ଧମକ ଦେଇଥିଲେ। କହିଥିଲେ ବୋମା ମାଡ଼ ହେବ। ଏହି ବୋମା ମାଡ଼ ଏପରି ହେବ ଯାହା ସେମାନେ (ଇରାନ) ପୂର୍ବରୁ କେବେ ଦେଖି ନାହାଁନ୍ତି। ଏକ ସୁଯୋଗ ଅଛି। ଯଦି ଇରାନ କୌଣସି ଚୁକ୍ତି ନ କରେ, ତେବେ ମୁଁ ସେମାନଙ୍କ ଉପରେ ମଧ୍ୟ ଦ୍ୱିତୀୟ ଶୁଳ୍କ ଲାଗୁ କରିବି। ଏବେ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ପରମାଣୁ କାର୍ଯ୍ୟକ୍ରମ ଉପରେ ଟ୍ରମ୍ପଙ୍କ ସହ ସିଧାସଳଖ ଆଲୋଚନା କରିବାକୁ ମନା କରିଦେଇଛନ୍ତି। ତଥାପି, ସେ ପରଦା ପଛରେ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ପେଜେଶକିୟାନ କହିଛନ୍ତି ଯେ ଆମେ ଓମାନ ମାଧ୍ୟମରେ ଆମେରିକୀୟ ରାଷ୍ଟ୍ରପତିଙ୍କୁ ଏକ ଉତ୍ତର ପତ୍ର ପଠାଇଛୁ। ଆମେ ସିଧାସଳଖ ଆଲୋଚନାର ବିକଳ୍ପକୁ ପ୍ରତ୍ୟାଖ୍ୟାନ କରିଛୁ। କିନ୍ତୁ ସେ ପରଦା ପଛରେ କଥା ହେବାକୁ ପ୍ରସ୍ତୁତ।

# ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହେଲେ ନିଧି ତିୱାରୀ



**ନୂଆଦିଲ୍ଲୀ,୩୧ ।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ସଚିବ ଭାବରେ ନିଯୁକ୍ତି ପାଇଲେ ନିଧି ତିୱାରୀ। ବାରଣାସୀର ନିଧି ଜଣେ ଆଇଏଫ୍‌ଏସ୍ ଅଧିକାରୀ। ଡିପାର୍ଟମେଣ୍ଟ ଅଫ୍ ପର୍ସନାଲ ଆଣ୍ଡ ଟ୍ରେନିଂ ଏନେଇ ସୂଚନା ଦେଇଛି। ନିଧି ୨୦୧୪ ବ୍ୟାଚ୍ ବୈଦେଶିକ ସେବା ଅଧିକାରୀ। ସେ ଏହା ପୂର୍ବରୁ ପିଏମ୍‌ଓରୁ ହିଁ ଡେପୁଟି ସେକ୍ରେଟରୀ ପଦରେ ମୁତୟନ ଥିଲେ। ୨୯ ମାର୍ଚ୍ଚରେ ତାଙ୍କୁ ପିଏମ୍ ମୋଦିଙ୍କ ବ୍ୟକ୍ତିଗତ ସଚିବ ଭାବରେ ନିଯୁକ୍ତ କରିବାର ନିର୍ଦ୍ଦେଶ ଦିଆଯାଇଥିଲା। କ୍ୟାବିନେଟ୍‌ର ନିଯୁକ୍ତି କମିଟି ଆଇଏଫ୍‌ଏସ୍ ଅଧିକାରୀ ନିଧି ତିୱାରୀ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଡେପୁଟି ସେକ୍ରେଟରୀ ଭାବରେ କାର୍ଯ୍ୟ କରୁଛନ୍ତି। ହେଲେ ଏବେ ତାଙ୍କୁ ପିଏମ୍ ମୋଦିଙ୍କ ବ୍ୟକ୍ତିଗତ ସଚିବ ଭାବରେ ନିଯୁକ୍ତି ଦେବା ନେଇ ମଞ୍ଜୁରୀ ପ୍ରଦାନ କରାଯାଇଛି। ନିଧି ୨୦୨୨ ରେ ପିଏମ୍‌ଓରେ ଡେପୁଟି ସେକ୍ରେଟରୀ ହୋଇଥିଲେ। ଏହା ପୂର୍ବରୁ ସେ ବୈଦେଶିକ ମନ୍ତ୍ରଣାଳୟରେ ଅନ୍ତର୍ଜାତୀୟ ସୁରକ୍ଷା ପ୍ରସଙ୍ଗ ପାଇଁ କାମ କରୁଥିଲେ। ବ୍ୟକ୍ତିଗତ ସଚିବ ଭାବରେ ନିଧି ତିୱାରୀଙ୍କ କାମ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ପିଏମ୍ ମୋଦିଙ୍କ କାର୍ଯ୍ୟକ୍ରମର ସମନ୍ୱୟ, ବୈଠକର ଆୟୋଜନ ଓ ସରକାରୀ ବିଭାଗ ସମ୍ପର୍କିତ କାମ ଦେଖିବେ। ନିଧିଙ୍କ ବେତନ ପେ ମ୍ୟାଟ୍ରିକ୍ସ ସ୍ତର ୧୨ ଅନୁସାରେ ନିର୍ଦ୍ଧାରିତ ହେବ। ପିଏମ୍‌ଓ ପୂର୍ବରୁ ମଧ୍ୟ ବହୁ ମହିଳା ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସେଭଳି ନିଧିଙ୍କୁ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବରେ ପଦୋନ୍ନତି କରିବା ମହିଳା ସଶକ୍ତିକରଣକୁ ନେଇ ଏକ ବଡ଼ ବାର୍ତ୍ତା।

# କୁଲର ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ

**ନୂଆଦିଲ୍ଲୀ,୩୧ ।୩:** କୁଲର ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଫ୍ୟାକ୍ଟ୍ରିର ଅଗ୍ନିକାଣ୍ଡ ଦ୍ୱାରା ଆଉ ୩ଟି କାରଖାନାକୁ ନିଆଁ ବ୍ୟାପିଯାଇଛି। ଅଗ୍ନିକାଣ୍ଡରେ କ୍ଷୟକ୍ଷତି ଜନିତ ସୂଚନା ଏପର୍ଯ୍ୟନ୍ତ ମିଳିପାରିନାହିଁ । ଘଟଣାସ୍ଥଳରେ ୩୦ଟି ଅଗ୍ନିଶମ ବାହିନୀ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଗ୍ରେଟର ନୋଏଡା ଥାନା ଇକୋଟେକ୍ ୩ ଅଞ୍ଚଳରେ ଭୟଙ୍କର ଅଗ୍ନିକାଣ୍ଡ ମାମଲା ସାମ୍ନାକୁ ଆସିଛି । ଏକ କୁଲର ଫ୍ୟାକ୍ଟ୍ରିରୁ ନିଆଁ ବ୍ୟାପିଥିବା ଜଣାଯାଇଛି। ସୂଚନାନୁଯାୟୀ ଫ୍ୟାକ୍ଟ୍ରିର ତାରରେ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି । କୁଲର ଫ୍ୟାକ୍ଟ୍ରିରେ ନିଆଁ ଲାଗି ଆଉ ଅନ୍ୟ ୩ଟି ଫ୍ୟାକ୍ଟ୍ରିକୁ ସମ୍ପୂର୍ଣ୍ଣ ରୂପେ ଜାଳିଦେଇଛି । ଏହି ଅଗ୍ନିକାଣ୍ଡରେ ନିଆଁ ଏତେ ମାତ୍ରାରେ ବ୍ୟାପିଥିଲା ଯେ ସେହି ଅଞ୍ଚଳଟି ନିମିଷକ ମଧ୍ୟରେ ଧୂଆଁମୟ ହୋଇ ଦୂରଦୂରାନ୍ତର ପର୍ଯ୍ୟନ୍ତ ଧୂଆଁ ଦେଖାଯାଉଥିଲା । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି । ଏହି ଅଗ୍ନିକାଣ୍ଡ ଘଟଣାରେ କାହାରି କ୍ଷୟକ୍ଷତି ହୋଇଥିବା ରିପୋର୍ଟ ଏଯାବତ ମିଳିନାହିଁ। ଘଟଣାସ୍ଥଳରେ ୩୦ ଦମକଳ ବାହିନୀ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୂଚନାଯୋଗ୍ୟ, ଗ୍ରେଟର ନୋଏଡାରେ ଥିବା ଏକ ଛାତ୍ରୀବାସରେ ଲାଗିଛି ନିଆଁ । ନିଆଁ ଲାଗିବା ଯୋଗୁଁ ହଷ୍ଟେଲରେ ଧୂଆଁ ହୋଇଯାଇଥିଲା ।

# ଫ୍ଲାଏଓଭରରୁ ଖସିଲା ତେଲ ଟ୍ୟାଙ୍କର

● ଅଳ୍ପକେ ବର୍ତ୍ତିଲା ଜୀବନ



**ମୁମ୍ବାଇ,୩୧ ।୩:** ମହାରାଷ୍ଟ୍ର ଫ୍ଲାଏଓଭରରୁ ଖସିଲା ତେଲ ଟ୍ୟାଙ୍କର। ବ୍ରିଜରୁ ଟ୍ୟାଙ୍କରଟି ଖସିଯିବାରୁ ତେଲଗୁଡିକ ରାସ୍ତାରେ ଢାଳିଯାଇଥିଲା । ଯାହାଫଳରେ ହଠାତ୍ ଟ୍ୟାଙ୍କରଟିରେ ନିଆଁ ଲାଗିଯାଇଥିଲା । ଫ୍ଲାଏଓଭର ବ୍ରିଜ ତଳେ ଥିବା ଲୋକମାନେ ନିଜ ଜୀବନକୁ ବଞ୍ଚାଇବା ପାଇଁ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। ସେହି ଘଟଣାର ସିସିଟିଭି ଭିଡିଓ ସାମ୍ନାକୁ ଆସିଛି । ମହାରାଷ୍ଟ୍ରର ମୁମ୍ବାଇ- ଅହମ୍ମଦାବାଦ ଏକ୍ସପ୍ରେସୱେରେ ଏକ ଦୁର୍ଘଟଣା ହୋଇଛି । ଯାହା ରବିବାର ପ୍ରାୟ ସନ୍ଧ୍ୟା ୫ଟା ସମୟରେ ଦେଖିବାକୁ ମିଳିଛି । ଟ୍ୟାଙ୍କର ଡ୍ରାଇଭର ଜଣକ ଭାରସାମ୍ୟ ହରାଇଥିଲେ ।

# ୩୦ ଲକ୍ଷ ଆଫଗାନୀଙ୍କୁ ଉଡ଼ିପାର୍ ପାଇଁ ପାକିସ୍ତାନର ଯୋଜନା

**ନୂଆଦିଲ୍ଲୀ,୩୧ ।୩:** ପାକିସ୍ତାନ ଚଳିତ ବର୍ଷ ଦେଶରୁ ୩୦ ଲକ୍ଷ ଆଫଗାନଙ୍କୁ ବାହାର କରିବାକୁ ଯୋଜନା କରୁଛି, କାରଣ ରାଜଧାନୀ ଏବଂ ଏହାର ଆଖପାଖ ଅଂଚଳରୁ ସ୍ୱେଚ୍ଛାକୃତ ଭାବରେ ବାହାରି ଯିବା ପାଇଁ ମାର୍ଚ୍ଚ ୩୧ ତାରିଖ ଥିଲା ଶେଷ ତାରିଖ। ଏହା ଅକ୍ଟୋବର ୨୦୨୩ ରେ ପାକିସ୍ତାନରେ ଅବୈଧ ଭାବରେ ରହୁଥିବା ବିଦେଶୀ, ମୁଖ୍ୟତଃ ଆଫଗାନ ନାଗରିକଙ୍କୁ ବାହାର କରିବା ପାଇଁ ଆରମ୍ଭ ହୋଇଥିବା ଏକ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ । ପାକିସ୍ତାନର ଏହି ଅଭିଯାନକୁ ମାନବାଧିକାର ଗୋଷ୍ଠୀ, ତାଲିବାନ ସରକାର ଏବଂ ଜାତିସଂଘ କଡ଼ା ସମାଲୋଚନା କରିଛନ୍ତି । ଆସୋସିଏଟେଡ୍ ପ୍ରେସ୍ ଦ୍ୱାରା ଦେଖାଯାଇଥିବା ସରକାରୀ କାଗଜପତ୍ର ଅନୁସାରେ,ଗିରଫ ଏବଂ ନିର୍ବାସନ ପ୍ରକ୍ରିୟା ଏପ୍ରିଲ୧ ରୁ ଆରମ୍ଭ ହେବାର ଥିଲା କିନ୍ତୁ ଇଦ୍ ଅଲ୍-ଫିତର ଛୁଟି ଯୋଗୁଁ ଏହାକୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଅନ୍ତରାଷ୍ଟ୍ରୀୟ ପ୍ରବାସନ ସଂଗଠନ ତଥ୍ୟ ଅନୁଯାୟୀ, ଗତ ୧୮ ମାସରେ ପ୍ରାୟ ୮ ଲକ୍ଷ ୪୫ ହଜାର ଆଫଗାନ ପାକିସ୍ତାନ ଛାଡିଛନ୍ତି। ପାକିସ୍ତାନ କହୁଛି ଯେ ଆହୁରି ୩୦ ଲକ୍ଷ ଆଫଗାନ ବାକି ଅଛନ୍ତି । ଏଥି ମଧ୍ୟରୁ ୧,୩୪୪,୫୮୪ ଜଣଙ୍କ ପାଖରେ ପଞ୍ଜୀକରଣ ପ୍ରମାଣପତ୍ର ଥିବା ବେଳେ ୮୦୭,୪୦୨ ଜଣଙ୍କ ପାଖରେ ଆଫଗାନିସ୍ତାନ ନାଗରିକ କାର୍ଡ ଅଛି । ଏହା ବ୍ୟତୀତ, ୧୦ ଲକ୍ଷ ଆଫଗାନ ଲୋକ ଏପରି ଅଛନ୍ତି ଯେଉଁମାନେ କୌଣସି କାଗଜପତ୍ର ନଥିବାରୁ ବେଆଇନ ଭାବରେ ଦେଶରେ ଅଛନ୍ତି।

# ସ୍ୱାମୀଙ୍କୁ ‘ଡ୍ରମ୍’ରେ ପ୍ୟାକ୍ କରିବାକୁ ଧମକ ଦେଲେ ମହିଳା



**ନୂଆଦିଲ୍ଲୀ,୩୧ ।୩:** ଉତ୍ତର ପ୍ରଦେଶର ଗୋଣ୍ଡାରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଶରୀରର କାଟି ଡ୍ରମ୍‌ରେ ପ୍ୟାକ୍ କରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ମିରଠରେ ଘଟିଥିବା ଏକ ବିଭତ୍ସ ହତ୍ୟାକାଣ୍ଡ ପରି ତାଙ୍କ ସହିତ କରିବାକୁ ଧମକ ଦେଇଛନ୍ତି। ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଶନିବାର ଉଭୟ ପକ୍ଷଙ୍କଠାରୁ ଅଭିଯୋଗ ଆସିଛି ଏବଂ ତଦନ୍ତ ପରେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ରବିବାର କହିଛି। ଜୁନିଅର ଇଞ୍ଜିନିୟର (ଜେଇ) ଧର୍ମେନ୍ଦ୍ର କୁଶୱାହା, ଯିଏ ମୂଳତଃ ଝାନ୍ସୀର ବାସିନ୍ଦା ଏବଂ ବର୍ତ୍ତମାନ ଗୋଣ୍ଡାର ଜଳ ନିଗମରେ କାର୍ଯ୍ୟରତ, ତାଙ୍କ ପତ୍ନୀ ମାୟା ମୌର୍ଯ୍ୟ ଏବଂ ତାଙ୍କ ପ୍ରେମିକ ନୀରଜ ମୌର୍ଯ୍ୟଙ୍କ ଉପରେ ଆକ୍ରମଣ ଏବଂ ହତ୍ୟା ଧମକ ଦେବାର ଅଭିଯୋଗ କରିଛନ୍ତି। କୁଶୱାହା କହିଛନ୍ତି ଯେ ତାଙ୍କର ୨୦୧୬ ମସିହାରେ ବସ୍ତି ଜିଲାର ବାସିନ୍ଦା ମାୟା ମୌର୍ଯ୍ୟଙ୍କ ସହିତ ପ୍ରେମ ବିବାହ ହୋଇଥିଲା।

# ବଳାତ୍କାର ଅଭିଯୋଗରେ ନିର୍ଦ୍ଦେଶକ ଗିରଫ

## ମହାକୁମ୍ଭ ଭାଇରାଲ୍ ଗର୍ଲ ମୋନାଲିସାଙ୍କୁ କରିଥିଲେ ଫିଲ୍ମ ଅଫର୍



**ନୂଆଦିଲ୍ଲୀ,୩୧ ।୩:** ‘ମହାକୁମ୍ଭ ୨୦୨୫’ରେ ଭାଇରାଲ ହୋଇଥିବା ମୋନାଲିସାଙ୍କୁ ତାଙ୍କ ଫିଲ୍ମରେ ଏକ ଭୂମିକା ପ୍ରଦାନ କରିଥିବା ନିର୍ଦ୍ଦେଶକ ସନୋଜ ମିଶ୍ରଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ କରାଯାଇଛି। ଦିଲ୍ଲୀ ହାଇକୋର୍ଟ ଜାମିନ ଆବେଦନକୁ ଖାରଜ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ନିର୍ଦ୍ଦେଶକଙ୍କ ଉପରେ ଜଣେ ମହିଳା ତାଙ୍କୁ ବହୁ ବର୍ଷ ଧରି ଶାରୀରିକ ନିର୍ଯାତନା ଦେଉଥିବାର ଅଭିଯୋଗ ଆଣିଛନ୍ତି। ୪୫ ବର୍ଷୀୟ ସନୋଜ ମିଶ୍ରଙ୍କ ଉପରେ ଜଣେ ୨୮ ବର୍ଷୀୟ ମହିଳା ଅଭିଯୋଗ ଆଣିଥିଲେ ଯେ, ସନୋଜ ତାଙ୍କୁ ଚାରି ବର୍ଷ ଧରି ବଳାତ୍କାର କରିଥିଲେ। ଜଣେ ଚଳଚ୍ଚିତ୍ର ଅଭିନେତ୍ରୀ ହେବାକୁ ଚାହୁଁଥିବା ମହିଳା ଜଣକ ମୁମ୍ବାଇରେ ସନୋଜଙ୍କ ସହ ଲିଭ-ଇନ ସମ୍ପର୍କରେ ଥିଲେ। ନିର୍ଦ୍ଦେଶକ ତାଙ୍କୁ ତିନିଥର ଗର୍ଭପାତ କରିବାକୁ ମଧ୍ୟ ବାଧ୍ୟ କରିଥିଲେ। ପୋଲିସକୁ ଦେଇଥିବା ବୟାନରେ ପୀଡିତା କହିଛନ୍ତି, ପ୍ରଥମେ ସନୋଜ ମିଶ୍ର ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏହା ପରେ, ସେ ତାଙ୍କୁ ଚଳଚ୍ଚିତ୍ରରେ କାମ କରିବାର ପ୍ରସ୍ତାବ ଦେଇ ପ୍ରଲୋଭିତ କରିଥିଲେ ଏବଂ ଚୁପ ରହିବାକୁ ଧମକ ଦେଇଥିଲେ। ପରେ ସେ ବିବାହର ପ୍ରତିଶ୍ରୁତିରୁ ମଧ୍ୟ ଓହରିଗଲେ।

ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ, ଏହି ମାମଲାରେ, ନିର୍ଦ୍ଦେଶକଙ୍କ ବିରୋଧରେ ୬ ମାର୍ଚ୍ଚ ୨୦୨୪ରେ ବଳାତ୍କାର, ଆକ୍ରମଣ, ଗର୍ଭପାତ କରିବାକୁ ବାଧ୍ୟ କରିବା ଏବଂ ଧମକ ଦେବା ଭଳି ଅନେକ ଧାରା ଅଧୀନରେ ଏକ ଏଫଆଇଆର ରୁଜୁ କରାଯାଇଥିଲା।

# ଆର୍ଥିକ ହେରଫେର ମାମଲାରେ ଲି ପେନ୍ ଦୋଷୀ



**ନୂଆଦିଲ୍ଲୀ,୩୧ ।୩:** ଫ୍ରାନ୍ସିସ୍ ଦକ୍ଷିଣପନ୍ଥୀ ନେତା ମାରିନେ ଲି ପେନଙ୍କୁ ଜେଲ୍‌ଦଣ୍ଡ। ଅର୍ଥ ହେରଫେର ମାମଲାରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି । ଏହା ସହିତ ତତ୍କାଳ ପାଞ୍ଚ ବର୍ଷ ପାଇଁ ତାଙ୍କୁ ସରକାରୀ କାର୍ଯ୍ୟାଳୟକୁ ବ୍ୟାନ୍ କରିଛନ୍ତି। ସୋମବାର ପ୍ୟାରିସ୍ ଅଦାଲତ ଦଣ୍ଡାଦେଶ ଶୁଣାଇବା ପରେ ମାରିନେ ଲି ପେନଙ୍କ ରାଜନୈତିକ କ୍ୟାରିୟରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତିନି ବର୍ଷ ପରେ ଅର୍ଥାତ୍ ୨୦୨୭ରେ ଫ୍ରାନ୍ସରେ ରାଷ୍ଟ୍ରପତି ନିର୍ବାଚନ ରହିଥିବା ବେଳେ ଦକ୍ଷିଣପନ୍ଥୀ ନେତାଙ୍କୁ ଜେଲଦଣ୍ଡ ରାଜନୀତି ମହଲରେ ଚର୍ଚ୍ଚାକୁ ସୃଷ୍ଟି କରିଛି। କାରଣ ମାରିନେ ଲି ପେନ୍ ଦକ୍ଷିଣପନ୍ଥୀ ନ୍ୟାଶନାଲ ରେଲିର ବରିଷ୍ଠ ନେତା । ସେ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରନଙ୍କ ସମସାମୟିକ ନେତା ଥିଲେ । ଏବେ ତାଙ୍କ ରାଜନୈତିକ ରାସ୍ତାକୁ ଏକ ବଡ଼ କଣ୍ଟା ହଟିଛି କୁହାଯାଉଛି । ପ୍ୟାରିସ୍ କୋର୍ଟ, ଜେଲ୍ ଦଣ୍ଡାଦେଶ ସହିତ ମାରିନେ ଲି ପେନ୍ ଏକ ଲକ୍ଷ ୟୁରୋ ଜୋରିମନା ଲଗାଇଛନ୍ତି । ସୂଚନା ଅନୁଯାୟୀ, ଅଦାଲତଙ୍କ ରାୟ ବିରୋଧରେ ଲି ପେନ୍ ଅପିଲ୍ କରିପାରନ୍ତି । ସେପଟେ କୋର୍ଟ ଏହି ରାୟ ଦକ୍ଷିଣପନ୍ଥୀ ନ୍ୟାଶନାଲ ରେଲି ପାଇଁ ବଡ଼ ଝଟକା ।

## ଆଇପିଏଲ୍-୧୮ : ଅଶ୍ୱନୀ-ରିକ୍ଲଟନ୍‌ଙ୍କ ଶାଣିତ ପ୍ରଦର୍ଶନ

# କୋଲକାତାକୁ ୮ ୱିକେଟରେ ହରାଇଲା ମୁମ୍ବାଇ



**ନୂଆଦିଲ୍ଲୀ,୩୧।୩:** ମୁମ୍ବାଇ ଇଣ୍ଡିଆନ୍ସ କୋଲକାତା ନାଇଟ୍ ରାଇଡର୍ସକୁ ୮ ୱିକେଟରେ ପରାସ୍ତ କରିଛି। ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ କେକେଆର ଦଳ ପ୍ରଥମେ ଖେଳି ମାତ୍ର ୧୧୬ ରନ୍‌ରେ ଆଉଟ୍ ହୋଇଥିଲେ। ଏହାର ଜବାବରେ ମୁମ୍ବାଇ ୧୩ ଓଭରରେ ଏହି ଲକ୍ଷ୍ୟ ହାସଲ କରିଛି ଏବଂ ଆଇପିଏଲ ୨୦୨୫ ରେ ପ୍ରଥମ ବିଜୟ ପଞ୍ଜିକରଣ କରିଛି। ଲଗାତାର ଦୁଇଟି ପରାଜୟର ସମ୍ମୁଖୀନ ହେବା ପରେ ମୁମ୍ବାଇ ଚଳିତ ସିଜନରେ ପ୍ରଥମ ବିଜୟ ହାସଲ କରିଛି। ଏହି ସଂଘର୍ଷରେ ରିଆନ୍ ରିକ୍‌ଲେଟନ୍ ଏବଂ ଅଶ୍ୱନୀ କୁମାର ଏମଆଇ ପକ୍ଷରୁ ବିଜୟର ହିରୋ ସାଜିଥିଲେ। ଲଗାତାର ଦୁଇ ଥର ପରାଜୟ ହେବା ପରେ ମୁମ୍ବାଇ ଆଇପିଏଲ୍ ୨୦୨୫ ରେ ପ୍ରଥମ ବିଜୟ ହାସଲ କରିଛି। କୋଲକାତା ନାଇଟ୍ ରାଇଡର୍ସ ଏମ୍‌ଆଇ ପାଇଁ ୧୧୭ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା।

ରୋହିତ ଶର୍ମା ଏବଂ ରିଆନ୍ ରିକଲେଟନ୍ ମୁମ୍ବାଇ ପକ୍ଷରୁ ଦ୍ରୁତ ଆରମ୍ଭ କରିଥିବା ବେଳେ ରୋହିତ ଶର୍ମାଙ୍କ ଖରାପ ଫର୍ମ ଏବେବି ଅବ୍ୟାହତ ରହିଛି। ରୋହିତ ମାତ୍ର ୧୩ ରନ୍ କରିବା ପରେ ଆଉଟ୍ ହୋଇଥିଲେ। ୱିଲ୍ ଜ୍ୟାକ୍ ମଧ୍ୟ ଏହି ମ୍ୟାଚ୍‌ରେ କିଛି ବିଶେଷ ପ୍ରଦର୍ଶନ କରିପାରିନଥିଲେ। ମାତ୍ର ୧୬ ରନ୍ ସ୍କୋର କରିବା ପରେ ଜ୍ୟାକ୍ ଆଉଟ୍ ହୋଇଥିଲେ।

## ଦର୍ଶକ ଆମୋଦିତ କଲା ଦୃଶ୍ୟ

# ପଡ଼ିଆରେ ଲିଡର-ମେଣ୍ଟରର ଭେଟ୍‌ଘାଟ



**ନୂଆଦିଲ୍ଲୀ,୩୧।୩:** ଫଟାଫଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗର ସିଜନ୍ ୧୮ ଚାଲିଛି। ଦିନକୁ ଦିନ ରୋମାଞ୍ଚକର ହେଉଛି ମ୍ୟାଚ। ଗତକାଲି (ରବିବାର) ଆଇପିଏଲର ୧୧ତମ ମ୍ୟାଚ ଖେଳାଯାଇଥିଲା। ଏଥିରେ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପରକିଙ୍ଗସ୍ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚରେ ରାଜସ୍ଥାନ ୬ରନରେ ବିଜୟ ହାସଲ କରିଥିଲା। ମ୍ୟାଚର ପରିଣାମ ଗୋଟିଏ ପଟେ ଥାଏ ଆଉ କିଛି ଫଟୋ ସାମ୍ନାକୁ ଆସିଥାଏ ଯାହା ଦର୍ଶକଙ୍କ ମନକୁ ଛୁଇଁଯାଏ। ଏହି ମ୍ୟାଚରେ ମଧ୍ୟ କିଛି ସେମିତି ଦେଖିବାକୁ ମିଳିଥିଲା। ପଡ଼ିଆରେ ଜଣେ ଲିଡର ଓ ମେଣ୍ଟରଙ୍କୁ ଏକାଠୀ ଦେଖିବାକୁ ପାଇଥିଲେ ଦର୍ଶକ। ଆମେ କହୁଛୁ ମହେନ୍ଦ୍ର ସିଂହ ଧୋନୀ ଓ ରାହୁଲ ଦ୍ରାବିଡ଼ଙ୍କ କଥା। ପଡ଼ିଆରେ ଏହି ଦୁଇ ମହାନ୍ ଖେଳାଳିଙ୍କ ଭେଟଘାଟକୁ ବେଶ୍ ପ୍ରଶଂସା କରୁଛନ୍ତି ଦର୍ଶକ। ରାହୁଲ ଦ୍ରାବିଡ଼ ଓ ମହେନ୍ଦ୍ର ସିଂହ ଧୋନୀଙ୍କ ଭେଟଘାଟ ସମୟର ଏକ ଫଟୋକୁ ଏକ୍ସରେ ସେୟାର କରିଛି ରାଜସ୍ଥାନ ରୟାଲ୍ସ। କ୍ୟାପ୍ସନରେ ଆରଏସଡ଼ି ଏକ୍ସ ଏମ୍‌ଏସଡ଼ି ଲେଖି ଫଟୋ ପୋଷ୍ଟ କରିଛି ରାଜସ୍ଥାନ। ଯାହାକୁ ୧୦ ଘଣ୍ଟା ମଧ୍ୟରେ ୫୮ ହଜାର ଲୋକ ଦେଖିସାରିଛନ୍ତି। ୮ ହଜାରରୁ ଅଧିକ ଲୋକ ପ୍ରତିକ୍ରିୟା ଦେଇଛନ୍ତି। ପୋଷ୍ଟଟି ୪୯୪ ରିପୋଷ୍ଟ ହୋଇଛି। ଫଟୋରେ ୟୁଜର୍ସ ମଜାଳିଆ କମେଣ୍ଟ ଦେଇଛନ୍ତି। ଜଣେ ୟୁଜର୍ ଲେଖିଛନ୍ତି, ବିୟୁଟିଫୁଲ୍। ସେହିପରି ଆଉ ଜଣେ ୟୁଜର୍ କମେଣ୍ଟରେ ଲେଖିଛନ୍ତି 'ମେମୋରେବଲ୍ ପିକ୍ ଅଫ୍ ଦି ନାଇଟ୍'। ଆଉ ଜଣେ ୟୁଜର୍ ଲେଖିଛନ୍ତି ଆରଏସ୍‌ଡିଏକ୍ସ ଏମ୍‌ଏସ୍‌ଡି = ଆର୍‌ଡିଏକ୍ସ। ଅନ୍ୟ ଜଣେ ୟୁଜର୍ ଦଇଜଣଙ୍କୁ ଆଦର୍ଶ ବୋଲି ମାନୁଥିବା କମେଣ୍ଟ ଲେଖିଛନ୍ତି।

ଅଧିକ ପଢନ୍ତୁ...ଆପିଏଲ୍ ୨୦୨୫: ଆଜି ସାମ୍ନାସାମ୍ନି ହେବେ ମୁମ୍ବାଇ ଇଣ୍ଡିଆନ୍ସ-ନାଇଟ୍ ରାଇଡର୍ସ, ପ୍ରଥମ ବିଜୟ ଲକ୍ଷ୍ୟରେ ପାଣ୍ଡ୍ୟା ବାହିନୀକହି ରଖୁଛି କି, ଗତକାଲି ରାଜସ୍ଥାନ ଓ ଚେନ୍ନାଇ ମଧ୍ୟରେ ମ୍ୟାଚ ହୋଇଥିଲା। ଏହାକୁ ୬ ରନରେ ଜିତିଛି ରାଜସ୍ଥାନ। ନୀତିଶ ରାଣା ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କର ଦମଦାର ୮୧ରନ୍ ଇନିଂସ ବଳରେ ରାଜସ୍ଥାନ ବିଜୟ ସହ ସିଜିନ୍‌ରେ ପଏଣ୍ଟ ଖାତା ଖୋଲିଛି। ପୂର୍ବରୁ ଦଳ ଦୁଇଟି ମ୍ୟାଚ ହାରି ସାରିଛି। ଚେନ୍ନାଇ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା ମାତ୍ର ଲଗାତାର ଦୁଇଟି ମ୍ୟାଚ ହାରିଛି। ପଏଣ୍ଟ ଟେବୁଲର ସପ୍ତମ ସ୍ଥାନରେ ରହିଛି ଚେନ୍ନାଇ।

# ମ୍ୟାଚ ଜିତିଲେ, ୧୨ ଲକ୍ଷ ଟଙ୍କାର ହେଲେ ଫାଇନ୍ ଗଣିଲେ ରିୟାନ ପରାଗ୍

**ନୂଆଦିଲ୍ଲୀ,୩୧।୩:** ଚଳିତ ଆଇପିଏଲ ସିଜିନ୍ ୧୮ରେ ଲଗାତାର ଦୁଇଟି ମ୍ୟାଚ ହାରିଲା। ପ୍ରଥମ ମ୍ୟାଚ ହାଇଦ୍ରାବାଦ ଓ ଦ୍ୱିତୀୟ ମ୍ୟାଚ କୋଲକାତାଠୁ ପରାସ୍ତ ହୋଇଥିଲା ପ୍ରଥମ ଆଇପିଏଲ ବିଜେତା ରାଜସ୍ଥାନ ରୟାଲ୍ସ। ତୃତୀୟ ମ୍ୟାଚରେ ଶକ୍ତିଶାଳୀ ଓ ସଫଳ ଚେନ୍ନାଇ ସୁପରକିଙ୍ଗସକୁ ଭେଟିଥିଲା। ମ୍ୟାଚକୁ ୬ରନରେ ଜିତି ପ୍ରଥମ ବିଜୟ ସ୍ୱାଦ ଚାଖିଛି ଦଳ। ହେଲେ ଅଧିନାୟକଙ୍କୁ ୧୨ ଲକ୍ଷ ଟଙ୍କାର ଫାଇନ୍ ଗଣିବାକୁ ପଡିଛି। ସ୍ଲୋ ଓଭର ବୋଲିଂ ପାଇଁ ଅଧିନାୟକ ରିୟାନ ପରାଗଙ୍କୁ ବିସିସିଆଇ ଦଣ୍ଡିତ କରିଛି। ଆଇପିଏଲ ସିଜିନ୍ ୧୮ରେ ୧୧ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗସ ଓ ରାଜସ୍ଥାନ ରୟାଲ୍ସ ପରସ୍ପରକୁ ଭେଟିଥିଲେ। ଚେନ୍ନାଇ ବିପକ୍ଷରେ ୬ ରନରେ ବିଜୟ ହାସଲ କରିଥିବା ରାଜସ୍ଥାନର ଅଧିନାୟକ ରିୟାନ ପରାଗ ସ୍ଲୋ ଓଭର ବା ମନ୍ଥର ବୋଲିଂ ପାଇଁ ଦଣ୍ଡିତ ହୋଇଛନ୍ତି। ଏ ନେଇ ତାଙ୍କୁ ୧୨ଲକ୍ଷ ଟଙ୍କାର ଜରିମାନା ହୋଇଛି। ଚେନ୍ନାଇ ବିପକ୍ଷରେ ୨୦ ଓଭର ପାଇଁ ନିର୍ଦ୍ଧାରିତ ସମୟ ପୂରଣ କରିପାରିନଥିଲା ଦଳ। ଫଳରେ ଧାରା ୨.୨୨ ଆଇପିଏଲ କୋଡ୍ ଅଫ୍ କନଡକ୍ଟ ଅନୁଯାୟୀ ଅଧିନାୟକ ରିୟାନ ପରାଗଙ୍କୁ ଫାଇନ୍ ଗଣିବାକୁ ପଡ଼ିଛି। ଚଳିତ ସିଜିନରେ ଏହା କୌଣସି ଦଳକୁ ସ୍ଲୋ ଓଭର ପାଇଁ ଦ୍ୱିତୀୟ ଜରିମାନା। ପୂର୍ବରୁ ମନ୍ଥର ବୋଲିଂ ପାଇଁ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଦଣ୍ଡିତ ହୋଇ ସାରିଛନ୍ତି। ଗୁଜରାଟ ଟାଇଟନ୍ସ ବିପକ୍ଷରେ ସ୍ଲୋ ଓଭର ବୋଲିଂ ପାଇଁ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କାର ଫାଇନ୍ କରିଥିଲା ବିସିସିଆଇ। ନିର୍ଦ୍ଧାରିତ ସମୟଠୁ ବିଳମ୍ବରେ ବୋଲିଂ ଶେଷ କରିଥିଲା ଦଳ। ତେଣୁ ନିୟମ ଅନୁସାରେ ପାଣ୍ଡ୍ୟାଙ୍କୁ ଫାଇନ୍ ହୋଇଥିଲା। କହି ରଖୁଛି କି, ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ନୂଆ ସିଜନ ପାଇଁ ମନ୍ଥର ବୋଲିଂ ଅପମାନ ନିୟମରେ ପରିବର୍ତ୍ତନ ଘଟିଛି। ଏଥର ଅଧିନାୟକଙ୍କୁ ନିଲମ୍ବନ ଦଣ୍ଡ ମିଳିବ ନାହିଁ ବରଂ ଆଇସିସି ନିୟମ ଭଳି ସେମାନଙ୍କର ଶୃଙ୍ଖଳା ପଏଣ୍ଟ କାଟ୍ ହେବ ଓ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବ।



## ଅକ୍ଟୋବରରେ ଟିମ୍ ଇଣ୍ଡିଆର ଅଷ୍ଟ୍ରେଲିଆ ଗସ୍ତ

# ଖେଳିବ ୩ ଦିନିକିଆ, ୫ ଟି-ଟ୍ୱେଣ୍ଟି



**ନୂଆଦିଲ୍ଲୀ,୩୧।୧:** ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ରେଲୱେ ବିପକ୍ଷରେ ଦିଲ୍ଲୀର ମୁକାବିଲାର ଦ୍ୱିତୀୟ ଦିନରେ ଭାରତର ଷ୍ଟାର ବ୍ୟାଟସମ୍ୟାନ ବିରାଟ କୋହଲି ଖେଳପ୍ରେମୀଙ୍କୁ ନିରାଶ କରିଛନ୍ତି। ରଣଜୀ ଟ୍ରଫିକୁ ଲୋକ ବହୁତ ଦିନ ହେବ ଅପେକ୍ଷା କରି ରହିଥିବା ବେଳେ ୧୨ ବର୍ଷ ପରେ ବିରାଟଙ୍କ ଲେଉଟାଣି ସଭିଙ୍କ ମନରେ ଉତ୍ସାହ ଭରି ଦେଇଥିଲା। ହେଲେ ବିରାଟ ଦ୍ୱିତୀୟ ଦିନରେ ମାତ୍ର ୬ ରନ୍ କରି ଆଉ ହୋଇଯିବା ପରେ ନିରାଶ ହୋଇ ଅଧା ଖେଳରୁ ଉଠି ପଳାଇଛନ୍ତି ଦର୍ଶକ। ଫଳଲେ ଖାଲି ହୋଇଯାଇଛି ଅରୁଣ ଜେଟଲି ଷ୍ଟାଡିୟମ।ଷ୍ଟାଡିୟମରେ ଖେଳପ୍ରେମୀ ସେମାନଙ୍କ ହିରୋଙ୍କୁ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ହେଲେ ରେଲୱେ ପେସର୍ ହିମାଂଶୁ ସାଙ୍ଗୱାନଙ୍କ ଦ୍ୱାରା କୋହଲି ବୋଲ୍ଡ ହେବା ପରେ ଧୀରେ ଧୀରେ ଷ୍ଟାଡିୟମ୍ ଫାଙ୍କା ହୋଇ ଯାଇଥିଲା। ୧୨ ବର୍ଷ ପରେ ଘରୋଇ କ୍ରିକେଟକୁ ଫେରିଥିବା କୋହଲି ଦିଲ୍ଲୀର ଇନିଂସକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଥିଲା। ୩୬ ବର୍ଷୀୟ ବିରାଟ ଖେଳିବାକୁ ଗଲା ବେଳେ ଷ୍ଟାଡିୟମ୍ "କୋହଲି, କୋହଲି" ଧ୍ୱନି ଶୁଣିବାକୁ ମିଳିଥିଲା। ହେଲେ ୧୫ ବଲ୍‌ରେ ମାତ୍ର ଗୋଟାଏ ଚମତ୍କାର ବାଉଣ୍ଡରି ମାରି ଦର୍ଶକଙ୍କୁ ଖୁସି କରିବା ପରେ ପରବର୍ତ୍ତୀ ବଲ୍‌ରେ ଆଉଟ୍ ହୋଇଥିଲେ। ବାର ବର୍ଷର ବନବାସ ପରେ ଘରୋଇ କ୍ରିକେଟ୍‌କୁ ଫେରିଥିବା କିଂବଦନ୍ତି କ୍ରିକେଟର୍ ବିରାଟ କୋହଲିଙ୍କୁ ଦେଖିବା ଲାଗି ଦର୍ଶକ ଗୁରୁବାର ଏକପ୍ରକାର ପାଗଳ ହୋଇଯାଇଥିଲେ। ରେଳବାଇ ବିପକ୍ଷ ରଣଜୀ ମ୍ୟାଚ୍ ଖେଳିବାକୁ କୋହଲି ପଡ଼ିଆକୁ ଓହ୍ଲାଇବା ଜାଣି ଗୁରୁବାର ସକାଳୁ ସ୍ଥାନୀୟ ଅରୁଣ ଜେଟ୍‌ଲି ଷ୍ଟାଡିୟମ୍ ବାହାରେ ସମର୍ଥକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏଣୁ ଦିଲ୍ଲୀ ଓ ଜିଲ୍ଲା କ୍ରିକେଟ୍ ସଂଘ (ଡିଡିସିଏ) ସେମାନଙ୍କ ପାଇଁ ଗୌତମ ଗମ୍ଭୀର ଷ୍ଟାଣ୍ଡକୁ ଖୋଲି ଦେଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ମାତ୍ର କିଛି ସମୟ ଭିତରେ ଉକ୍ତ ଷ୍ଟାଣ୍ଡ୍‌ରେ ପାଖାପାଖି ୧୫,୦୦୦ରୁ ଅଧିକ ଦର୍ଶକ ଏକାଠି ହୋଇଯାଇଥିଲେ। କୋହଲିଙ୍କ ଟିକିଏ ଝଲକ ପାଇଁ ଯିଏ ଯେଉଁଠି ସ୍ଥାନ ପାଇଲା ସେଠି ଛିଡ଼ା ହୋଇଯାଇଥିଲେ। ପୁଣି କୋହଲି.... କୋହଲି.. ରଡ଼ିରେ ପୂରା ଷ୍ଟାଡିୟମ୍ କମ୍ପି ଉଠିଥିଲା।

# ଅର୍ନ୍ୟା ସାବାଲେଙ୍କା ଚାମ୍ପିଅନ୍

● ପ୍ରଥମ ଥର ଜିତିଲେ ଟାଇଟଲ୍



**ମାୟାମୀ,୩୧।୩:** ବିଶ୍ୱର ଏକ ନମ୍ବର ଖେଳାଳି ବେଲାରୁଷର ଅର୍ନ୍ୟା ସାବାଲେଙ୍କା ପ୍ରଥମ ଥର ମାୟାମୀ ଓପନ ଟେନିସ୍ ଚାମ୍ପିଅନ୍ ହୋଇଛନ୍ତି। ଫାଇନାଲ୍ ମୁକାବିଲାରେ ସେ ସିଧାସଳଖ ୭-୫, ୬-୨ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ଦେଢ଼ ଘଣ୍ଟାରୁ କମ୍ ସମୟ ଲାଗିଥିଲା। ୩ଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ସାବାଲେଙ୍କା କ୍ୟାରିୟରରେ ଅଷ୍ଟମ ଡବ୍ଲ୍ୟୁଟିଏ ଟାଇଟଲ୍ ଜିତିବା ସହ ମାରିଆ ସାରାପୋଭାଙ୍କ ରେକର୍ଡ଼ ସମକକ୍ଷ ହୋଇଛନ୍ତି। ହାର୍ଡ କୋର୍ଟ ଟୁର୍ଣ୍ଣାମେଣ୍ଟରେ ସାବାଲେଙ୍କାଙ୍କ ଆଧିପତ୍ୟ ଜାରି ରହିଛି। କ୍ୟାରିୟରରେ ସେ ୧୯ଟି ଡବ୍ଲ୍ୟୁଟିଏ ଟୁର ସିଙ୍ଗଲ୍ସ ଟାଇଟଲ୍ ଜିତିଥିବାବେଳେ ସେଥିମଧ୍ୟରେ ହାର୍ଡ କୋର୍ଟରେ ୧୭ଟି ଟାଇଟଲ୍ ହାସଲ କରିଛନ୍ତି। ସେ ଶେଷ ୪ଟି ହାର୍ଡ କୋର୍ଟ ଟୁର୍ଣ୍ଣାମେଣ୍ଟରେ ୩ଥର ଚାମ୍ପିଅନ୍ ହୋଇଛନ୍ତି। ସେ ସିନ୍‌ସିନାଟି ଓପନ, ୟୁଏସ୍ ଓପନ ଏବଂ ମାୟାମୀ ଓପନ ଚାମ୍ପିଅନ୍ ହୋଇଛନ୍ତି। ଏହି ୩ଟି ଯାକ ଟୁର୍ଣ୍ଣାମେଣ୍ଟରେ ସେ ଫାଇନାଲ୍ ମୁକାବିଲାରେ ପେଗୁଲାଙ୍କୁ ପରାଜିତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ଦିବସରୁ...

ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ରାଜ୍ୟ ୱାର୍କଫ୍ଲୋ ଅଟୋମେସନ ସିଷ୍ଟମକୁ ସମସ୍ତ ନଗର ଓ ମହାନଗରରେ ଲାଗୁ କରିବାକୁ ଯାଉଛି। ଡିଜିଟାଲ ପରିବର୍ତ୍ତନ ମାଧ୍ୟମରେ ପରିଯୋଜନାକୁ ସମଗ୍ର ନଗରପାଳିକାରେ ପ୍ରଶାସନିକ ପ୍ରକ୍ରିୟାକୁ ଅନୁକୂଳ କରାଯିବ। ଏହି ପରିଯୋଜନାର ଟେକନିକକୁ ଓକାକ୍ (ଓଡ଼ିଶା କମ୍ପ୍ୟୁଟର ଆପଲିକେସନ ସେଣ୍ଟର) ଦ୍ୱାରା ତଦାରଖ କରାଯିବ। ଏପ୍ରିଲ ୧ରୁ ଭୁବନେଶ୍ୱର ଓ ଗୋଆ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ଏନେଇ କିଛି ଦିନ ପୂର୍ବରୁ ଘୋଷଣା କରିଛି ଇଣ୍ଡିଗୋ। ବିମାନ ଅଧିକାରୀଙ୍କ ଅନୁଯାୟୀ, ଏହି ନୂତନ ସେବା ଯାତ୍ରୀମାନଙ୍କ ପାଇଁ ଏକ ସୁଗମ ସୁଯୋଗ ସାବ୍ୟସ୍ତ ହେବ। ଉଭୟ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଦୃଶ୍ୟପଟ୍ଟକୁ ପର୍ଯ୍ୟଟକ ଅନୁଭବ କରିବା ସହ ଉପକୂଳରେ ଆରାମଦାୟକ ରହଣିର ମଜା ଉଠାଇପାରିବେ। ଆସନ୍ତାକାଲିଠାରୁ ଜାତୀୟ ଶିକ୍ଷା ନୀତି (ଏନଇପି)-୨୦୨୦ ରାଜ୍ୟରେ ଲାଗୁ ହେବ ବୋଲି ସୂଚନା ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେହିପରି ଏପ୍ରିଲ ୨ରେ ସମସ୍ତ ସ୍କୁଲ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମକୁ ଉତ୍ସବ ଭାବେ ପାଳନ କରାଯିବ। ପ୍ରଥମ କରି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏପ୍ରିଲ ୫ ଯାଏଁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଚାଲିବ। ଗତ ମାର୍ଚ୍ଚ ୧୭ରୁ ୧୯ ତାରିଖ ମଧ୍ୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ନିମନ୍ତ୍ରଣପତ୍ର ଦେଇ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅଭିଭାବକମାନଙ୍କୁ ନିବେଦନ କରିବେ ମୁଖ୍ୟମନ୍ତ୍ରୀ। ଓଡ଼ିଶା ଭଳି କେନ୍ଦ୍ରରେ ବି ଲାଗୁ ହେବ ନୂଆ ଯୋଜନା। ନୂଆ ଆର୍ଥିକ ବର୍ଷରେ ସରକାର ଟ୍ୟାକ୍ସକୁ ନେଇ ବଡ଼ ପରିବର୍ତ୍ତନ କରିଥିଲେ, ଯାହାକି ଏପ୍ରିଲ ୧ରୁ ଲାଗୁ ହେବ। ଏହି ପରିବର୍ତ୍ତନ ବରିଷ୍ଠ ନାଗରିକ, ନିବେଶକ, ବୀମା ଏଜେଣ୍ଟ, ପେନସନଧାରୀ ଓ ଅନଲାଇନ ଗେମିଂରୁ ରୋଜଗାର କରୁଥିବା ବ୍ୟକ୍ତିଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ।

### ଏପ୍ରିଲ୍...

ହେଉଥିବା ବେଳେ ଚଳିତ ବର୍ଷ ଏହା ୩ରୁ ୬ ଦିନ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମପ୍ରବାହ ହେବାକୁ ଥିବା ରାଜ୍ୟ ମଧ୍ୟରେ ରାଜସ୍ଥାନ, ଗୁଜରାଟ, ହରିୟାଣା, ପଞ୍ଜାବ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଏବଂ କର୍ଣ୍ଣାଟକର ଉତ୍ତର ଅଂଶ ଏବଂ ତାମିଲନାଡୁ ଆଦି ସାମିଲ୍ ରହିଛି। କିନ୍ତୁ ଏପ୍ରିଲରେ ଭାରତର ଅଧିକାଂଶ ସ୍ଥାନରେ ସାଧାରଣଠାରୁ ଅଧିକ ତାପମାତ୍ରା ହେବାର ସମ୍ଭାବନା ରହିଥିଲେ ହେଁ ଦକ୍ଷିଣ ଓ ଉତ୍ତର-ପଶ୍ଚିମ ଅଞ୍ଚଳର କେତେକ ରାଜ୍ୟରେ ସ୍ୱାଭାବିକ ତାପମାତ୍ରା ଅନୁଭୂତ ହେବାର ସମ୍ଭାବନା ମଧ୍ୟ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ତେବେ ଚଳିତ ବର୍ଷ ଏଲ୍‌ନିନୋରେ ବିଶେଷ କୌଣସି ପରିବର୍ତ୍ତନ ହେବ ନାହିଁ। ଆଗାମୀ ତିନି ମାସ ମଧ୍ୟରେ ଏହା ନିରପେକ୍ଷ ରହିବ। ଏପରିକି ମୌସୁମୀ ସମୟରେ ମଧ୍ୟ ଚଳିତ ବର୍ଷ ଏଲ୍‌ନିନୋର ସାମାନ୍ୟତମ ସମ୍ଭାବନା ବି ନାହିଁ ବୋଲି ଆଇଏମ୍‌ଡି ମହାସଚିବ କହିଛନ୍ତି।

ସେହିପରି ଚଳିତ ବର୍ଷ ଅପେକ୍ଷାକୃତ ସଅଳ ଅର୍ଥାତ୍ ଆସନ୍ତା ମାସ ମଧ୍ୟ ଭାଗରେ ମୌସୁମୀ ଆଗମନ ନେଇ ବିସ୍ତୃତ ସୂଚନା ଦିଆଯିବ ବୋଲି ମଧ୍ୟ ଶ୍ରୀ ମହାପାତ୍ର କହିଛନ୍ତି। ତେବେ ଆଗାମୀ ୩ ମାସରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ବଢ଼ିବାର ସମ୍ଭାବନା ପ୍ରକଟ କରାଯାଉଥିଲେ ମଧ୍ୟ ରବି ଫସଲ ଉପରେ ଏହାର ବିଶେଷ ପ୍ରଭାବ ପଡ଼ିବ ନାହିଁ। କାରଣ ଇତିମଧ୍ୟରେ ଅଧିକାଂଶ ରବି ଫସଲ ଅମଳ ହୋଇସାରିଛି। କିନ୍ତୁ ପଞ୍ଜାବର ଅଧିକାଂଶ ଅଞ୍ଚଳରେ ସାମାନ୍ୟ ବିଳମ୍ବରେ ଚାଷ ହେଉଥିବା ଗହମ ଫସଲ ଉପରେ ଆର୍ଦ୍ରତାଜନିତ ଚାପ ପଡ଼ିବାର ଆଶଙ୍କା ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଚଳିତ ମାସରେ ଦେଶ ସାରା ଗ୍ରୀଷ୍ମପ୍ରବାହର ସ୍ଥିତି ସମ୍ପର୍କରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ମାର୍ଚ୍ଚରେ ରେକର୍ଡ ହୋଇଥିବା ସର୍ବାଧିକ ତାପମାତ୍ରା ୧୯୦୧ ପରଠାରୁ ଚତୁର୍ଦ୍ଦଶ ସର୍ବାଧିକ। ଏହାଛଡ଼ା ସର୍ବନିମ୍ନ ତାପମାତ୍ରା ଦ୍ୱାଦଶ ସର୍ବାଧିକ ରହିଥିଲା।

ସେହିପରି ବିଶେଷଜ୍ଞମାନେ ଚଳିତ ଗ୍ରୀଷ୍ମଋତୁରେ ସର୍ବାଧିକ ତାପମାତ୍ରା ଅନୁଭୂତ ହେବାର ସମ୍ଭାବନା ଥିବାରୁ ଏହି ସମୟ ମଧ୍ୟରେ ଦେଶରେ ସ୍ୱାଭାବିକଠାରୁ ପ୍ରାୟ ୧୦ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ବିଦ୍ୟୁତ୍ ଶକ୍ତି ଆବଶ୍ୟକ ହେବ ବୋଲି ପୂର୍ବାନୁମାନ କରିଛନ୍ତି। ଗତ ବର୍ଷ ମେ' ୩୦ ତାରିଖରେ ୨୫୦ ଗିଗାୱାଟ୍ ବିଦ୍ୟୁତ୍ ଉପଯୋଗ ହୋଇଥିଲା, ଯାହାକି ପୂର୍ବାନୁମାନ ତୁଳନାରେ ୬.୩ ପ୍ରତିଶତ ଅଧିକ ଥିଲା।

### ମୃତ୍ୟୁସଂଖ୍ୟା...

ଏହି ସେମାନଙ୍କ ପ୍ରତି ସଦ୍ୟ ନିର୍ମମ ନିର୍ଯାତନା ବୋଲି ୟୁନିସେଫ୍ ରିଜିଓନାଲ୍ ଚିଫ୍ ଅଫ୍ ଏମର୍ଜେନ୍ସି ଅପରେସନ୍ସ ଟ୍ରେଭର୍ କ୍ଲାର୍କ କହିଛନ୍ତି। ଅନ୍ୟପକ୍ଷରେ ମିଆଁମାର ଓ ଥାଇଲାଣ୍ଡ୍‌କୁ ଭାରତ ସମେତ ବିଭିନ୍ନ ବିଦେଶୀ ରାଷ୍ଟ୍ର ପକ୍ଷରୁ ସହାୟତା ଯୋଗାଣ ଧାରା ଜାରି ରହିଛି। ଇତିମଧ୍ୟରେ ଭାରତ ସେଠାକୁ ଉଦ୍ଧାରକାରୀ ଦଳ ସହ ମେଡିକାଲ୍ ଟିମ୍, କମ୍ବଳ, ହାଇଜିନ୍ କିଟ୍, ଖାଦ୍ୟ ପୁଡ଼ିଆ ଓ ଅନ୍ୟାନ୍ୟ ଜରୁରୀକାଳୀନ ସାମଗ୍ରୀ ଆଦି ପଠାଇଛି। ସେହିପରି ଆମେରିକା ପକ୍ଷରୁ ୨ ନିୟୁତ ଡଲାର୍ ସହାୟତା ଦିଆଯାଇଛି। ଭିଏତନାମ ପକ୍ଷରୁ ଶତାଧିକ ସଦସ୍ୟ ବିଶିଷ୍ଟ ଉଦ୍ଧାରକାରୀ ଟିମ୍, ସ୍ନାଇପର୍ ଡଗ୍, ମେଡିକାଲ୍ ଷ୍ଟାଫ୍ ପଠାଯାଇଥିବା ସୋମବାର ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା ଦକ୍ଷିଣ କୋରିଆ, ରୁଷିଆ, ଜାପାନ, ସିଙ୍ଗାପୁର, ମାଲେସିଆ, ନ୍ୟୁଜିଲାଣ୍ଡ, ଫିଲିପାଇନ୍ସ, ତାଇୱାନ୍ ଆଦି ମଧ୍ୟ ସହାୟତା ପଠାଇଛନ୍ତି। ଅନ୍ୟପକ୍ଷରେ ଏହି ଭୟାବହ ପ୍ରାକୃତିକ ଦୁର୍ବିପାକରେ ଅନେକ ଲୋକ ନିଖୋଜ ହୋଇଯାଇଥିବା ବେଳେ ସେମାନଙ୍କ ସମ୍ପର୍କୀୟଙ୍କ ସକାଶେ ସୋସିଆଲ୍ ମିଡିଆ ବରଦାନ ସାବ୍ୟସ୍ତ ହୋଇଛି। ଅନେକ ଲାଇନ୍, ୱିଚାଟ୍ ପରି ସୋସିଆଲ୍ ମିଡିଆ ମାଧ୍ୟମରେ ସେମାନଙ୍କ ସମ୍ପର୍କୀୟଙ୍କ ସୂଚନା ପାଉଥିବା ସାମ୍ନାକୁ ଆସିଛି।

### ଆଜିଠୁ ...

ବୁଧବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାରେ କାଳବୈଶାଖୀ ବର୍ଷା ହେବା ନେଇ ଆକଳନ କରାଯିବା ସହ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା ୪ ତାରିଖରେ ମଧ୍ୟ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ଏପ୍ରିଲ ୫ରେ ଉପକୂଳ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ବର୍ଷା ହେବ, ଯାହାକି ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ଦକ୍ଷିଣ ଛତିଶଗଡ଼ରୁ ମଧ୍ୟପ୍ରଦେଶ ବିଦର୍ଭ ପର୍ଯ୍ୟନ୍ତ ଟ୍ରଫ୍ ଲାଇନ ଲମ୍ବିଥିବାରୁ ଏହାର ପ୍ରଭାବରେ କାଳବୈଶାଖୀ ଓ ତଜ୍ଜନିତ ବର୍ଷା ହେବା ନେଇ ଆକଳନ କରାଯାଇଛି।

### ବଢ଼ିଲା...

ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ଦେଶର ବୃହତ୍ ବାଣିଜ୍ୟିକ ମେଳା ବାଲିଯାତ୍ରା ପାଇଁ ସ୍ଥାନ ସୁରକ୍ଷିତ କରିବା ସକାଶେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସଙ୍ଗୀତ ନାଟକ ଏକାଡେମୀର ନିର୍ଦ୍ଦେଶାବଳୀ ଅନୁଯାୟୀ ବାଲିଯାତ୍ରା ସମ୍ପର୍କରେ ଆବଶ୍ୟକ ଡକ୍ୟୁମେଣ୍ଟେସନ୍ ପ୍ରସ୍ତୁତ କରିବା ଓ ପ୍ରାମାଣିକ ସୂଚନା ବ୍ୟବସ୍ଥା କରିବା ପାଇଁ ସରକାର ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଦୃଶ୍ୟ ଡକ୍ୟୁମେଣ୍ଟେସନ୍ ୟୁନେସ୍କୋ ନିକଟରେ ଦାଖଲ କରାଯିବ। ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟର ଜାତୀୟ ତାଲିକାରେ ରଥଯାତ୍ରା ଓ ବାଲିଯାତ୍ରାକୁ ସାମିଲ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରଥଯାତ୍ରା ଓ ବାଲିଯାତ୍ରା ଓଡ଼ିଶାର ବଡ଼ ପରିଚୟ ଓ ଏହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅନ୍ୟତମ ପ୍ରତୀକ ବୋଲି ଉଭୟ କହିଛନ୍ତି।

### ଛନ୍ଦିହେବେ...

ଅଭିଯୋଗ ଅନୁଯାୟୀ, ସାଇବର ଠକ ଗୋଷ୍ଠୀ ତାଙ୍କୁ ଆଇପିଓ, ଶେୟାର୍ ଓ ଓଟିସିରେ ନିବେଶ କଲେ ଅଧିକ ରିଟର୍ଣ୍ଣ ମିଳିବାର ଲୋଭ ଦେଖାଇଥିଲା। ୨୦୨୪ ନଭେମ୍ବର ୧୩ରୁ ୨୦୨୫ ଜାନୁଆରି ୧ ଯାଏଁ ବିଭିନ୍ନ ପର୍ଯ୍ୟାୟରେ ୧ କୋଟି ୪୦ ଲକ୍ଷ ଟଙ୍କା ୧୯ଟି ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ ତୁଷାରକାନ୍ତି। ତେବେ ଏନେଇ ତୁଷାରକାନ୍ତିଙ୍କୁ ପଚାରିବାରୁ ସେ ପ୍ରଶ୍ନକୁ ଏଡ଼ାଇଯାଇଥିଲେ। ତାଙ୍କ ନାମରେ ଥିବା ଟ୍ରେଡିଂ ଆକାଉଣ୍ଟକୁ ତାଙ୍କର ଜଣେ ବନ୍ଧୁ ବ୍ୟବହାର କରନ୍ତି ବୋଲି କହିଥିଲେ। ଏହି ଘଟଣାରେ କର୍ଣ୍ଣାଟକ ଏବଂ ତାମିଲନାଡୁରୁ ୭ ସାଇବର ଠକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ସାଇବର ଥାନା। ଏମାନଙ୍କ ନିକଟରୁ ମୋବାଇଲ ଫୋନ, ସିମକାର୍ଡ, ହ୍ୱାଟ୍ସଆପ ଚାର୍ଟ ସ୍କ୍ରିନଶଟ୍, ଆଧାରକାର୍ଡ, ପାନ କାର୍ଡ, ବ୍ୟାଙ୍କ ପାସବୁକ, ଚେକବୁକ ଏବଂ ଡେବିଟ କାର୍ଡ ଆଦି ଜବତ କରିବା ସହ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଫ୍ରିଜ କରିଛି ପୁଲିସ। ଏଥିସହ ନଗଦ ୪ ଲକ୍ଷ ଟଙ୍କା ମଧ୍ୟ ଜବତ କରିଛି କ୍ରାଇମବ୍ରାଞ୍ଚ ସାଇବର ଥାନା।

### ଜାଲିଆ...

ହୋଇଥିବା ଜଣାପଡିବା ପରେ କିନ୍ତୁ ଶକ୍ତି ବିଭାଗ ସେହି ସଂସ୍ଥାକୁ କେବଳ କାରଣ ଦର୍ଶାଅ ନୋଟିସ୍‌ଟିଏ ଜାରି କରି ବସିପଡିଲା। ଜାଲ୍ କାଗଜପତ୍ର ଦାଖଲ କରିଥିବା ବିଭିଜି ସଂସ୍ଥା ବି ଚୁପଚାପ ପ୍ରକଳ୍ପରୁ ଓହରିଗଲା। ତେବେ ସରକାର ତାହାର କାର୍ଯ୍ୟକୁ ବାତିଲ କଲେନାହିଁ କି ସେହି ସଂସ୍ଥାକୁ କଳା ତାଲିକାଭୁକ୍ତ କଲେ ନାହିଁ। ବର୍ତ୍ତମାନ ରାଜ୍ୟ ସରକାର ସବୁଜ ଶକ୍ତି ଉପରେ ଗୁରୁତ୍ୱ ଦେଉଥିବାବେଳେ ଶକ୍ତି ବିଭାଗର ପୁରୁଣା ବାବୁଙ୍କଠାରୁ ଆଶୀର୍ବାଦ ପାଇଥିବା ବିଭିଜି କମ୍ପାନୀ ବି ଓଡିଶାରେ କାମ କରିବାକୁ ଆଗଭର ହେଲାଣି। ସେତେବେଳେ ବିଭିଜି କମ୍ପାନୀକୁ ଅନୁକମ୍ପା ଦେଖାଇଥିବା କିଛି ବାବୁ ଏବେ ପୁଣିଥରେ ସକ୍ରିୟ ହେବାରେ ଲାଗିଛନ୍ତି। ତେବେ ଗୋଟିଏ ଜାଲ୍ ସଂସ୍ଥା ପାଇଁ ଶକ୍ତି ବିଭାଗର ବାବୁମାନେ କାହିଁକି ଶକ୍ତି ଖଟାଉଛନ୍ତି ତାହାକୁ ନେଇ ହୀରା ଜିଟିଡି ଶ୍ରମିକ ସଂଗଠନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛି। ତେବେ ହେଉଥିବା ଆଲୋଚନା ପାଇଁ ମହାରାଷ୍ଟ୍ରର ଉକ୍ତ ସଂସ୍ଥା ୬୫ କୋଟି ଟଙ୍କାର କାମ ହାତେଇବା ପାଇଁ ସେତେବେଳେ ଅନେକ ଶକ୍ତିମାନ ବାବୁଙ୍କୁ ସନ୍ତୁଷ୍ଟ କରିଥିଲା। କିନ୍ତୁ ସୂଚନା ଅଧିକାର କର୍ମୀଙ୍କ ଖୋଳତାଡ଼ ଯୋଗୁଁ ଜାଲିଆ ସଂସ୍ଥା ଧରାପଡି ପଳାଇଥିଲା। ଏବେ ସେହି ପୁରୁଣା ସମ୍ପର୍କର ବାବୁମାନେ ଶକ୍ତି ବିଭାଗରେ ସହାୟତା ପାଇଁ ଅଭୟବାଣୀ ଦେଇଥିବାରୁ ବିଭିଜି ପୁଣିଥରେ ଓଡିଶାରେ ପ୍ରବେଶ ଲାଗି ଉଦ୍ୟମ ଚଳାଇଛି। ତେବେ ଏହା କେଉଁଠାରେ କି ପ୍ରକାର କାମ ନେଉଛି ଓ ତାକୁ କେଉଁ କେଉଁମାନେ ସହାୟତା କରୁଛନ୍ତି, ତାହା ଉପରେ ସୂଚନା ଅଧିକାର କର୍ମୀମାନେ ନଜର ରଖିଛନ୍ତି।

### ବେଫିକର...

ନୂଆ ମଦ ନୀତିରେ ବେଆଇନ ଓ ଚୋରା ମଦ କରବାରକୁ ରୋକିବା ଦିଗରେ କଠୋର କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ସହ ରାଜ୍ୟରେ ମଦ କାରବାରକୁ ନିୟନ୍ତ୍ରିତ ଓ ଶୃଙ୍ଖଳିତ କରିବାକୁ ରୋଡମ୍ୟାପ ପ୍ରସ୍ତୁତ ହୋଇଛି। ଯଦିଓ ମଦମୁକ୍ତ ରାଜ୍ୟ କରିବା ଦିଗରେ ଏଯାଏଁ ସରକାର ଚିନ୍ତା କରିନାହାଁନ୍ତି, କିନ୍ତୁ ଆଗାମୀ ଦିନରେ ରାଜ୍ୟରେ ହେଉଥିବା ଚୋରା କାରବାରକୁ ଚେକ କରିବାକୁ କଡ଼ା ଆଇନ ଅଣାଯିବ ବୋଲି ସେ କହିଛନ୍ତି।

# ଇଚ୍ଛା ବିରୋଧରେ କୁମାରୀତ୍ୱ ପରୀକ୍ଷା ଅସାମ୍ବିଧାନିକ

**କଟକ,୩୧।୩ (ସଂଚାର ବ୍ୟୁରୋ) :** ମହିଳାଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କର କୁମାରୀତ୍ୱ ପରୀକ୍ଷା ଅସାମ୍ବିଧାନିକ ବୋଲି କହିଛନ୍ତି ଛତିଶଗଡ଼ ହାଇକୋର୍ଟ। କୁମାରିତ୍ୱ ପରୀକ୍ଷା କରିବା ମହିଳାଙ୍କ ଅଧିକାରର ଉଲ୍ଲଂଘନ ବୋଲି କହିଛନ୍ତି। ପତ୍ନୀଙ୍କ ଇଚ୍ଛା ବିରୁଦ୍ଧରେ ଜଣେ ସ୍ୱାମୀ କୁମାରୀତ୍ୱ ପରୀକ୍ଷା ପାଇଁ ଦାବି କରିବା କେବଳ ମହିଳାଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ନୁହେଁ, ବରଂ ଏହା ସମ୍ବିଧାନର ଧାରା ୨୧ର ବିରୁଦ୍ଧାଚରଣ କରୁଛି ବୋଲି ଛତିଶଗଡ଼ ହାଇକୋର୍ଟ କହିଛନ୍ତି। ୨୦୨୪ ଜୁଲାଇ ମାସରେ ରାୟଗଡ଼ର ପରିବାର ଅଦାଲତରେ ଦାୟର ହୋଇଥିବା ଏକ ମାମଲାରେ, ପତ୍ନୀ ପ୍ରତି ମାସରେ ୨୦,୦୦୦ ଟଙ୍କାର ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ସ୍ୱାମୀଙ୍କ ଠାରୁ ଦାବି କରିଥିଲେ।

ଉଭୟ ୨୦୨୩ ଏପ୍ରିଲ ୩୦ ତାରିଖରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। କିନ୍ତୁ ବିବାହର କିଛିଦିନ ମଧରେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ସ୍ତ୍ରୀ ସ୍ୱାମୀଙ୍କ ଉପରେ ନପୁଂସକତାର ଅଭିଯୋଗ ଆଣିଥିବା ବେଳେ ସ୍ୱାମୀ ସ୍ତ୍ରୀଙ୍କର ଅବୈଧ ସମ୍ପର୍କ କଥା ଉଠାଇଥିଲେ। ଏହା ସହିତ ସ୍ୱାମୀ ନିଜ ସ୍ତ୍ରୀଙ୍କ କୁମାରୀତ୍ୱ ପରୀକ୍ଷା ପାଇଁ ଦାବି କରିଥିଲେ। ସ୍ୱାମୀଙ୍କ ଏଭଳି ଆବେଦନକୁ ପରିବାର ଅଦାଲତ ଖାରଜ କରିଦେଇଥିଲା। ଏହା ବିରୁଦ୍ଧରେ ସ୍ୱାମୀ ଜଣଙ୍କ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଜଷ୍ଟିସ୍ ଅରବିନ୍ଦ କୁମାର ବର୍ମାଙ୍କ ଖଣ୍ଡପୀଠ ଏନେଇ ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି ଯେ, କୁମାରୀତ୍ୱ ପରୀକ୍ଷା ଅସାମ୍ବିଧାନିକ ଏବଂ ମହିଳାଙ୍କ ମର୍ଯ୍ୟାଦାର ଅଧିକାରକୁ ଉଲ୍ଲଂଘନ କରୁଛି। ଏହା ସମ୍ବିଧାନର ଧାରା ୨୧ (ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରର ଉଲ୍ଲଂଘନ କରୁଛି। ଯଦି ସ୍ୱାମୀ ତାଙ୍କ ବିରୁଦ୍ଧରେ ଅଭିଯୋଗକୁ ଭୁଲ ପ୍ରମାଣିତ କରିବାକୁ ଚାହାଁନ୍ତି, ତେବେ ସେ ନିଜର ଡାକ୍ତରୀ ପରୀକ୍ଷା କରାଇପାରିବେ। କିନ୍ତୁ ପତ୍ନୀଙ୍କର କୁମାରୀତ୍ୱ ପରୀକ୍ଷା ଆଇନ ଅନୁଯାୟୀ ଗ୍ରହଣୀୟ ନୁହେଁ।



## ଶାନ୍ତିଶୃଙ୍ଖଳାର ସହ ପାଳିତ ହେଲା ଇଦ୍-ଉଲ୍-ଫିତର ପର୍ବ

**ବାଲିଚନ୍ଦ୍ରପୁର, ୩୧।୩ (ସଂଚାର ବ୍ୟୁରୋ) :** ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକର ଚାରିଙ୍ଗଳ ପଞ୍ଚାୟତସ୍ଥିତ ଇଦ୍‌ଗାହ ପଡ଼ିଆ ଠାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଯୋଗଦେଇ ସମୂହ ନମାଜ ପାଠ କରିଥିଲେ। କମିଟିର ସଭାପତି ମୌଲାନା ଫକିରୁଦ୍ଦିନ୍ ହାସମୀ କାଶମୀ ଯୋଗଦେଇଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ସମୂହ ନମାଜ ପାଠ କରାଇଥିଲେ। ନମାଜ ପାଠ ପରେ ସମସ୍ତେ ପରସ୍ପରଙ୍କୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ଇତି ଅବସରରେ ରାଜନେତାମାନେ ଯୋଗଦେଇଥିବା ଦେଖାଯାଇଥିଲା।

## ପଟ୍ଟାମୁଣ୍ଡାଇରେ ଇଦ ପାଳିତ



**ପଟ୍ଟାମୁଣ୍ଡାଇ, ୩୧।୩ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳରେ ଇସଲାମ ଧର୍ମର ଅନ୍ୟତମ ପବିତ୍ର ଶବ ମହୋତ୍ସବ ଇଦ ବିପୁଳ ଆନନ୍ଦଉଲ୍ଲାସ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଇଦଗାହା ପଡିଆ ସମୂହ ନମାଜ ପାଠ କରାଯାଇଥିଲା। ଏମାମ ସାହେବ ମହମଦ ଇସ୍ରାଫିଲ ଆମଜାଦି ସମୂହ ନମାଜ ପାଠ କରାଉଥିବାବେଳେ ସହଯୋଗୀ ମୌଲାନା ୱାସୀମ ଅକ୍ତର କାଦିର ଓ ହାଫିଜ ସଲ୍ଲାଉଦିନ ନମାଜ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନମାଜ ପାଠ ପାଇଁ ଇଦଗାହ ପଡିଆରେ ପଟ୍ଟାମୁଣ୍ଡାଇ ମୁସଲମାନବସ୍ତିର ଶହ ଶହ ମୁସଲମାନମାନେ ସମବେତ ହୋଇଥିଲେ। ଏହି ପବିତ୍ର ଅବସରରେ ରାଜନଗର ବିଧାୟକ ଧ୍ରୁବ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ମୁସଲମାନ ଭାଇ ଭଉଣୀମାନଙ୍କୁ ଇଦ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଯୁବ ସଂଗଠନ ଏମ ଡି ପପୁଙ୍କ ନେତୃତ୍ୱରେ ଶହ ଶହ ମୁସଲମାନ ବିଧାୟକଙ୍କୁ ଟୋପି ଓ ଚାଦର ପିନ୍ଧାଇ ଭବ୍ୟ ସ୍ୱାଗତ କରିଥିଲେ।

## କେନ୍ଦ୍ରାପଡାରେ ଶାନ୍ତି ଶୃଙ୍ଖଳାର ସହିତ ଇଦ୍-ଉଲ-ଫିତର ପାଳିତ



**କେନ୍ଦ୍ରାପଡା, ୩୧।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଏକ ଭାଇଚାରାର ଜିଲ୍ଲା ଭାବରେ ଜଣାଶୁଣା । ଏହି ଜିଲ୍ଲାରେ ବିଭିନ୍ନ ପର୍ବପର୍ବାଣି ରେ ହିନ୍ଦୁ ଏବଂ ମୁସଲମାନ ଉଭୟ ମିଳିମିଶି ପାଳନ କରିଥାନ୍ତି । ସୋମବାର ପବିତ୍ର ଇଦ୍-ଉଲ-ଫିତର ପର୍ବ ଶାନ୍ତି ଶୃଙ୍ଖଳାର ସହ ପାଳିତ ହୋଇଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ ଜିଲ୍ଲାରେ ସମୁଦାୟ ୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ସହର ମଧ୍ୟରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ସହର ତଥା ଆଖପାଖ ଅଂଚଳର ପ୍ରାୟ ୧୬ଟି ମସଜିଦ୍ ରେ ସକାଳ ସାଢେ ୭ଟା ରୁ ପ୍ରାର୍ଥନା ଆରମ୍ଭ ହୋଇ ୧୦ଟା ୩୦ ମଧ୍ୟରେ ଶେଷ ହୋଇଥିଲା । ଏଥିରେ ବହୁ ସଂଖ୍ୟକ ହିନ୍ଦୁ ଭାଇମାନେ ମୁସଲମାନ ଭାଇ ମାନଙ୍କୁ ମସଜିଦ ଓ ଇଦଗାରେ ଭେଟି ଅଭିନନ୍ଦନ ଜଣାଇଥିଲେ । ଜିଲ୍ଲାପାଳ ଆରକ୍ଷୀ ଅଧିକକଙ୍କ ନିର୍ଦ୍ଦେଶରେ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ସହିତ ୨ ଅତିରିକ୍ତ ଆରକ୍ଷୀ ଅଧିକକ, ୨ ଏସଡିପିଓ, ଡିଏସପି ଓ ସମସ୍ତ ଥାନାର ଥାନା ଅଧିକାରୀ ମାନେ ଉପସ୍ଥିତ ଥିଲେ । ତେବେ ଜିଲ୍ଲାର କୌଣସି ସ୍ଥାନରେ କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ନଥିବା ଜଣାପଡିଛି ।

## ସାରଡ଼ାଠାରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ

**ସାଲେପୁର, ୩୧।୩ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍‌କି ବାତର ୧୨୦ତମ ଅଧ୍ୟାୟ ସାଲେପୁର ନିର୍ବାଚନ ମଣ୍ଡଳୀର ରଟିଲୋ ପଞ୍ଚାୟତ ସାରଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଖାଲେପୁର ବିଜେପି ନେତା ହିମାଂଶୁ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ ଓ ମହିଳାମାନେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଉପଦେଶକୁ ମନ ଧ୍ୟାନ ସହକାରେ ଶୁଣିଥିଲେ। ଭାରତବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ର ନିର୍ମାଣ ଓ ସମାଜ ମଙ୍ଗଳ ପ୍ରସଙ୍ଗରେ ଆଲୋଚନା କରି ସାଧାରଣରେ ବସବାସ କରୁଥିବା ଲୋକଙ୍କ ଅକୁହା କଥାକୁ ସାମ୍ନାକୁ ଆଣି ଦେଶବାସୀଙ୍କ ସହ ନିଜର ଚିନ୍ତା, ଚେତନା, ମତାମତ ଏବଂ ପ୍ରେରଣାଦାୟକ ଘଟଣା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି କର୍ମୀ ହରେକୃଷ୍ଣ ସାମଲ ସମେତ ଭାରତୀୟ ଜନତା ପାର୍ଟି ସାଲେପୁର ମଣ୍ଡଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ମୁରବୀମାନଙ୍କୁ ସମ୍ମାନିତ କରାଯାଇଥିଲା।

### ସାବାଣା କହଁରଙ୍କ ପାଇଁ ପକ୍କାଘର ସାତ ସପନ

# ଭଙ୍ଗା କୁଡ଼ିଆରେ କଟୁଛି ଜୀବନ

**କନ୍ଧମାଳ, ୩୧।୩ (ସଂଚାର ବ୍ୟୁରୋ) :** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ସାବାଣା କହଁର ବୟସ ୬୧ ବିତିଯାଇଥିଲେ ମଧ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ସାବାଣାଙ୍କ ଘର ଓ ଚାଲିଚଳନ ଦେଖିଲେ ସ୍ପଷ୍ଟ ହେଉଛି। ପ୍ରଶାସନ ଅବହେଳା ଯୋଗୁଁ ସରକାରଙ୍କ ଯୋଜନା କେଉଁଠି ନା କେଉଁଠି ବାଟବଣା ହେଉଛି। ଦିର୍ଘ ବର୍ଷ ହେବ ଝାଟିମାଟି ଘରେ ବିପଦ ସଙ୍କୁଳ ଅବସ୍ଥାରେ ଦୁର୍ଦ୍ଦିନରେ ଜିବନ ବିତାଉଛନ୍ତି ସାବାଣା କହଁର ପରିବାର। ଅର୍ଥ ଅଭାବରୁ ଘର ସଜାଡ଼ି ନପାରି ଝାଟିମାଟି ତଳେ ବିପଦ ସଙ୍କୁଳ ଅବସ୍ଥାରେ କାଳାତିପାତ କରୁଛନ୍ତି।



ସରକାରଙ୍କ ପକ୍ଷରୁ ତାଙ୍କୁ ଆଜି ପର୍ଯ୍ୟନ୍ତ ପକ୍କା ଘର ଖଣ୍ଡିଏ ମିଳିନଥିବା ଅସହାୟ ସାବାଣା କହଁର କହିଛନ୍ତି। ପକ୍କା ଘର ଖଣ୍ଡିଏ ପାଇବା ପାଇଁ ଦିର୍ଘ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କୁ କୌଣସି ସୁଫଳ ମିଳିନାହିଁ। ସାବାଣା ଜଣେ ମୂଲ ମଜୁରିଆ ହୋଇଥିବା ବେଳେ ସବୁ ଦିନ ମୂଲ ମଜୁରି ମିଳୁନାହିଁ। ଯାହା କିଛି ମଜୁରି ମିଳେ ସେଥିରେ ନିଜେ ଚଳୁଥିବା ବେଳେ ପକ୍କା ଘର ଖଣ୍ଡିଏ କରିବା ପାଇଁ ତାଙ୍କ ପକ୍ଷେ ସାତ ସପନ ପାଲଟିଛି। ତେଣୁ ସରକାର ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସିକ ୩୫ କିଲୋ ଚାଉଳ ଦେବା ସହିତ ଆବାସ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମର ବ୍ରଜମୋହନ କହଁର, ଦୟାନିଧି କହଁର ବିଶ୍ୱନାଥ ଦିଗାଲ, ମୋହନ ଦିଗାଲ, ସୁଶାନ୍ତ ଦିଗାଲ, ଅନିରୁଦ୍ଧ ରଣା ପ୍ରମୁଖ ଦାବି କରିଛନ୍ତି ।

## ବୃଦ୍ଧଙ୍କ ଝୁଲନ୍ତା ଶବ ଉଦ୍ଧାର



**ନୀଳଗିରି, ୩୧।୩ (ସଂଚାର ବ୍ୟୁରୋ) :** ନୀଳଗିରି ଥାନା ଅଧୀନ ସଜନାଗଡ ହସ୍ପିଟାଲ୍ ନିକଟସ୍ଥ ତିନିକୋଣିଆ ଜଙ୍ଗଲରେ ମିଳିଛି ବୃଦ୍ଧଙ୍କ ଝୁଲନ୍ତା ଶବ। ସୋମବାର ସକାଳେ ମହୁଲ ଗୋଟାଇବାକୁ ଆସିଥିବା ସମୟରେ ମହିଳାମାନେ ଏହି ଶବଟିକୁ ଝୁଲନ୍ତା ଅବସ୍ଥାରେ ଦେଖି ଚିହ୍ନଟ କରିବା ସହ ପରିବାର ଲୋକଙ୍କୁ ଅବଗତ କରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କେହି ମାରି ଝୁଲେଇଥିବା ଅଭିଯୋଗ କରିଛନ୍ତି। ମୃତ ବୃଦ୍ଧ ଜଣକ ଜାମୁଡିହା ପଞ୍ଚାୟତ ବେଢାସାହି ଗ୍ରାମର ଦାସ ମାଝୀ (୫୬)ବୋଲି ଜଣାପଡିଛି। ଖବର ପାଇ ପୁଲିସକୁ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ୧୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ନୀଳଗିରି ମେଡିକାଲରେ ଶବବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ତେବେ ମୃତବ୍ୟକ୍ତିର ଗୋଡ ସମ୍ପୂର୍ଣ୍ଣ ତଳେ ଲାଗିଥିବା ବେଳେ ତାଙ୍କୁ କେହି ମଡର କରି ଟାଙ୍ଗି ଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



## ଲିଖିତ ପ୍ରତିଶ୍ରୁତି ପରେ ରାସ୍ତାରୁ ହଟିଲେ ଚାଷୀ

**ରାଇଘର, ୩୧।୩ (ସଂଚାର ବ୍ୟୁରୋ) :** ଗତ କାଲି ଠାରୁ ଲାଗିରହିଥିବା ରାସ୍ତା ରୋକରୁ ହଟିଲେ ଚାଷୀ। ଉପଜିଲ୍ଲାପାଳଙ୍କ କଥାରେ ନରମିଲେ ଚାଷୀ। ଆସନ୍ତା ବୁଧବାର ଠାରୁ ହେବ ସର୍ଭେ କାହାର କେତେ ଫସଲ ନଷ୍ଟ ହୋଇଛି,କେତେ ପରିମାଣର ନଷ୍ଟ ହୋଇଛି ସେହି ଅନୁଯାୟୀ ମିଳିବ ସହାୟତା। ଡୁମୁରିମୁଣ୍ଡା ଠାରେ ନିର୍ମାଣାଧୀନ କାମ ସିରିବା ପରେ ଭୋଲ୍‌ଟେଟଜରେ ଆସିବ ସାମାନ୍ୟ ସୁଧାର। ଏହିଭଳି ପ୍ରତିଶୃତି ଦେଇଥିଲେ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର। ଏହାପରେ ଚାଷୀମାନେ ଲିଖିତ ପ୍ରତିଶୃତି ପାଇଁ ଦାବି କରିବାରୁ ଦିଆଯାଇଥିଲା ଲିଖିତ ପ୍ରତିଶୃତି। ଉପଜିଲ୍ଲାପାଳଙ୍କ ବ୍ୟବହାର ଏବଂ କଥାରେ ଶସ୍ୟ ନଷ୍ଟକୁ ନେଇ ତାତିଥିବା ଚାଷୀ ହଟାତ ନରମି ଯାଇ ଆଲୋଚନା କରିବାକୁ ରାଜି ହୋଇଥିଲେ। ପ୍ରକାଶ ଥାଉକି, ସକାଳୁ ଯେତେବେଳେ ଏଡିସନାଲ ଏସପି ଆଦିତ୍ୟ ସେନଙ୍କ ସହ ଏସଡିପି ଓ ସୁବେନ୍ଦୁ ଶବର ଏବଂ ଦୁଇ ପ୍ଲାଟୁନ ପୋଲିସ ଆସି ଘଟଣା ସ୍ଥଳରେ ପହଞ୍ଚିଲେ ସେତେବେଳେ ଚାଷୀମାନେ ଏକ ଜୁଟ ହେବା ଆରମ୍ଭ କରିଥିଲେ। ଲୋକଙ୍କ ମଧରେ ଆଲୋଚନା ହେଉଥାଏ ଲାଠି ଚାର୍ଜ ହେବାକୁ ନେଇ କିନ୍ତୁ ଚାଷୀମାନେ ଏଥିରେ ଭୟଭୀତ ନ ହୋଇ ନିଜ ଜିଦରେ ଅଟଳ ଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ଘଟଣା ସ୍ଥଳରୁ କିଛି ଦୁରକୁ ନେତୃତ୍ୱ ନେଉଥିବା ଚାରି ପାଞ୍ଚ ଜଣଙ୍କୁ ଡାକିଥିଲା କିନ୍ତୁ ଚାଷୀମାନେ କହିଥିଲେ ପ୍ରଶାସନର ଯାହା କଥା ହେବାର ଅଛି ସମସ୍ତଙ୍କୁ ନେଇ କରନ୍ତୁ କାହିଁକିନା ଆମେ ଚାଷୀ କୌଣସି ଦଙ୍ଗାକାରୀ ନୁହଁ ଯେ କୌଣସି ଅପ୍ରୀତି କର ପରିସ୍ଥିତି ସୃଷ୍ଟି କରିବୁ। ଏହାପରେ ପ୍ରଶାସନ ଚାଷୀଙ୍କ ପାଖରେ ପହଞ୍ଚି ଆଲୋଚନା କରିଥିଲା।

# ବିଗୁଡୁଛି ୧୦୮ ଆମ୍ବୁଲାନ୍ସର ଭିତ୍ତିଭୂମି

**କାକଟପୁର/ଅସ୍ତରଙ୍ଗ, ୩୧।୩ (ସଂଚାର ବ୍ୟୁରୋ) :** ଜରୁରୀ ସେବା ୧୦୮ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ସେବା କାର୍ଯ୍ୟକାରୀ ହେବା ପରଠାରୁ ସବୁବର୍ଗର ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁଛି। ସରକାର ମାଗଣାରେ ଏହି ସେବା ଯୋଗାଉଥିବାରୁ ରୋଗୀମାନେ ଉପକୃତ ହେଉଛନ୍ତି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏହି ସେବା ବିପର୍ଯ୍ୟସ୍ତ ହୋଇ ପଡିଛି। ପ୍ରଥମ ପର୍ଯ୍ୟାୟରେ ମିଳିଥିବା ଗାଡି ଗୁଡିକ ଅତ୍ୟଧିକ କିଲୋମିଟର ଚାଲିବା ପରେ ପୂର୍ବଭଳି ସେବା ଯୋଗାଇବାରେ ଅସମର୍ଥ। ନିୟମ ଅନୁଯାୟୀ ୫ବର୍ଷ ପରେ ଗାଡି ବଦଳ ହେବା ସ୍ଥାନରେ ୬ବର୍ଷପରେ ଆମ୍ବୁଲାନ୍ସ ଗୁଡିକ ସେବା ଯୋଗାଇବାକୁ ବାଧ୍ୟ ହେଉଛି।




**ଅଧାରୁ ଅଧିକ ଗାଡ଼ିରେ କାମ କରୁନି ଏସି**

ଖବର ମୁତାବକ ଅସ୍ତରଙ୍ଗ ବ୍ଲକ ଆଳସାହି ପଂଚାୟତ ବେଘାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷୟିତ୍ରୀ ପ୍ରେମଲତା ବେହେରା (୫୪)ନିଜ ବାସଭବନରେ ରବିବାର ଅପରାହ୍ନ ୨ଘଟିକା ସମୟରେ କିରୋସିନ ଢାଳି ହୋଇ ପୋଡି ଯାଇଥିଲେ। ଖବର ପାଇ ଆମ୍ବୁଲାନ୍ସ ପହଂଚିଥିଲା ସତ କିନ୍ତୁ ଆମ୍ବୁଲାନ୍ସରେ ଶୀତତାପ ନିୟନ୍ତ୍ରିତ ନଥିବାରୁ ପ୍ରବଳ ଯନ୍ତ୍ରଣା ସହ ଗ୍ରୀଷ୍ମର ଉତ୍ତାପରେ କଷ୍ଟ ଅନୁଭବ କରି ପ୍ରଥମେ ଚାରିଛକ ମେଡିକାଲ ପରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ପହଞ୍ଚିବା ପରେ ସେଠାରେ ପ୍ରଧାନଶିକ୍ଷୟିତ୍ରୀ ପ୍ରେମଲତା ବେହେରାଙ୍କ ମୃତ୍ୟୁ ହୋଇଛି।

ଆମ୍ବୁଲାନ୍ସ ଗାଡି ଗୁଡିକ ସେବା ବ୍ୟବହାର ଅନୁପୋଯୁକ୍ତ ହୋଇ ପଡ଼ିଥିବା ବେଳେ ଭଙ୍ଗା ଦଦରା ଆମ୍ବୁଲାନ୍ସ ଗୁଡିକରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଅଚଳ ହୋଇ ପଡିଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଦୁର୍ଘଟଣା ଶିକାର ହୋଇଥିବା ରୋଗୀ, ପୋଡା ରୋଗୀଙ୍କ ପାଇଁ ୧୦୮ଗାଡି କଷ୍ଟ ଦାୟକ ହୋଇ ପଡିଛି। ଅସ୍ତରଙ୍ଗରୁ ବିନା ଏସିରେ ମେଡିକାଲକୁ ଯାଉଥିବା ରୋଗୀମାନେ ଡହଳ ବିକଳ ହେଉଛନ୍ତି।

ଏ ସମ୍ପର୍କରେ ଆମ୍ବୁଲାନ୍ସ ପୁରୀ ଏଏନଏମ ଓ ଚିତ୍ତ ଦାଶ କହିଛନ୍ତି ଦୀର୍ଘ ଦିନ ହେବ ଚାଲିବାରୁ କିଛି ସମସ୍ୟା ହୋଇଛି ଖୁବ ଶୀଘ୍ର ନୂତନ ଆମ୍ବୁଲାନ୍ସ ଯାତାୟାତ କରିବା ପାଇଁ ଯୋଜନା ଚାଲିଛି।

## କୀଟ ଉପରେ ଗବେଷଣା ପାଇଁ ସୋଆ ଓ ଆଇବିପିଏଲ୍ ମଧ୍ୟରେ ବୁଝାମଣା



**ଭୁବନେଶ୍ୱର, ୩୧।୩ (ସଂଚାର ବ୍ୟୁରୋ):** କୀଟରୁ ପ୍ରସ୍ତୁତ ହେଉଥିବା ଉଦ୍ୟୋଗିକ ଉତ୍ପାଦ ଉପରେ ମିଳିତ ଗବେଷଣା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ ଇନ୍‌ସେକ୍ଟିକା ବାୟୋଟେକ୍ ପ୍ରାଇଭେଟ ଲିମିଟେଡ୍ (ଆଇବିପିଏଲ୍) ମଧ୍ୟରେ ଏଠାରେ ଶନିବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି।

ଆଇବିପିଏଲ୍ କୀଟ ପତଙ୍ଗମାନଙ୍କ ଉପରେ ଗବେଷଣା କରି ବିଶ୍ୱ ତାପମାନ ବୃଦ୍ଧି ତଥା ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଆବର୍ଜନାକୁ ପୁନର୍ବ୍ୟବହାର କରି ପରିବେଶ ସୁରକ୍ଷା ନିମନ୍ତେ ଉଦ୍ୟମ ଜାରି ରଖିଛି। ଏହି ବୁଝାମଣା ପତ୍ର ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଆଇବିପିଏଲ୍‌ର ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ଦାସଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା।

ଆଇବିପିଏଲ୍‌ର ବୈଜ୍ଞାନିକମାନେ ବ୍ଲାକ ସୋଲ୍‌ଜର ଫ୍ଲାଇ ବା କଳା ସେନାପତି ମାଛି ଉପରେ ଗବେଷଣା ଜାରି ରଖିଛନ୍ତି ଯେପରି ଏହାର ପ୍ରତିପାଳନ ଓ ଚାଷ ଦ୍ୱାରା କୀଟରୁ ପୁଷ୍ଟିସାର ଓ ତୈଳ ଉତ୍ପାଦନ ହୋଇପାରିବ। ଏହି ବୁଝାମଣା ପତ୍ର ଅନୁଯାୟୀ ସୋଆ ଓ ଆଇବିପିଏଲ୍‌ର ଏହି କ୍ଷେତ୍ରରେ ଗବେଷଣା ଜାରି ରଖିବା ସହ ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଦେଶର ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ସହ ସମ୍ପର୍କ ସ୍ଥାପନ କରି କାର୍ଯ୍ୟ କରିବେ।

ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, ସୋଆ ପରିଚାଳିତ ସେଂଟର ଫର ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ଏଚ୍.ଏନ. ଥାଟୋଇ, ସୋଆର ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସର ପ୍ରମୋଦ କୁମାର ପଣ୍ଡା, ଆଇବିପିଏଲ୍‌ର ପ୍ରଫେସର ସସ୍ମିତା ମହାନ୍ତି, ସିଆଇବିଆରର ଆସିଷ୍ଟାଂଟ ପ୍ରଫେସର ଡକ୍ଟର ଅମ୍ରିତା ବାନାର୍ଜୀ, ଆସିଷ୍ଟାଂଟ ପ୍ରଫେସର ସୌରଭ ଚଟ୍ଟୋରାଜ ଆଇବିପିଏଲ୍‌ର ନିର୍ଦ୍ଦେଶକ ଡକ୍ଟର କମଲେଶ ମିଶ୍ର, ରିସର୍ଚ୍ଚ ହେଡ ଡକ୍ଟର ଚିନ୍ମୟୀ ଆଚାର୍ଯ୍ୟ ଓ ଏଚଆର ବିଭାଗର ସନ୍ତୋଷ ବିଶ୍ୱାଳ ଉପସ୍ଥିତ ଥିଲେ।



## ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଅବସରକାଳିନ ସମ୍ବର୍ଦ୍ଧନା

**ନାଉଗାଁ, ୩୧।୩ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକ ଗାରୋଇ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଅବସରକାଳିନ ସମ୍ବର୍ଦ୍ଧନା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ, ସହକର୍ମୀ ଓ ଅଭିଭାବକମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନ ଉତ୍ସବ ଆୟୋଜନ କରାଯାଇଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ, ସମ୍ମାନୀତ ଅତିଥିଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବାମଦେବ ସ୍ୱାଇଁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ସମାଜସେବି ବିଚିତ୍ର କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡ଼ା, ନିରଞ୍ଜନ ବିଶ୍ୱାଳ, ଅକ୍ଷୟ ରାଉତ, ଶିକ୍ଷକ ହିମାଂଶୁ ମହାନ୍ତି, ସୁଧୀର କୁମାର ବିଶ୍ୱାଳ, ବୁଲାକି ସେଠୀଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇ ଅବସରଗ୍ରହଣ କରୁଥିବା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଲେଙ୍କାଙ୍କ ଶିକ୍ଷକତା ଜୀବନର ଗୁଣଗାନ କରିବା ସହିତ ତାଙ୍କର ପରବର୍ତ୍ତୀ ଜୀବନ ସୁଖମୟ ପାଇଁ କାମନା କରିଥିଲେ। ଶ୍ରୀଯୁକ୍ତ ଲେଙ୍କାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଶ୍ରୀଯୁକ୍ତ ଲେଙ୍କାଙ୍କୁ ଏକ ଶୋଭାଯାତ୍ରାରେ ଆଣି ନିଜ ଗାଁ ତିହୁଡାରେ ପହଞ୍ଚାଇଥିଲେ। ସେଠାରେ ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

## 'ଆମେ ଜାଣିବା, ଆମେ ଜିଣିବା' କାର୍ଯ୍ୟକ୍ରମ




**ବୋରିଗୁମ୍ମା, ୩୧।୩ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶ ଅନୁସାରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଚଣ୍ଡାଳଗୁଡା ସେବାଶ୍ରମରେ ଶିକ୍ଷା ଓ ବିଦ୍ୟାଳୟର ଉନ୍ନତି ନିମନ୍ତେ ଅଭିଭାବକଙ୍କ ସହାଭାଗିତା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମର ସରପଞ୍ଚ ଟଙ୍କଧର ନାୟକଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀଙ୍କ ପିତାମାତା ଏବଂ ପ୍ରତ୍ୟେକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗ ଦେଇଥିଲେ। ଏହାର ମୁଳ ଲକ୍ଷ୍ୟ ଅଭିଭାବକଙ୍କ ସହଯୋଗିତା ଓ ସହଭାଗୀତାରେ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ସେମାନେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ସମ୍ପୂର୍ଣ୍ଣ ଅବଗତ ହୋଇପାରିବେ। ସେଥିପାଇଁ ଏହି କାର୍ଯ୍ୟକ୍ରମର ସ୍ଲୋଗାନ 'ଆମେ ଜାଣିବା, ଆମେ ଜିଣିବା' ରଖାଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ସୁରେଶ ଚନ୍ଦ୍ର ପାତ୍ରୀଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କସହ ମାତା ପିତାଙ୍କ ନିମନ୍ତେ ମଧ କିଛି ପ୍ରତିଯୋଗିତା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା ।

### ନୋଡାଲ ଉପ୍ରା ବିଦ୍ୟାଳୟ ବାର୍ଷିକ ଉତ୍ସବ

# ପିଲାଙ୍କ ଶିକ୍ଷାରେ ବାପାମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**କାକଟପୁର/ଅସ୍ତରଙ୍ଗ, ୩୧।୩ (ସଂଚାର ବ୍ୟୁରୋ) :** ଶୃଙ୍ଖଳା ଓ ସାଧନା ଛାତ୍ର ଜୀବନର ମୂଳମନ୍ତ୍ର। ଯେଉଁ ଛାତ୍ରଛାତ୍ରୀ ଏହାକୁ ମାନି ଚଳନ୍ତି ସେମାନେ ଜୀବନରେ ସଫଳତା ହାସଲ କରନ୍ତି। ଏଣୁ ଛାତ୍ରଛାତ୍ରୀ ମାନେ ଏଥିପ୍ରତି ଧ୍ୟାନ ଦେବାକୁ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ ମତବ୍ୟକ୍ତ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ବେହେରାଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପସ୍ଥିତ ବରେଣ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ କରାଯିବା ଉଚିତ ବୋଲି କହିଥିଲେ।

ସୋମବାର ଅପରାହ୍ନରେ ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ପିଲାମାନେ କେବଳ ବିଦ୍ୟାଳୟରେ ଯେତିକି ପାଠ ପଢୁଛନ୍ତି ସେତିକି ଯଥେଷ୍ଟ ନୁହେଁ, ସେମାନଙ୍କୁ ଶିକ୍ଷା ଦେବାରେ ବାପା'ମାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହିତ ଗୁଣାତ୍ମକ ଶିକ୍ଷା ଏବଂ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ସୁସ୍ଥ ପରିବେଶ ପରି ଏକ ତ୍ରିଭୁଜ ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା ନିଜ ବକ୍ତବ୍ୟରେ ଛାତ୍ର, ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ନେଇ ମାର୍ଗଦର୍ଶନ କରାଇଥିଲେ।

ଚଳିତ ବର୍ଷ ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶା ବେହେରା ଏନଏନଏମ୍‌ଏସରେ କୃତିତ୍ୱ ପାଇଥିବା ବେଳେ ପ୍ରତ୍ୟୁଷ ସ୍ୱୟଂ ପ୍ରକାଶ ଓଏଭିରେ ସ୍ଥାନ ପାଇଛନ୍ତି। ଏହି ଦୁଇ ଗୌରବାନୀତି ଛାତ୍ରଛାତ୍ରୀଙ୍କୁ ମଞ୍ଚ ଉପରେରେ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରାକ୍ତନ ଛାତ୍ର ରାକେଶ ପରିଡା ଓ ଚିରଞ୍ଜିବି ସାହୁ ଓଡିଶା ପ୍ରଶାସନିକ ଅଧିକାରୀ ଭାବେ ସ୍ଥାନ ପାଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର, ଛାତ୍ରୀ ମାନଙ୍କୁ ଅତିଥି ଯଗଣ ପୁରସ୍କୃତ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବରେ ବିଦ୍ୟାଳୟ ଛାତ୍ର, ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଅବହେଳିତ ଅବସ୍ଥାରେ ତାଡିଝୁଲା ଗାଁ

# କେବେ ପଡ଼ିବ ଜିଲ୍ଲା ପ୍ରଶାସନର ଦୃଷ୍ଟି ?

**କଳାହାଣ୍ଡି, ୩୧।୩ (ସଂଚାର ବ୍ୟୁରୋ):** ଗାଁରେ ଟ୍ରାନ୍ସଫର୍ମର ବସିଛି, ବିଦ୍ୟୁତ୍ ଖୁଣ୍ଟ ଅଛି, ତାର ଟଣା ହୋଇଛି, କିନ୍ତୁ ବିଜୁଳି ନାହିଁ। ବିଦ୍ୟୁତ୍ ଉପଭୋକ୍ତା ୧୨ ବର୍ଷ ହେଲା ଅନ୍ଧାରରେ ଦିନ କାଟୁଥିବା ଅଭିଯୋଗ ହୋଇଛି । ସେଭଳି ଗାଁକୁ ରାସ୍ତା ନାହିଁ, ପାନୀୟଜଳ ପାଇଁ ବାଲି ଚୁଆ ଉପରେ ଭରସା କରିଛନ୍ତି ଗ୍ରାମବାସୀ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ବେଡାଗାଁ ପଞ୍ଚାୟତ ଅନ୍ତର୍ଗତ ତାଡିଝୁଲା ଗାଁରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି।



ସୂଚନା ମୁତାବକ, ତାଡିଝୁଲା ଗାଁରେ ୧୦ ଘର କୁଟିଆ କନ୍ଧ ସମ୍ପ୍ରଦାୟର ଲୋକ ସ୍ୱାଧୀନତା ପୂର୍ବରୁ ବସବାସ କରି ଆସୁଛନ୍ତି। ପାନୀୟଜଳ ପାଇଁ ଗୋଟିଏ ନଳକୂଅ ରହିଛି । ୧୫ ବର୍ଷ ହେଲା ନଳକୂପଟି ଦହନୀୟ ଅବସ୍ଥାରେ ରହିଥିବା ଯୋଗୁଁ ଆବଶ୍ୟକ ପରିମାଣର ପାଣି ମିଳୁନାହିଁ। ତେଣୁ ଗାଁ ନିକଟସ୍ଥ ଆଲିମରା ଡଙ୍ଗରରୁ ଆସୁଥିବା ପାଣିକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ସେହିଭଳି ଆଜିକୁ ୧୨ ବର୍ଷ ପୂର୍ବେ ଗାଁର ୪ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା । ତେବେ ବିଦ୍ୟୁତ୍ ସଂଯୋଗର ମାତ୍ର ଏକ ମାସ ଆଲୁଅ ଜଳିବା ପରେ ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେହିଦିନଠାରୁ ଗାଁରେ ବିଜୁଳି ନାହିଁ। ଟ୍ରାନ୍ସଫର୍ମର ମରାମତି ପାଇଁ ବାରମ୍ବାର ଦାବି ହେଲେ ବି ବିଭାଗୀୟ ଅଧିକାରୀ ଶୁଣୁ ନଥିବା ଗାଁ ଲୋକେ କହୁଛନ୍ତି । ଅନ୍ୟପଟେ ସନ୍ଧ୍ୟା ହେଲେ ବନ୍ୟପ୍ରାଣୀ ଓ ହାତୀର ଭୟରେ ଥରୁଛି ଗାଁ। ଗାଁକୁ ହାତୀପଲ ଆସିବା ଜାଣିପାରି ଭୟରେ ଗ୍ରାମବାସୀ ସମସ୍ତେ ଏକତ୍ରିତ ହୋଇ ଗାଁ ମୁଣ୍ଡରେ ନିଆଁ ଜାଳି ଜଗି ରହୁଛନ୍ତି। ଗାଁରେ ବିଦ୍ୟୁତ୍ ନଥିବା ଯୋଗୁଁ ଏପରି ପରିସ୍ଥିତି ସାମ୍ନା କରିବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି ।

ଏହି ଗାଁର ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ଦେହେଡା ଗାଁ ଠାରୁ ଏହି ଗାଁ ୧ କିମି ଦୂର ରହିଥିବା ବେଳେ କେବଳ ପାଦଚଲା ରାସ୍ତା ଅଛି। ଗାଁକୁ ଆମ୍ବୁଲାନ୍ସ ଯିବା ଦୂରର କଥା ବାଇକ ଯିବା କଷ୍ଟ କଷ୍ଟକର ହୋଇ ପଡୁଛି । ଯାହା ଫଳରେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଦେହେଡା ଗାଁ ପର୍ଯ୍ୟନ୍ତ ଖଟିଆରେ ବୋହି କି ନେବାକୁ ପଡୁଛି। ଗାଁରେ ସ୍କୁଲ ନଥିବା ଯୋଗୁଁ ସେହି ଲଟାବୁଦା ପାଦଚଲା ରାସ୍ତାରେ ପିଲା ନିକଟସ୍ଥ ଗାଁ ଦିନ୍ଦିବାହିଲି ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଉଥିବା ବେଳେ ନିକଟସ୍ଥ ଦେହେଡା ଗାଁ ଅଙ୍ଗନବାଡି କେନ୍ଦ୍ରକୁ କୋମଳମତି ଶିଶୁମାନଙ୍କୁ ଯାଉଛନ୍ତି। ଏଥିପ୍ରତି ଜିଲ୍ଲା ସ୍ତରୀୟ ଉଚ୍ଚ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।






**ରାତି ପାହିଲେ ଓଡ଼ିଶା ଦିବସ:** ସୋମବାର ସନ୍ଧ୍ୟାରେ ରଙ୍ଗିନ ଆଲୋକମାଳାରେ ଝଲସୁଛି ଭୁବନେଶ୍ୱରର ବିଭିନ୍ନ ସରକାରୀ ଅଟ୍ଟାଳିକା।

**ପୁଣି ଏନକାଉଣ୍ଟର**

# ନକ୍ସଲ ମିଡିଆ ଟିମ୍ ଇନଚାର୍ଜ ନିପାତ



**ବିଜାପୁର,୩୧।୩:** ଗତ ୨୯ ତାରିଖରେ ବିଜାପୁରରେ ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟର୍‌ରେ ୧୭ ଜଣ ମାଓବାଦୀ ନିପାତ ହୋଇଥିବା ବେଳେ ଦୁଇ ଦିନ ବ୍ୟବଧାନରେ ଜଣେ ନକ୍ସଲ ନିପାତ ହୋଇଛନ୍ତି। ଛତିଶଗଡ଼ରେ ଏହି ଏନ୍‌କାଉଣ୍ଟର ହୋଇଥିବା ବେଳେ ଏଥିରେ ନକ୍ସଲ ମିଡିଆ ଟିମ୍ ଇନ୍‌ଚାର୍ଜଙ୍କ ମୃତ୍ୟୁ ଘଟିଛି। ଦାନ୍ତେୱାଡା-ବିଜାପୁର ଜିଲ୍ଲା ସୀମାରେ ଏହି ଗୁଳି ବିନିମୟ ହୋଇଥିବା ବେଳେ ନିହତ ହୋଇଥିବା ମହିଳା ମାଓବାଦୀ ଜଣକଙ୍କ ନାମ ରେଣୁକା ଓ ତାଙ୍କ ଘର ୱାରଙ୍ଗଲ ଜିଲ୍ଲାରେ ବୋଲି ଜଣାପଡ଼ିଛି। ଏଥଇସହ ସେ ଦଣ୍ଡକାରଣ୍ୟ ସ୍ପେଶାଲ୍ ଜୋନାଲ୍ କମିଟିର ସଦସ୍ୟ ଭାବେ ସକ୍ରିୟ ଥିଲେ। ଏଥିସହ ଏହି ଦୁର୍ଦ୍ଦାନ୍ତ ମହିଳା ନକ୍ସଲ ରେଣୁକା ଥିଲେ ନକ୍ସଲଙ୍କ ମିଡିଆ ଟିମ୍ ଇନଚାର୍ଜ। ତାଙ୍କୁ ଧରାଇଦେବା ସକାଶେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଥିଲା। ସୁରକ୍ଷାକର୍ମୀଙ୍କ ଗୁଳିବର୍ଷା ଫଳରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ସେଠାରୁ ବିପୁଳ ପରିମାଣର ମାଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହାଛଡ଼ା ଉକ୍ତ ମହିଳା ମାଓବାଦୀଙ୍କ ମୃତଦେହ ମଧ୍ୟ ଉଦ୍ଧାର କରାଯାଇଛି। ସୁରକ୍ଷାକର୍ମୀମାନଙ୍କୁ ଗୋଟିଏ ଆଇଏନ୍‌ଏସ୍‌ଏଏସ୍ ରାଇଫଲ୍ ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଓ ବିପୁଳ ପରିମାଣର ଗୋଳାବାରୁଦ ଜବତ ହୋଇଥିବା ଜଣାପଡ଼ିଛି। ତେବେ ଦିନେ ତଳେ ଛତିଶଗଡ଼ରେ ଏକ ବଡ଼ ଧରଣର ଏନକାଉଣ୍ଟର ହୋଇଥିଲା। ଛତିଶଗଡ଼ର ସୁକମା ଜିଲ୍ଲା ଅପମ୍ପଲ୍ଲୀ ଜଙ୍ଗଲରେ ଗୁଳି ବିନିମୟରେ ୧୭ ଜଣ ନକ୍ସଲ ମୃତ୍ୟୁବରଣ କରିଥିଲେ । ଲାଲ୍‌ବାହିନୀଙ୍କ ଅଭୟାରଣ୍ୟ ସାଜିଥିବା ଛତିଶଗଡ଼ରେ ଗତ ୧୫ ମାସ ମଧ୍ୟରେ ୩୩୪ ମାଓବାଦୀ ନିହତ ହୋଇଛନ୍ତି। ତା' ମଧ୍ୟରେ ଚଳିତ ବର୍ଷ ଏହି ୩ ମାସ ମଧ୍ୟରେ ଅବିଭକ୍ତ ବସ୍ତର ଜିଲ୍ଲାରେ ୧୧୭ ମାଓବାଦୀଙ୍କ ମୁଣ୍ଡ ଗଡ଼ିଲାଣି । ଆସନ୍ତା ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀଙ୍କୁ ମୂଳପୋଛ ପାଇଁ ରଖିଥିବା ଡେଡଲାଇନକୁ ଦୋହରାଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ।

**ସାଂସଦ ଅପରାଜିତାଙ୍କ ଜନଶୁଣାଣି କାର୍ଯ୍ୟକ୍ରମ**

# ୮ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସମସ୍ୟା ଶୁଣିଲେ

## ତୁରନ୍ତ ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି



**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଅଧିବାସୀଙ୍କୁ ନେଇ ସ୍ଥାନୀୟ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟରେ ଆଜି ଏକ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ନିଜେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଉପସ୍ଥିତ ରହି ଜଣ ଜଣ କରି ୮ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସମସ୍ୟା ଶୁଣିଛନ୍ତି। ଅପରାହ୍ନ ୫ଟାରୁ ଆରମ୍ଭ କରି ରାତି ୧୧ଟା ପର୍ଯ୍ୟନ୍ତ ସାଂସଦ ଅନବରତ ସମସ୍ୟା ସବୁ ଶୁଣିଥିଲେ। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଆରମ୍ଭ କରି ରାସନ କାର୍ଡ, ଲେବର କାର୍ଡ, ସ୍କୁଲରେ ଆଡମିଶନ, ମେଡିକାଲ ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ସମସ୍ୟା ନେଇ ସ୍ଥାନୀୟ ଲୋକେ ସାଂସଦଙ୍କ ପାଖରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅଭିଯୋଗକାରୀଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳରୁ ଆସିଥିଲେ। ସାଂସଦ ସମସ୍ତଙ୍କ ସମସ୍ୟା ଧୈର୍ଯ୍ୟ ସହକାରେ ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ଉଦ୍ୟମ କରିଥିଲେ। ଅଭିଯୋଗ ପାଇବା ପରେ ଶ୍ରୀମତୀ ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କୁ ଫୋନ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆବଶ୍ୟକ ସ୍ଥଳେ ତୁରନ୍ତ ସମାଧାନ ପାଇଁ ତାଗିଦ୍ ମଧ୍ୟ କରିଥିଲେ। ଏହାଛଡ଼ା କେତେକ ସମସ୍ୟାର ସମାଧାନ ପାଇଁ ସେ ବିଭିନ୍ନ ବିଭାଗକୁ ଚିଠି ମଧ୍ୟ ଲେଖିଛନ୍ତି। ନିଜ ସମସ୍ୟାର ସମାଧାନ ହେବା ନେଇ ପ୍ରତିଶ୍ରୁତି ପାଇବା ପରେ ଲୋକେ ବେଶ୍ ଖୁସି ମନରେ କାର୍ଯ୍ୟକ୍ରମରୁ ବିଦାୟ ନେଉଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ମଧ୍ୟ ସାଂସଦ ତାଙ୍କ କାର୍ଯ୍ୟାଳୟରେ ଏପରି ଜନଶୁଣାଣି କାର୍ଯ୍ୟକ୍ରମ ଏକାଧିକ ବାର ଆୟୋଜନ କରିସାରିଛନ୍ତି। ସ୍ଥାନୀୟ ଲୋକଙ୍କୁ ମଧ୍ୟ ଏହାର ସୁଫଳ ମିଳିଛି। ଆଗକୁ ଏହି ପ୍ରୟାସ ବି ଜାରି ରହିବ ବୋଲି ସାଂସଦ ଶ୍ରୀମୀତ ଷଡ଼ଙ୍ଗୀ କହିଛନ୍ତି।

**● ଗଞ୍ଜେଇ ଚାଲାଣ ଅଭିଯୋଗ**

# ଜିଆର୍‌ପି ଫାଶରେ ଯୁବକଯୁବତୀ

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** କୋରାପୁଟରୁ ଗଞ୍ଜେଇ ନେଇ ଯାଉଥିବା ସମୟରେ ଜିଆର୍‌ପି ଜଣେ ଯୁବତୀ ଓ ଯୁବକଙ୍କୁ ଗିରଫ କରିଛି। ପର୍ଯ୍ୟଟକ ଭଳି ଆସି ଗଞ୍ଜେଇ ଚାଲାଣ କରୁଥିବା ଭଳି ଅନେକ ମାମଲା ଏବେ ପୁଲିସ ଓ ଅବକାରୀ ବିଭାଗର ନିଦ ହଜାଇ ଦେଇଛି। ଏଭଳି ଫନ୍ଦା ଆପଣେଇ ଗତ ୧୦ ମାସରେ କୋରାପୁଟରେ ୧୫ ଅଭିଯୁକ୍ତ ଧରା ହୋଇସାରିଛନ୍ତି। ମାଦକ ଦ୍ରବ୍ୟ କାରବାର ଉପରେ ଓଡ଼ିଶା ପୁଲିସ୍ ଅଧିକ କଠୋର ନୀତି ଆପଣାଇଥିବା ବେଳେ ପୁଲିସ୍ ଆଖିରେ ଧୂଳି ଦେବା ସକାଶେ ଚୋରା ଚାଲାଣକାରୀମାନେ ଏବେ ପର୍ଯ୍ୟଟକ ଭାବେ ବୁଲିବା ସହ ପରବର୍ତ୍ତୀ ସମୟରେ ଚାଲାଣରେ ମାତୁଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନାନୁସାରେ, କୋରାପୁଟରୁ ଗଞ୍ଜେଇ ଚୋରା ଚାଲାଣର ଏଭଳି ନୂଆ ଫନ୍ଦା ମାଫିଆମାନେ ଆପଣାଇଥିବା ବେଳେ ଏଥିପାଇଁ ମହିଳାମାନଙ୍କୁ ମୋହରା ବନାଯାଉଛି। ପୁଲିସ୍ ଓ ଅବକାରୀ ବିଭାଗର ସନ୍ଦେହରୁ ବର୍ତ୍ତିବା ପାଇଁ ମାଫିଆମାନେ ପର୍ଯ୍ୟଟକ ବେଶରେ ଯୁବତୀମାନଙ୍କୁ କୋରାପୁଟ ବୁଲିବା ସକାଶେ ପଠାଉଛନ୍ତି। ଫେରିବା ସମୟରେ ସେମାନଙ୍କ ଜରିଆରେ ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚାଲାଣ କରାଯାଉଛି। ଏଭଳି ଘଟଣାରେ ଆଜି ଦୁଇଟି ମାମଲାରେ ମୋଟ ୩୫ କିଗ୍ରା ଗଞ୍ଜେଇ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। କିଛି ଦିନ ପୂର୍ବରୁ ଉତ୍ତର ପ୍ରଦେଶରୁ ବୁଲି ଆସିଥିବା ଜଣୈକା ଯୁବତୀ ଓ ତାଙ୍କର ଜଣେ ପୁରୁଷ ବନ୍ଧୁ ଫେରିବା ସମୟରେ ଗଞ୍ଜେଇ ସହ ପୁଲିସ ହାତରେ ଧରାପଡ଼ିଥିଲେ। ତେବେ ମାଫିଆମାନଙ୍କ ଏପରି ଫନ୍ଦାକୁ ମାତ୍ ଦେବା ସକାଶେ ପୁଲିସ୍ ବିଭାଗ କ'ଣ ପଦକ୍ଷେପ ନେଉଛି, ତା' ଉପରେ ନଜର ରହିଛି।

## ନାବାଳିକା ବଳାତ୍କାରୀ ଗିରଫ

**ପୁରୀ,୩୧।୩(ସଂଚାର ବ୍ୟୁରୋ):** ପୁରୀ ଜିଲା ଅସ୍ତରଙ୍ଗ ଥାନାଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣୈକା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଅସ୍ତରଙ୍ଗ ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ହୋଇଥିବା ଅଭିଯୋଗର ୨୩ ଦିନ ପରେ ପୁଲିସ ଅଭିଯୁକ୍ତ ଜୟକୃଷ୍ଣ ବେହେରାଙ୍କୁ ଗିରଫ କରିବା ସହ ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ଜୟକୃଷ୍ଣ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରେ ସେ ନାବାଳିକାଙ୍କୁ ଘଟଣା ସଂକ୍ରାନ୍ତରେ କାହାରିକୁ ନ କହିବାକୁ ଧମକଚମକ ଦେଇଥିଲେ। ହେଲେ ନାବାଳିକା ଜଣଙ୍କ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ସବୁ କିଛି ଜଣାଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିବା ସହ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ତେବେ ବିଭିନ୍ନ ସ୍ଥାନରେ ପୁଲିସ୍ ଚଢ଼ାଉ ଜାରି ରଖିବା ପରେ ଶେଷରେ ଆଜି ଏହି ତଦନ୍ତକାରୀ ଟିମ୍‌କୁ ସଫଳତା ମିଳିଛି। ଗିରଫ ପରେ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ମଧ୍ୟ କରାଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

## ନନ୍ଦନକାନନ ଗଲେ ବିମାନବନ୍ଦରରୁ ଉଦ୍ଧାର ହୋଇଥିବା ବନ୍ୟଜନ୍ତୁ

**ବାରଙ୍ଗ,୩୧।୩(ସଂଚାର ବ୍ୟୁରୋ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ କେତେକ ନୂଆ ଅତିଥିଙ୍କ ଆଗମନ ହୋଇଛି। ସେମାନଙ୍କ ମଧ୍ୟରେ ୭ଟି କାଲିଫର୍ଣ୍ଣିଆ କିଙ୍ଗ୍ ସାପ ଓ ୨ଟି ଆଲବିନା କାଲିଫର୍ଣ୍ଣିଆ କିଙ୍ଗ୍ ସାପ ସହ ୧୦ଟି ପିଗ ନାଜ୍‌ଡ୍ କଇଁଛ, ୭ଟି ନାଇଲ୍ ମନିଟର ଗୋଧି ରହିଛନ୍ତି। ସମସ୍ତ ଜନ୍ତୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ସଙ୍ଗରୋଧ ଗୃହରେ ରଖାଯାଇଛି। ଏଥିସହ ସେମାନଙ୍କ ଉପରେ ନଜର ମଧ୍ୟ ରଖାଯାଇଛି। ନିକଟରେ ଏହିସବୁ ବନ୍ୟଜନ୍ତୁଙ୍କୁ ଭୁବନେଶ୍ୱର ବିମାନବନ୍ଦରରୁ ଜବତ କରାଯାଇଥିଲା। ଏହିସବୁ ବନ୍ୟଜନ୍ତୁଙ୍କୁ ଉଦ୍ଧାର ପରେ ସିଟି ଫରେଷ୍ଟ ପକ୍ଷରୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ନନ୍ଦନକାନନର ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ଆଜି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ଶନିବାର ତାମିଲନାଡୁର ଶଙ୍କର ମୂର୍ତ୍ତିନ୍ ନାମକ ଜଣୈକ ଯୁବକ ବ୍ୟାଙ୍ଗକରୁ ଭୁବନେଶ୍ୱର ଦେଇ ଚେନ୍ନାଇ ଯାଉଥିଲେ। ତେବେ ସେ ସାଥୀରେ ଉପରୋକ୍ତ ବନ୍ୟଜନ୍ତୁଙ୍କୁ ଚାଲାଣ ସକାଶେ ନେଉଥିବା ବେଳେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ କଷ୍ଟମ ବିଭାଗ ତାଙ୍କ ଲଗେଜରୁ ଜବତ କରିଥିଲେ।

## ରେଳ ଇଞ୍ଜିନକୁ ପଥରମାଡ଼: ୧ ଗିରଫ

**ବନ୍ଧମୁଣ୍ଡା,୩୧।୩(ସଂଚାର ବ୍ୟୁରୋ):** ବନ୍ଧମୁଣ୍ଡା ରେଳ ସେକ୍ସନର ଡୁମେରତା ରେଳ ଷ୍ଟେଶନ ନିକଟସ୍ଥ ୨ ନମ୍ବର ରେଳ ଫାଟକ ନିକଟରେ ରେଳ ଇଞ୍ଜିନରେ ପଥର ଫିଙ୍ଗି ଇଞ୍ଜିନର କାଚ ଭାଙ୍ଗିବା ଅଭିଯୋଗରେ ବନ୍ଧମୁଣ୍ଡା ଆରପିଏଫ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ପଠାଇଛି। ଗିରଫ ଅଭିଯୁକ୍ତ ହେଲେ କପାଟାମୁଣ୍ଡା ପଞ୍ଚାୟତ ଅଧୀନ ବିରକେରା ଅଞ୍ଚଳର ବାସିନ୍ଦା ଦେବା କେରକେଟ୍ଟା (୪୪)। ଜାମିନ ନ ମିଳିବାରୁ ତାଙ୍କୁ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ କେରକେଟ୍ଟା ଆରପିଏଫକୁ ବୟାନ ଦେଇ କହିଛନ୍ତି, ଦୀର୍ଘ ସମୟ ଧରି ରେଳ ଫାଟକ ବନ୍ଦ ଥିବା ଯୋଗୁ ସେ ଉତ୍ତେଜିତ ହୋଇ ଏଭଳି କାମ କରିଛନ୍ତି।

## ଜଙ୍ଗଲରୁ ମିଳିଲା ମହିଳାଙ୍କ ମୃତଦେହ

**ଟେନସା,୩୧।୩(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ମାଲଦା ନିକଟସ୍ଥ ଜଙ୍ଗଲରୁ ସୋମବାର ମହିଳାଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତଦେହଟି ଉଲଗ୍ନ ଥିବାବେଳେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ହେଲେ ମହିଳାଙ୍କ ପରିଚୟ ମିଳିନାହିଁ। ଏନେଇ କୋଇଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୋମବାର ଅପରାହ୍ନରେ ମାଲଦା ଗ୍ରାମର ଲୋକେ ଜଙ୍ଗଲକୁ କାଠ ଆଣିବାକୁ ଯିବାବେଳେ ମୃତଦେହ ପଡିଥିବା ଦେଖି କୋଇଡା ପୋଲିସକୁ ଖବର ଦେଇଥିଲେ।

# ବେଦବ୍ୟାସରେ ହେବ ଝୁଲା କାଚ ପୋଲ



**ରାଉରକେଲା,୩୧।୩ (ସଂଚାର ବ୍ୟୁରୋ):** ରାଉରକେଲାର ବେଦବ୍ୟାସରେ ଏକ ଝୁଲା କାଚ ପୋଲ ନିର୍ମାଣ ହେବାକୁ ଯାଉଛି, ଏହା ଓଡ଼ିଶାର ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ଘୋଷଣା କରିଛନ୍ତି। 'ରାଉରକେଲା ଦିବସ' ଉତ୍ସବରେ ଭାଷଣ ଦେଇ ମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ମେ ମାସରେ ସ୍ଥାପନ କରାଯିବ। ଓଡ଼ିଶାରେ ଏହି ପ୍ରକାରର ପ୍ରଥମ ସେତୁର କାଚ ପୋଲ ପଦଯାତ୍ରୀମାନଙ୍କୁ ତଳ ନଦୀର ଏକ ମନୋରମ ଦୃଶ୍ୟ ପ୍ରଦାନ କରିବ। ଏହି ପ୍ରକଳ୍ପ ପାଇଁ ୩୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସେତୁ ବ୍ୟତୀତ, ହରିଚନ୍ଦନ ରାଉରକେଲା ଏବଂ ଏହାର ଆଖପାଖରେ ସଂଯୋଗୀକରଣ ଉନ୍ନତ କରିବା ପାଇଁ ଦୁଇଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଘୋଷଣା କରିଛନ୍ତି। ଟ୍ରାଫିକ୍ ଭିଡ଼ କମ କରିବା ପାଇଁ ସହର ଚାରିପାଖରେ ୧୦୦ କିଲୋମିଟର ଲମ୍ବ ରିଙ୍ଗ ରୋଡ୍ ବିକଶିତ କରାଯିବ, ଯେତେବେଳେ ରାଉରକେଲାକୁ ଜଳେଶ୍ୱର ସହିତ ସଂଯୋଗ କରିବା ପାଇଁ ଏକ ଚାରି ଲେନ୍ ହାଇୱେ ନିର୍ମାଣ କରାଯିବ, ଯାହା ସୁଗମ ଗମନାଗମନକୁ ସହଜ କରିବ। ଏହି ଘୋଷଣାଗୁଡ଼ିକ ସହରର ବାସିନ୍ଦାଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି, ଏବଂ ଆଶା କରାଯାଉଛି ଯେ ଏହି ବିକାଶଗୁଡ଼ିକ ପର୍ଯ୍ୟଟନକୁ ବୃଦ୍ଧି କରିବ ଏବଂ ଅଞ୍ଚଳରେ ପରିବହନକୁ ଉନ୍ନତ କରିବ।

## ଭରତପୁର ପୁଲିସକୁ ଆକ୍ରମଣ ମାମଲାରେ ୬ ଗିରଫ

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ଭରତପୁର ଥାନା ପୁଲିସକୁ ଆକ୍ରମଣ ଘଟଣାରେ ୬ ଜଣଙ୍କୁ ଗିରଫ କରିଛି ପୁଲିସ। ଭୁବନେଶ୍ୱରର ଭରତପୁର ଅଞ୍ଚଳର ବନଦୁର୍ଗା ବସ୍ତିରେ ଜମିବାଡ଼ି ବିବାଦକୁ ନେଇ ୨ ଭାଇ ମଧ୍ୟରେ ଗଣ୍ଡଗୋଳ ଅଭିଯୋଗ ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲା। ତେବେ ଏହି ସମୟରେ ପୁଲିସ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ସ୍ଥାନୀୟ ଲୋକେ ପୁଲିସ ଉପରକୁ ଆକ୍ରମଣ କରିଥିଲେ। ଆଜି ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

ଭରତପୁର ଥାନାଞ୍ଚଳର ଦୁଇ ଭାଇ ସୂର୍ଯ୍ୟ ମହାରଣା ଓ ଅଶୋକ ମହାରଣାଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଗଣ୍ଡଗୋଳ ଲାଗିରହିଥିଲା। ଅନେକ ଦିନରୁ ଲାଗି ରହିଥିବା ବିବାଦକୁ ନେଇ ଗତକାଲି ଭରତପୁର ଥାନାରେ ଦୁଇ ଭାଇଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। କିନ୍ତୁ ବିଳମ୍ବିତ ରାତିରେ ଏହା ଉଗ୍ରରୂପ ନେଇଥିଲା। ବଡ଼ ଭାଇ ସାହି ବାହାରୁ ଗୁଣ୍ଡା ଡକାଇ ସାନ ଭାଇକୁ ମରଣାନ୍ତକ ଆକ୍ରମଣ କରିଥିଲା। ଏଥିରେ ପ୍ରତିବାଦ କରିଥିବା ସ୍ଥାନୀୟ ଲୋକେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ୨ଟି ପିସିଆର୍ ଓ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସ୍ଥାନୀୟ ଲୋକେ ହାଣିଥିବା ଲୋକକୁ ଛାଡ଼ିବାକୁ ନାରାଜ ଥିଲେ। ଉତ୍ତେଜନା ବଢ଼ିବାରୁ ଅଭିଯୁକ୍ତକୁ ଥାନାକୁ ନେବା ପାଇଁ ଦୁଇ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା। ତେବେ ରାସ୍ତା ଅବରୋଧ କରିଥିବା ଲୋକଙ୍କୁ ଭରତପୁର ଥାନା ଅଧିକାରୀ ବୁଝାଇବା ସହ ପ୍ରଥମ ପର୍ଯ୍ୟାୟରେ ଅଭିଯୁକ୍ତଙ୍କ ପରିବାରକୁ ଗାଡ଼ିରେ ନେଇଯାଇଥିଲେ। କିନ୍ତୁ ମୁଖ୍ୟ ଦୁଇ ଅଭିଯୁକ୍ତଙ୍କୁ ନେବା ସମୟରେ ଲୋକେ ବିରୋଧ କରିଥିଲେ। ପୁଲିସ ଜବରଦସ୍ତି ନେବାକୁ ଉଦ୍ୟମ କରିବାରୁ ଆହୁରି ଉତ୍ତେଜନା ପ୍ରକାଶ ପାଇଥିଲା। ଏମିତିକି ଉତ୍ତ୍ୟକ୍ତ ଲୋକେ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଉଭୟ ପକ୍ଷର ଏକାଧିକ ଆହତ ହୋଇଥିଲେ।

# ୩ ମାସରେ ଟ୍ରାଫିକ୍ ଜରିମାନା ନଦେଲେ ବାତିଲ ହେବ ଡିଏଲ୍



**ଭୁବନେଶ୍ୱର,୩୧।୩ (ସଂଚାର ବ୍ୟୁରୋ):** ସରକାର ତିନି ମାସ ମଧରେ ଟ୍ରାଫିକ୍ ଇ-ଚାଲାଣ ପୈଠ ନକରୁଥିବା ବ୍ୟକ୍ତିଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବ୍ୟତୀତ, ଯେଉଁମାନେ ଏକ ଆର୍ଥିକ ବର୍ଷରେ ଲାଲ ସିଗନାଲ ଡେଇଁବା କିମ୍ବା ବିପଦପୂର୍ଣ୍ଣ ଡ୍ରାଇଭିଂ ପାଇଁ ତିନି ଥରରୁ ଅଧିକ ଇ-ଚାଲାଣ (ଜରିମାନା) ଗ୍ରହଣ କରିଛନ୍ତି, ସେମାନଙ୍କ ଲାଇସେନ୍ସ ଅତି କମରେ ତିନି ମାସ ପାଇଁ ଜବତ କରାଯାଇପାରେ ବୋଲି ରିପୋର୍ଟରେ କୁହାଯାଇଛି।

ଅନ୍ୟପକ୍ଷରେ, ଯଦି କାହାର ପୂର୍ବ ଆର୍ଥିକ ବର୍ଷରୁ ଅତି କମରେ ଦୁଇଟି ବିଚାରାଧୀନ ଚାଲାଣ ଅଛି, ତେବେ ସରକାର ଅଧିକ ବୀମା ପ୍ରିମିୟମକୁ ଲିଙ୍କ୍ କରିବା ପାଇଁ ଏକ ରଣନୀତି ପ୍ରସ୍ତୁତ କରୁଥିବା ମଧ୍ୟ ଜଣାପଡ଼ିଛି। ସରକାରୀ ତଥ୍ୟ ପ୍ରକାଶ କରିବା ପରେ ଏହି ପଦକ୍ଷେପ ନିଆଯାଇଛି ଯେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଇ-ଚାଲାଣ ପରିମାଣ କିମ୍ବା ଜରିମାନାରୁ ପରିମାଣର ଅଟେ ଯାହାକୁ ସେମାନେ ପେମେଣ୍ଟ କରି ନାହାନ୍ତି। କାର୍ଯ୍ୟକ୍ରମର କେନ୍ଦ୍ରୀୟ ମୋଟର ଯାନ ଆଇନ ଧାରା ୧୩୬ଏ ରେ ପ୍ରଦାନ କରାଯାଇଥିବା ଇଲେକ୍ଟ୍ରୋନିକ୍ ମନିଟରିଂ କାର୍ଯ୍ୟାନ୍ୱୟନ ସୂଚିତ କରୁଥିବା ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବିବରଣୀ ପ୍ରସ୍ତୁତ କରାଯାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଦିଲ୍ଲୀରେ ଜରିମାନା ଆଦାୟର ହାର ସବୁଠାରୁ କମ୍ (୧୪%) ଅଛି, ତା'ପରେ କର୍ଣ୍ଣାଟକ (୨୪%), ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ (୨୭%) ଏବଂ ଓଡ଼ିଶା ୨୯% ରହିଛି। ରିପୋର୍ଟ ଅନୁଯାୟୀ, ତିନି ଦିନ ମଧ୍ୟରେ ଡ୍ରାଇଭର କିମ୍ବା ଯାନବାହନ ମାଲିକଙ୍କୁ ଏକ ଇ-ଚାଲାଣ ନୋଟିସ୍ ପଠାଯିବ। ତା'ପରେ ଗ୍ରହୀତାଙ୍କୁ ୩୦ ଦିନ ମଧ୍ୟରେ ଜରିମାନା ଦେବାକୁ ପଡିବ କିମ୍ବା ଏହାକୁ ଚ୍ୟାଲେଞ୍ଜ କରିବାକୁ ପଡିବ। କିନ୍ତୁ, ୩ ମାସ କିମ୍ବା ୯ ମାସ ମଧ୍ୟରେ ପୈଠ ନ କଲେ, ଦେୟ ନହେବା ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) କିମ୍ବା ପଞ୍ଜିକରଣ ପ୍ରମାଣପତ୍ର (ଆର୍‌ସି) ରଦ୍ଦ କରାଯିବ। ଯଦି ଅଭିଯୋଗ କର୍ତ୍ତୃପକ୍ଷ ୩୦ ଦିନ ମଧ୍ୟରେ କୌଣସି ଗ୍ରାହକଙ୍କ ଅଭିଯୋଗର ସମାଧାନ କରିବାରେ ବିଫଳ ହୁଅନ୍ତି, ତେବେ ଚାଲାଣ ବାତିଲ ହୋଇଯିବ।

## ମାଲଦ୍ୱୀପରେ ଓଡ଼ିଆ ସ୍କୁବା ଡାଇଭର୍‌ଙ୍କ କମାଲ




**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ସ୍କୁବା ଡାଇଭର ପ୍ରିୟଦର୍ଶୀ ପାଣିଗ୍ରାହୀ। ସମୁଦ୍ରର ଗଭୀର ଜଳରାଶିରେ ଦେଖାଉଛନ୍ତି ସ୍କୁବା ଡାଇଭ୍‌ର ଚମତ୍କାରିତା। ବିଶ୍ୱର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ମାଲଦ୍ୱୀପରେ ଦୁବାଇବାସିନ୍ଦା ପ୍ରିୟଦର୍ଶନୀ 'ମାଡୁ ଫାରୁ-ଗୁରାଇଧୂ କୋଡର ଡ୍ରାଇଭ୍ ସାଇଟ୍'ରେ ନିଜର ୭୫ତମ ସ୍କୁବା ଡାଇଭ୍ ଶେଷ କରିଛନ୍ତି। ଏହି ସ୍କୁବା ଡାଇଭ ମାଧ୍ୟମରେ ସେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ୧୦୦ ଫୁଟ୍ ଗଭୀରତାକୁ ଡାଇଭ କରି ପ୍ରିୟଦର୍ଶୀ ତାଙ୍କ କ୍ୟାରିୟର୍‌ରେ ଏକ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏହି ଡାଇଭ୍ ବ୍ୟତୀତ ସେ ଅନେକ କଷ୍ଟକର ଡାଇଭ୍ ପୂର୍ବରୁ କରିସାରିଛନ୍ତି। ଅଦ୍ୟାବଧି ସେ ୭୭ଟି ସ୍କୁବା ଡାଇଭିଂ ସହ ୫୨ ଘଣ୍ଟାରୁ ଅଧିକ ସମୟ ପାଣି ଭିତରେ କଟାଇସାରିଛନ୍ତି ପ୍ରିୟଦର୍ଶୀ। ଏ ସଂକ୍ରାନ୍ତରେ ସେ କହିଛନ୍ତି ଯେ 'ସ୍କୁବା ଡାଇଭିଂ ମୋ ପାଇଁ ଏକ ଅଦ୍ଭୁତ ଯାତ୍ରା। ପ୍ରତ୍ୟେକ ଡାଇଭ୍ ଏକ ନୂଆ ତଥା ସାହସିକ ଅନୁଭୂତିରେ ଭରପୂର ରହିଥାଏ। ସମୁଦ୍ର ଭିତରର ଅଦ୍ଭୁତ ଜୀବ ଓ ସୁନ୍ଦର ଉଦ୍ଭିଦ ମୋର ଉତ୍ସାହକୁ ଆହୁରି ବଢ଼ାଇ ଦେଇଥାଆନ୍ତି। ଏହି ରେକର୍ଡ ଡାଇଭିଂ ସମୟରେ ପ୍ରୟିଦର୍ଶୀଙ୍କ ସହିତ ମାଲଦ୍ୱୀପର ଡାଇଭିଂ ପ୍ରଶିକ୍ଷକ ନେୟା ନିଆଫ ରହିଥିଲେ। ଏହି ଅବସରରେ ସେ ପ୍ରିୟଦର୍ଶୀଙ୍କ ଅପୂର୍ବ ଦକ୍ଷତାକୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ପୁଅ ପ୍ରିୟଦର୍ଶୀ ୩୭ ବର୍ଷ ବୟସରେ ସେ ସ୍କୁବା ଡାଇଭିଂ ଆରମ୍ଭ କରିଥିଲେ । ସେ ଅଦ୍ୟାବଧି ଏସିଆ, ଆଫ୍ରିକା ଓ ୟୁରୋପର ୧୨ଟି ଦେଶରେ ସ୍କୁବା ଡାଇଭ୍ କରିସାରିଛନ୍ତି ।

# ୬୪ ଗୁଣ ବଢ଼ିଛି ଅବକାରୀ ରାଜସ୍ୱ



**ଭୁବନେଶ୍ୱର,୩୧।୩:** ଗତ ୨୫ ବର୍ଷରେ ଓଡ଼ିଶାର ଅବକାରୀ ରାଜସ୍ୱ ସଂଗ୍ରହ ପରିମାଣ ପ୍ରାୟ ୬୪ ଗୁଣ ବଢ଼ିଛି। ଏବେ ମାସକୁ ମାସ ଯେପରି ଅବକାରୀ ରାଜସ୍ୱ ସଂଗ୍ରହ ପରିମାଣ ବୃଦ୍ଧି ପାଉଛି, ସେଥିରୁ ଆଗାମୀ ଦିନରେ ଏହି ଅଭିବୃଦ୍ଧି ହାର ଢେର ଅଧିକ ହେବ ବୋଲି ଆଶଙ୍କା କରାଯାଉଛି ।

ସରକାରୀ ତଥ୍ୟ ମୁତାବକ ୨୦୦୦-୦୧ ବର୍ଷରେ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ୩୫ଲକ୍ଷ ଟଙ୍କା ଥିଲା । ୨୦୨୩-୨୪ ବର୍ଷରେ ଏହା ବଢ଼ି ବଢ଼ି ୭୨୧୬ କୋଟି ୯୯ଲକ୍ଷ ଟଙ୍କାରେ ପହଞ୍ଚି ଥିବାବେଳେ ସଦ୍ୟ ସମାପ୍ତ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୮୬୮୦ କୋଟି ଟଙ୍କା ହେବ ବୋଲି ସରକାର ଲକ୍ଷ୍ୟ ରଖିଥିଲେ ।

୨୦୨୪-୨୫ ଆର୍ଥିକ ବର୍ଷର ଜୁନ୍ ମାସଠାରୁ ଫେବୃୟାରୀ ସୁଦ୍ଧା ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ ଓ ଅଣଟିକସ ସଂଗ୍ରହ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଯେଉଁ ତଥ୍ୟ ଦେଇଛନ୍ତି ସେଥିରୁ ୨୦୨୪ ଜୁନ୍ ମାସରେ ଓଡ଼ିଶା ସରକାରଙ୍କ ଟିକସ ଓ ଅଣଟିକସ ବାବଦ ନିଜସ୍ୱ ରାଜସ୍ୱ ପରିମାଣ ୯୧୧୦.୧୪ କୋଟି ଟଙ୍କା ଥିବା ବେଳେ ତାହା ଜୁଲାଇ ମାସରେ ତାହା ୯୦୩୭.୪୩ କୋଟି, ଅଗଷ୍ଟ ମାସରେ ୭୬୫୬.୭୧ କୋଟି, ସେପ୍ଟେମ୍ବରରେ ୭୫୨୪.୧୯ କୋଟି ଟଙ୍କା ଥିଲା ।

ଅକ୍ଟୋବର ୨୦୨୪ରେ ରାଜ୍ୟ ସରକାରଙ୍କ ସଂଗୃହୀତ ରାଜସ୍ୱ ପରିମାଣ ୧୦,୭୧୫.୦୨ କୋଟି ଟଙ୍କା ହୋଇଥିବାବେଳେ ନଭେମ୍ବର ମାସରେ ତାହା ୭୭୪୫.୨୭ କୋଟି ଓ ଡିସେମ୍ବରରେ ୭୮୬୫.୪୧ କୋଟି ଟଙ୍କା ରହିଥିଲା । ୨୦୨୫ ଜାନୁୟାରୀ ମାସରେ ରାଜ୍ୟ ସରକାରଙ୍କ ନିଜସ୍ୱ ରାଜସ୍ୱ ଆୟ ପରିମାଣ ୮୪୪୩.୪୨କୋଟି ଟଙ୍କା ଥିବାବେଳେ ଫେବୃୟାରୀ ମାସରେ ତାହା ୮୪୩୬.୭୭ କୋଟି ଟଙ୍କାକୁ ହ୍ରାସ ପାଇଥିଲା ।

ଏହି ତଥ୍ୟ ମୁତାବକ ଓଡ଼ିଶା ସରକାରଙ୍କ ରାଜ୍ୟ ଅବକାରୀ ରାଜସ୍ୱ ପରିମାଣ ୨୦୨୪ ଜୁନ୍ ମାସରେ ୫୭୩ କୋଟି ୯୬ଲକ୍ଷ ଟଙ୍କା ଥିବାବେଳେ ଜୁଲାଇ ମାସରେ ତାହା ୫୭୦କୋଟି ୮ଲକ୍ଷ, ଅଗଷ୍ଟ ମାସରେ ୬୧୦କୋଟି ୧୧ଲକ୍ଷ, ସେପ୍ଟେମ୍ବରରେ ୮୩୯କୋଟି ୫୮ଲକ୍ଷ ଟଙ୍କାରେ ପହଞ୍ଚିଥିଲା । ତେବେ ଅକ୍ଟୋବର ମାସରେ ରାଜ୍ୟ ଅବକାରୀ ରାଜସ୍ୱ ପରିମାଣ ୫୮୩ କୋଟି ୫୧ଲକ୍ଷ ଟଙ୍କାକୁ ହ୍ରାସ ପାଇଥିବାବେଳେ ତାହା ନଭେମ୍ବରରେ ୬୪୦କୋଟି ୨ଲକ୍ଷ ଓ ଡିସେମ୍ବରରେ ୬୧୨କୋଟି ୭୩ଲକ୍ଷ ଟଙ୍କା ରହିଥିଲା । ଜାନୁୟାରୀ ୨୦୨୫ ରେ କିନ୍ତୁ ଓଡ଼ିଶା ସରକାରଙ୍କ ଅବକାରୀ ରାଜସ୍ୱ ପରିମାଣ ୬୨୭.୦୩ କୋଟି ଟଙ୍କା ଥିବାବେଳେ ଫେବୃୟାରୀରେ ତାହା ୮୨୯.୯୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା।

ବିଭାଗୀୟ ଅଧିକାରୀମାନେ ଆଶା କରୁଛନ୍ତି ଯେ ୨୦୨୪-୨୫ ବର୍ଷ ପାଇଁ ଯେତେ ଟଙ୍କାର ଅବକାରୀ ରାଜସ୍ୱ ସଂଗ୍ରହ ଲାଗି ରାଜ୍ୟ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିଲେ ତାହା ହାସଲ ହୋଇପାରେ । ୨୦୨୫-୨୬ ବର୍ଷରେ ମଧ୍ୟ ଅବକାରୀ ରାଜସ୍ୱ ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଓଡ଼ିଶାରେ ଅବକାରୀ ରାଜସ୍ୱ ବୃଦ୍ଧି ସହ ତାଳଦେଇ ନିଶା କାରବାର ବଢ଼ି ଚାଲୁଛି । ସରକାରୀ ଲାଇସେନ୍ସପ୍ରାପ୍ତ ନିଶା ଦୋକାନଗୁଡ଼ିକରୁ ରାଜ୍ୟ ସରକାର ଅବକାରୀ ରାଜସ୍ୱ ପାଉଥିବାବେଳେ ଏହା ବୃଦ୍ଧି କରିବାରେ ମିନିମମ ଗ୍ୟାରେଣ୍ଟି କ୍ୱାଣ୍ଟିଟି (ଏମଜିକ୍ୟୁ) ବିଶେଷ ସହାୟକ ହେଉଛି । ବହୁ କ୍ଷେତ୍ରରେ ଯେଉଁ ଲାଇସେନ୍ସପ୍ରାପ୍ତ ମଦଦୋକାନଗୁଡ଼ିକ ଏମଜିକ୍ୟୁରେ ପାଇଥିବା ମଦ ବିକି ପାରୁନାହାନ୍ତି, ସେମାନେ ତାହାକୁ କୋଚିଆ ନେଟୱାର୍କ ମାଧ୍ୟମରେ ଖଲାସ କରୁଥିବା ଅଭିଯୋଗ ହେଉଛି। ଏହାଛଡା ବ୍ରାଉନସୁଗର ସମେତ ଅନ୍ୟାନ୍ୟ ଚୋରା ନିଶା କାରବାର ବି ହୁ ହୁ ହୋଇ ବଢ଼ିବାରେ ଲାଗିଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଦେଶ ଓ ରାଜ୍ୟରେ ଜାରି ହୋଇଛି ସୁନା ଓ ରୂପାର ନୂଆ ଦର । ପ୍ରତିଦିନ ସୁନା ଓ ରୂପା ଦର ନିର୍ଦ୍ଧାରଣ କରାଯାଇଥାଏ । କେଉଁ ଦିନ ଦର କମିଥାଏ ତ କେବେ ବଢ଼ିଥାଏ ଆଉ ପୁଣି କେବେ ସମାନ ରହିଥାଏ । ସୁନା କିଣିବାକୁ ଯାଉଥିଲେ ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୧ ହଜାର ୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୪ ହଜାର ୨୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୧ ହଜାର ୯୧୦ ଟଙ୍କା ହୋଇଛି । ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୪, ୪୦୦ ଟଙ୍କା ଛୁଇଁଛି । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୪,୨୫୦ ଟଙ୍କା ଓ ୯୧, ୯୧୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୪, ୪୦୦ ଟଙ୍କା ଓ ୯୨, ୦୬୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୪,୨୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୧, ୯୧୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୪, ୨୫୦ ଓ ୯୧,୯୧୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୪,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି । ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୩୯ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୬ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୯୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୯୬ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି ।

# ଭାରତରେ ଖୁବ୍ ଶୀଘ୍ର ଲଞ୍ଚ ହେବା ଟେସଲା




**ନୂଆଦିଲ୍ଲୀ,୩୧ ।୩:** ଏଲୋନ୍ ମସ୍କଙ୍କ କମ୍ପାନୀ ଟେସଲା ର ଭାରତୀୟ ବଜାରରେ ଏଣ୍ଟ୍ରି ଖବର ଲଗାତାର ଆସୁଛି । ଟେସଲା ଭାରତରେ ଏକ ଶୋରୁମ୍ ଖୋଲିବା ପାଇଁ ମୁମ୍ବାଇରେ ଏକ ସ୍ଥାନ ମଧ୍ୟ ଫାଇନାଲ୍ କରିଛି । କିନ୍ତୁ ଭାରତ ପୂର୍ବରୁ ଏଲୋନ ମସ୍କ ସାଉଦି ଆରବରେ ପାଦ ଦେଖିବାକୁ ଯାଉଛନ୍ତି । ଟେସଲା କମ୍ପାନୀର ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦିଆଯାଇଛି ଯେ ଏହି ବ୍ରାଣ୍ଡର କାରଟି ଏପ୍ରିଲ୍ ୧୦ରେ ସାଉଦି ଆରବରେ ଲଞ୍ଚ ହେବ । ତେଲ ଉତ୍ପାଦନକାରୀ ଦେଶ ଭାବରେ ଜଣାଶୁଣା ଦେଶରେ ଏଲୋନ ମସ୍କଙ୍କ କମ୍ପାନୀ ଏକ ଇଲେକ୍ଟ୍ରିକ୍ କାର୍ ଲଞ୍ଚ କରିବାକୁ ଯାଉଛି। ଏକ ରିପୋର୍ଟ ଅନୁଯାୟୀ, ସାଉଦି ଆରବରେ ଇଲେକ୍ଟ୍ରିକ୍ କାର୍ ସେଲ୍ ୧% ରୁ ଟିକିଏ ଅଧିକ । ଟେସଲା ର ଇଲେକ୍ଟ୍ରିକ୍ କାରଗୁଡ଼ିକର ଏହି ଲଞ୍ଚ ଇଭେଣ୍ଟ ଏପ୍ରିଲ ୧୦ ସାଉଦି ଆରବର ରାଜଧାନୀ ରିୟାଦରେ ଅନୁଷ୍ଠିତ ହେବାକୁ ଯାଉଛି । ଟେସଲା ଏବେ ୟୁରୋପ୍ ଏବଂ ବିଶ୍ୱର ଅନ୍ୟାନ୍ୟ ଦେଶରେ ଏହାର କାର ସେଲ୍ କରୁଛି। ଗତ ବର୍ଷ କମ୍ପାନୀର ସେଲ୍ ୧% ହ୍ରାସ ପାଇଥିଲା । ଟେସଲା ର କାରଗୁଡ଼ିକ ଚୀନ୍ କାର ସହିତ ଟକ୍କର କରନ୍ତି । ଏକ ରିପୋର୍ଟ ଅନୁଯାୟୀ, ଚୀନ୍ କମ୍ପାନୀ ବିୱାଇଡି ୨୦୨୪ ମସିହାରେ ସେଲରେ ଟେସଲା କୁ ପଛରେ ପକାଇ ଦେଇଛି । ବିୱାଇଡି ୨୦୨୪ ମସିହାରେ ୧୦୭ ବିଲିୟନ୍ ଡଲାର ମୂଲ୍ୟର ଇଲେକ୍ଟ୍ରିକ୍ ଏବଂ ହାଇବ୍ରିଡ୍ କାର୍ ସେଲର ଆକଳନ କରିଛି । ସେହିଭଳି ଟେସଲା ୯୮ ବିଲିୟନର ଡଲାର ମୂଲ୍ୟର କାର୍ ସେଲ୍ କରିଛି । ଏଲୋନ ମସ୍କଙ୍କ କମ୍ପାନୀ ଟେସଲା ଖୁବ୍ ଶୀଘ୍ର ଭାରତରେ ମଧ୍ୟ ଏଣ୍ଟ୍ରି କରିପାରେ । ରିପୋର୍ଟ ଅନୁଯାୟୀ, ଭାରତରେ ସବୁଠାରୁ ଶସ୍ତା Tesla କାରର ମୂଲ୍ୟ ୩୫ ରୁ ୪୦ ଲକ୍ଷ ଟଙ୍କା ମଧ୍ୟରେ ରହିବ । ଆମେରିକାରେ ଏହି ବ୍ରାଣ୍ଡର କାରର ମୂଲ୍ୟ ୩୫ ହଜାର ଡଲାରରୁ ଆରମ୍ଭ ହୁଏ ।

## ଆପଲକୁ ଭାରୀ ପଡ଼ିଲା ଆପ୍ ଟ୍ରାକିଂ

# ଫ୍ରାନ୍ସ ଲଗାଇଲା ୧୬୦୦ ମିଲିୟନ ୟୁରୋର ଜରିମାନା



**ନୂଆଦିଲ୍ଲୀ,୩୧ ।୩:** ଆପଲ ଉପରେ ୧୫୦ ମିଲିୟନ ୟୁରୋ ବା ପ୍ରାୟ ୧, ୬୨୪ କୋଟି ଟଙ୍କାର ଜରିମାନା ଲଗାଇଛି ଫ୍ରାନ୍ସର ପ୍ରତିସ୍ପର୍ଦ୍ଧା ନିରୀକ୍ଷଣ ସଂସ୍ଥା। ଅଭିଯୋଗ ହୋଇଛି ଆପଲ,୨୦୨୧ରୁ ୨୦୨୩ ମଧ୍ୟରେ ଏହାର ଡିଭାଇସରେ ମୋବାଇଲ ଆପ୍ ବିଜ୍ଞାପନ ସହ ଜଡ଼ିତ ଗତିବିଧିରେ ଥିବା ନିଜର ମଜଭୁତ ସ୍ଥିତିର ଅପବ୍ୟବହାର କରିଛି। ଆୟୋଗ ଅନୁଯାୟୀ, ଆପଲ 'ଆପ୍ ଟ୍ରାକିଂ ଟ୍ରାନ୍ସପେରେନ୍ସୀ' (ଏଟିଟି) ନାଁରେ ପ୍ରାଇଭେସୀ ଟୁଲ ସହାୟତାରେ ନିଜ ପ୍ଲାଟଫର୍ମରେ ପ୍ରତିଯୋଗିତାକୁ କ୍ଷତି ପହଞ୍ଚାଇଛି। ସଂସ୍ଥା କହିଛି କମ୍ପାନି ଏହାର 'ଆପ୍ ଟ୍ରାକିଂ ଟ୍ରାସ୍ପେପେରେନ୍ସୀ' ଟୁଲ ଜରିଆରେ ମୋବାଇଲ ଆପ୍ ବିଜ୍ଞାପନ ବଜାରରେ ଏହାର ମଜଭୁତ ସ୍ଥିତିର ଦୁରୁପଯୋଗ କରିଛି। ଅବଶ୍ୟ ରେଗୁଲେଟର ଆପଲକୁ ଏହି ଟୁଲ୍‌ରେ କୌଣସି ପରିବର୍ତ୍ତନ ପାଇଁ ଆଦେଶ ଦେଇନାହିଁ। ତେବେ ଏହା ପ୍ରଥମ ଥର ଯେତେବେଳେ କୌଣସି ଆଣ୍ଟିଟ୍ରଷ୍ଟ ଅଥରିଟି ବା ପ୍ରତିସ୍ପର୍ଦ୍ଧା ଆୟୋଗ ଏଟିଟି ସହ ଜଡ଼ିତ କୌଣସି କାର୍ଯ୍ୟାନୁଷ୍ଠାନରେ ଆପଲକୁ କମ୍ପାନି ଏଭଳି ଜରିମାନା ଲଗାଇଛି। ଏଟିଟି ଟୁଲ୍ ସାହାଯ୍ୟରେ ଆଇଫୋନ୍ ଏବଂ ଆଇପ୍ୟାଡ୍ ୟୁଜର୍ସ ନିର୍ଦ୍ଧାରିତ କରିପାରିବେ ଯେ, କେଉଁ ଆପ୍ ସେମାନଙ୍କ ଅନଲାଇନ୍ ଆକ୍ଟିଭିଟିକୁ ଟ୍ରାକ୍ କରିପାରିବେ। ଫ୍ରେଞ୍ଚ ରେଗୁଲେଟର କହିଛି, 'ଏଟିଟିର ଉଦ୍ଦେଶ୍ୟ ଡାଟା ସୁରକ୍ଷା, ଯାହା ଭୁଲ ନୁହେଁ, କିନ୍ତୁ ଏହାକୁ ଲାଗୁ କରିବାର ଉପାୟ ଅନାବଶ୍ୟକ ଏବଂ ଅନୁପାତହୀନ। ଏହା ବିଶେଷ କରି ଛୋଟ ପବ୍ଲିଶର୍ସଙ୍କୁ କ୍ଷତି ପହଞ୍ଚାଉଛି। ଯେଉଁମାନେ ବ୍ୟବସାୟକୁ ଚଳାଇବା ପାଇଁ ଥାର୍ଡ-ପାର୍ଟି ଡାଟା ଉପରେ ନିର୍ଭର ରୁହନ୍ତି।'' ସେପଟେ ଆପଲ ଫ୍ରାନ୍ସରେ ଲଗାଯାଇଥିବା ଜରିମାନା ଉପରେ ନିରାଶା ପ୍ରକାଶ କରିଛି। କିନ୍ତୁ ଏହା ମଧ୍ୟ କହିଛି ଯେ, ରେଗୁଲେଟର ତାହାର ପ୍ରାଇଭେସୀ କଣ୍ଟ୍ରୋଲ ଟୁଲ୍‌ରେ କୌଣସି ପରିବର୍ତ୍ତନ କରିବାକୁ କହିନାହିଁ। ସୂଚନାଥାଉକି, ଆପଲର ଏଟିଟି ଟୁଲ ଜର୍ମାନୀର ପ୍ରତିସ୍ପର୍ଦ୍ଧା ଏଜେନ୍ସୀର ଯାଞ୍ଚ ଅଧୀନରେ ରହିଛି। ଫେବୃଆରୀରେ ସେଠାରେ ସଂସ୍ଥା ଆପଲ ଉପରେ ନିଜକୁ ଅନୁଚିତ ଲାଭ ପହଞ୍ଚାଇବାର ଅଭିଯୋଗ ଲଗାଇଥିଲା। ପୂର୍ବରୁ ଗତ ବର୍ଷ ମଧ୍ୟ ୟୁରୋପୀୟ ସଂଘ (ଇୟୁ) ଆପଲ ଉପରେ ୧.୮ ବିଲିୟନ ୟୁରୋର ଜରିମାନା ଲଗାଇଥିଲା। ଅଭିଯୋଗ ହୋଇଥିଲା ଆପ ଷ୍ଟୋର ଜରିଆରେ ମ୍ୟୁଜିକ୍ ଷ୍ଟ୍ରିମିଂ ପ୍ରତିସ୍ପର୍ଦ୍ଧାକୁ କ୍ଷତି ପହଞ୍ଚାଉଛି। ଏହି ମାମଲା ସ୍ୱିଡିଶ ମ୍ୟୁଜିକ୍ ଷ୍ଟ୍ରିମିଂ କମ୍ପାନି ସ୍ପଟିଫାଏର ଅଭିଯୋଗ ପରେ ଆରମ୍ଭ ହୋଇଥିଲା।

## ଫେସବୁକ ଓ ଇନଷ୍ଟାଗ୍ରାମର ମାଗଣା ଯୁଗ ଶେଷ

**ନୂଆଦିଲ୍ଲୀ,୩୧ ।୩:** ଫେସବୁକ ଏବଂ ଇନଷ୍ଟାଗ୍ରାମ ଦୈନନ୍ଦିନ ଜୀବନରେ ଏକ ଅଂଶ ପାଲଟିଛି । ପିଲାଠୁ ବୁଢ଼ା ଏବେ ସୋସିଆଲ ମିଡିଆ ପ୍ରେମରେ ବାୟା । ଆଉ ଏହାର ଫାଇଦା ନେବାକୁ ମେଟା ବି ପ୍ରସ୍ତୁତ । ଖୁବଶୀଘ୍ର ଫେସବୁକ ଏବଂ ଇନଷ୍ଟାଗ୍ରାମ ବ୍ୟବହାରକାରୀଙ୍କ ପାଖରୁ ଟଙ୍କା ଆଦାୟ କରିବାକୁ ଯୋଜନା କରୁଛି ମେଟା । ମାସିକ ଚାର୍ଜ ଦେଲେ ହିଁ ଫେସବୁକ ଏବଂ ଇନଷ୍ଟାଗ୍ରାମ ବ୍ୟବହାର କରିପାରିବେ ୟୁଜର୍ସ । ଅବଶ୍ୟ ଏହି ନୂଆ ନିୟମ ପ୍ରଥମେ ୟୁରୋପୀୟ ଦେଶଗୁଡ଼ିକରେ ଲାଗୁ ହେବାକୁ ଯାଉଛି। ମାସକୁ ୧୪ ଡଲାର ବା ଭାରତୀୟ ମୁଦ୍ରାରେ ପ୍ରାୟ ୧୧୯୦ ଟଙ୍କା ଦେବେ ୟୁଜର୍ସ । ସାଧାରଣ ୟୁଜର୍ସଙ୍କ ଲାଗି ଏହି ଚାର୍ଜ ଲାଗୁ ହେବନାହିଁ। ଯେଉଁମାନେ ବିଜ୍ଞାପନ ବିନା ଫେସବୁକ ଏବଂ ଇନଷ୍ଟାଗ୍ରାମ ବ୍ୟବହାର କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଚାର୍ଜ ଦେବାକୁ ପଡ଼ିବ । ମିଳିଥିବା ରିପୋର୍ଟ ଅନୁସାରେ, ମେଟା କମ୍ବୋ ଅଫର ଆଣିପାରେ । ଉଭୟ ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ବିଜ୍ଞାପନ ବିନା ଚଲାଇବାକୁ ହେଲେ ୟୁଜରଙ୍କୁ ମାସକୁ ୧୭ ଡଲାର ବା ୧୪୪୫ ଟଙ୍କା ଦେବାକୁ ପଡ଼ିବ । କେବଳ ଡେସ୍କଟପରେ ହିଁ ଏହି ସୁବିଧା ଉପଲବ୍ଧ ହେବ। ୟୁରୋପୀୟ ଦେଶମାନେ ବିଜ୍ଞାପନ ଉପରେ କଟକଣା ଲଗାଇବାକୁ ମେଟା ଭଳି ପ୍ଲାଟଫର୍ମଗୁଡ଼ିକୁ ବାରମ୍ବାର ଚେତାବନୀ ଦେଉଛନ୍ତି । ବିଜ୍ଞାପନରୁ ବିଲିୟନ ବିଲିୟନ ଡଲାର ଲାଭ କରୁଥିବା ମେଟା ଭଳି କମ୍ପାନି ଏବେ ସେହି ସବୁ ଦେଶରେ ଆଡ୍ ଫ୍ରି ବା ବିନା ବିଜ୍ଞାପନରେ ସୋସିଆଲ ମିଡିଆ ବ୍ୟବହାର କରିବାକୁ ଫିଚର ଆଣିବାକୁ ଯାଉଛି । ହେଲେ ଏଥିପାଇଁ ୟୁଜର୍ସଙ୍କୁ ମାସିକ ଚାର୍ଜ ଦେବାକୁ ପଡ଼ିବ। ୟୁରୋପୀୟ ସଂଘ ବ୍ୟତୀତ ଆମେରିକା ମଧ୍ୟ ନର୍ଦ୍ଦିଷ୍ଟ ବିଜ୍ଞାପନ ଦେଖାଇବା ବନ୍ଦ କରିବ ଦରକାର ବୋଲି ମେଟାକୁ ପରାମର୍ଶ ଦେଇଛି। ଏଭଳି ସ୍ଥିତିରେ ମେଟା ୟୁଜର୍ସଙ୍କ ବିନା ଅନୁମତିରେ ନିର୍ଦ୍ଦିଷ୍ଟ ବିଜ୍ଞାପନ ଦେଖାଇବ ନାହିଁ ବୋଲି କହିଥିବା ବେଳେ ଏଥିପାଇଁ ଫି' ଆଦାୟ କରିବାକୁ ଯୋଜନା କରିଛି । ଏହା ପୂର୍ବରୁ ୨୦୨୩ରେ ମଧ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ମାସିକ ଚାର୍ଜ ସଂପର୍କରେ ଘୋଷଣା କରିଥିଲେ । ଆଉ ଏବେ ୟୁରୋପରେ 'ସବସ୍କ୍ରିପ୍ସନ ନୋ ଆଡ୍' (ଏସଏନଏ) ମଡେଲ୍ ଲଞ୍ଚ କରିବାକୁ ଯାଉଛି ମେଟା ।

# ଭୁବନେଶ୍ୱର ରନୱେ ୱିକ୍ ସିଜନ୍- ୧ ୨

## ର୍ୟାମ୍ପ୍‌ରେ ଝଟକିଲା ଭାରତୀୟ ସଂସ୍କୃତି



**ଭୁବନେଶ୍ୱର,୩୧।୩:** ର୍ୟାମ୍ପ୍‌ରେ ଝଟକିଲା ଭାରତୀୟ ସଂସ୍କୃତି । ଆଡିକ୍ସନ ଫ୍ୟାସନ ମ୍ୟାନେଜମେଣ୍ଟ ପକ୍ଷରୁ ରବିବାର ସ୍ଥାନୀୟ ଏକ ତାରକା ହୋଟେଲରେ ଅନୁଷ୍ଠିତ 'ଭୁବନେଶ୍ୱର ରନୱେ ୱିକ୍'ର ୧୨ତମ ସଂସ୍କରଣରେ ଦେଖିବାକୁ ମିଳିଥିଲା ପରମ୍ପରା ସହ ଗ୍ଲାମର୍‌ର ଯୁଗଳବନ୍ଦୀ । ଜନ ଅଜୟଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ଫ୍ୟାଶନ୍ ଶୋ'ରେ ବଛା ବଛା ୧୨ଜଣ ଡିଜାଇନର୍ ଭଳିକି ଭଳି ଡିଜାଇନ ପ୍ରଦର୍ଶିତ କରିଥିଲେ । ଡିଜାଇନର୍ ମୋହିତ୍ କୁମାର ସଚଦେବ ବ୍ରାଣ୍ଡରେ ମୋହିତ୍ ସଚଦେବ କକଟେଲ୍ ଡ୍ରେସ ଠାରୁ ଆରମ୍ଭ କରି ବେସ୍ପାକ ଗାଉନ୍ ପର୍ଯ୍ୟନ୍ତ ଷ୍ଟାଇଲ୍ ପୁଣି ସନ୍ଧ୍ୟାକାଳୀନ ପୋଷାକ ଏବଂ ଚିକ୍ ପୋଷାକ ପ୍ରଦର୍ଶିତ ହୋଇଥିଲା । ଲେବେଲ୍ ସୁରିୟଲ ବ୍ରାଣ୍ଡର ଅର୍ପିତା ସାମଲ ଛୋଟ ପିଲାଙ୍କ ପାଇଁ ହାଲୁକା କପଡା ଏବଂ ସୁନ୍ଦର ଗ୍ରୀଷ୍ମକାଳୀନ ବିବାହ ପୋଷାକ ପିନ୍ଧିଥିଲେ । ଏନ୍ଆଇଏଫ୍ ଗ୍ଲୋବାଲ ଭୁବନେଶ୍ୱର ପକ୍ଷରୁ ପ୍ରଦର୍ଶିତ ଡିଜାଇନରେ ସଂଗ୍ରହ ଧାତୁମୟ ଚମକ, ଚମକଦାର କପଡ଼ା ଦେଖିବାକୁ ମିଳିଥିଲା । ମହିଳାଙ୍କ ପାଇଁ ଡିଜାଇନ୍ ହୋଇଥିବା ସେଲେଷ୍ଟିୟାଲ୍ ଗ୍ଲିମ୍ କକଟେଲ୍ ପୋଷାକ ଖୁବ୍ ଆକର୍ଷଣୀୟ ଥିଲା । ବଲିଉଡରେ ନିଜ ଛାପ ଛାଡ଼ିଥିବା ଲେବେଲ ସାକ୍ଷୀ ବିନ୍ଦ୍ରା ବ୍ରାଣ୍ଡର ଉତ୍କୃଷ୍ଟ ଗାଉନ୍, ରିସର୍ଟ ପୋଷାକରେ ଭାରତୀୟ ଛାପ ଦେଖିବାକୁ ମିଳିଥିଲା। ବିବାହ ଋତୁ ପାଖେଇ ଆସୁଥିବାରୁ ଭିକା ବ୍ରାଣ୍ଡର ଅରବିନ୍ଦ ଆମପୁଲ୍ଲା ପ୍ରଦର୍ଶିତ କରିଥିଲେ ଭାରତୀୟ କାଞ୍ଜିବରମ୍, ପଠାନୀ, ବନାରସୀ, କୋଟା, ଖଦି ଏବଂ ମସଲିନ୍ ଭଳି ପାରମ୍ପରିକ ପୋଷାକ । ପାରୁଲ ଖୈତାନ ବ୍ରାଣ୍ଡର କଳାରଙ୍ଗର ପୋଷାକର ସୃଜନଶୀଳତା ଓ କାରିଗରଙ୍କ ସୂକ୍ଷ୍ମ ଡିଜାଇନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ହରିଶ ଅକିସେଟ୍ଟୀଙ୍କ ଜଟିଳ କାରୁକାର୍ଯ୍ୟ ଏବଂ ସ୍ପନ୍ଦନଶୀଳ ରଙ୍ଗ ପ୍ୟାଲେଟ୍‌ର ପ୍ରତ୍ୟେକ ଖଣ୍ଡରେ ଥିଲା ଗ୍ଲାମରର ସ୍ପର୍ଶ । ଡିଜାଇନର ଶ୍ରୁତି ରେଡ୍ଡୀ ତାଙ୍କ ଡିଜାଇନ୍ ବିବାହ ଓ ବିଶେଷ ଅବସରରେ ଗ୍ଲାମର୍ସର ସ୍ପର୍ଶ ରହିଥାଏ । ରାମ୍ପରେ ତାଙ୍କର ଜଟିଳ ଡିଜାଇନ୍ ସହିତ ରୂପା ଏବଂ ସୁନାର ଚମକ ଦେଖିବାକୁ ମିଳିଥିଲା ।

## ମୋବାଇଲ ନମ୍ବର ବନ୍ଦ ଥିଲେ ମିଳିବ ନାହିଁ ୟୁପିଆଇ ସେବା




**ନୂଆଦିଲ୍ଲୀ,୩୧ ।୩:** ୟୁପିଆଇ କାରବାରର ସୁରକ୍ଷା ଏବଂ ପ୍ରଭାବକୁ ବୃଦ୍ଧି କରିବା ପାଇଁ ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ ଇଣ୍ଡିଆ (ଏନ୍‌ସିପିଆଇ) ନୂତନ ନିୟମ ଜାରି କରିଛି। ଏହି ନିୟମଗୁଡ଼ିକ ୧ ଏପ୍ରିଲରୁ ଲାଗୁ ହେଉଛି। ଏହା ଅନୁଯାୟୀ, ଯଦି ଆପଣ ୯୦ ଦିନ ପର୍ଯ୍ୟନ୍ତ ଆପଣଙ୍କର ମୋବାଇଲ ନମ୍ବର ବ୍ୟବହାର କରନ୍ତି ନାହିଁ, ତେବେ ଟେଲିକମ କମ୍ପାନୀ ସେହି ନମ୍ବର ଅନ୍ୟ କାହାକୁ ଦେଇପାରିବ।

ଏହାର ଅର୍ଥ ହେଉଛି ଯଦି ଆପଣ ପୁରୁଣା ମୋବାଇଲ ନମ୍ବର ସହିତ ୟୁପିଆଇ ଲିଙ୍କ କରିଛନ୍ତି ଏବଂ ସେହି ନମ୍ବରଟି ବନ୍ଦ ଅଛି, ତେବେ ଆପଣଙ୍କର ୟୁପିଆଇ ଆଇଡି ମଧ୍ୟ କାମ କରିବ ନାହିଁ। ଏହାର ଅର୍ଥ ହେଉଛି ଆପଣ ୟୁପିଆଇ ସେବା ବ୍ୟବହାର କରିପାରିବେ ନାହିଁ।

୧ ଏପ୍ରିଲରୁ, ବ୍ୟାଙ୍କ ଏବଂ ୟୁପିଆଇ ଆପ୍ସ ସପ୍ତାହରେ ଅତି କମରେ ଥରେ ଗ୍ରାହକଙ୍କ ମୋବାଇଲ ନମ୍ବର ରେକର୍ଡ ଯାଞ୍ଚ ଏବଂ ଅପଡେଟ କରିବେ ଯାହା ଦ୍ୱାରା ପରିବର୍ତ୍ତିତ ମୋବାଇଲ ନମ୍ବର ଯୋଗୁଁ ତ୍ରୁଟିପୂର୍ଣ୍ଣ କାରବାରକୁ ରୋକାଯାଇପାରିବ।

## ଏଣିକି ୨ ଚକିଆ ଗାଡ଼ି ସହ ଦୁଇଟି ହେଲ୍‌ମେଟ୍ ଦେବେ କମ୍ପାନି



**ନୂଆଦିଲ୍ଲୀ,୩୧।୩:** ଦେଶରେ ବିକ୍ରି ହେଉଥିବା ୨ ଚକିଆ ଯାନ ସହ ଏବେ କମ୍ପାନି ଗୁଡ଼ିକ ୨ ଆଇଏସ୍ଆଇ ହେଲ୍‌ମେଟ୍ ଦେବାକୁ ପଡ଼ିବ । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ନୂଆଦିଲ୍ଲୀରେ ଅନୁଷ୍ଠିତ ଅଟୋ ସମିଟରେ ଯୋଗଦେଇ ଏ ନେଇ ଘୋଷଣା କରିଛନ୍ତି । ଶ୍ରୀ ଗଡ଼କରି କହିଲେ, ଲୋକଙ୍କ ସୁରକ୍ଷା ଲାଗି ଏହା ଜରୁରୀ । ଟୁହ୍ୱିଲର ହେଲମେଟ ମାନୁଫାକଚର୍ସ ଆସୋସିଏସନ ଅଫ୍ ଇଣ୍ଡିଆ (ଟିଏଚ୍ଏମ୍ଏ) ଏହାର ସମର୍ଥନ କରିଛି । ଟିଏଚ୍ଏମ୍ଏ ପକ୍ଷରୁ ଦୀର୍ଘ ସମୟ ହେବ ଏ ନେଇ ଦାବି ହେଉଥିଲା । ଦେଶରେ ପ୍ରତିବର୍ଷ ଦୁର୍ଘଟଣା ଯୋଗୁ ୧.୮୮ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି । ସଡ଼କ ଦୁର୍ଘଟଣା ସଂଖ୍ୟା ୪.୮୮ ଲକ୍ଷ । ୬୬% ମୃତକଙ୍କ ବୟସ ୧୮ରୁ ୪୫ ବର୍ଷ ମଧ୍ୟରେ । ୨ ଚକିଆ ଯାନରେ ଯାଉଥିବା ୬୯ ହଜାର ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଛି । ଏଥିରୁ ୫୦% ଲୋକଙ୍କ ମୃତ୍ୟୁ ହେଲ୍‌ମେଟ ନ ପିନ୍ଧିବା ଯୋଗୁ ହେଉଥିବା ସୂଚନା ମିଳିଛି ।

## ପୁଟିନଙ୍କ ଜିଦ୍ ଓ ଟ୍ରମ୍ପଙ୍କ ଧମକ, ଭାରତରେ ଆହୁରି ବଢ଼ିବ ପେଟ୍ରୋଲ ଦର !




ନୂଆଦିଲ୍ଲୀ ୩୧/୦୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷୀୟ ଅଶୋଧିତ ତୈଳ କ୍ରେତାଙ୍କ ଉପରେ ୨୫ ପ୍ରତିଶତରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଦ୍ୱିତୀୟ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଛନ୍ତି । ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ସେ ନିଜେ ରୁଷ ଏବଂ ୟୁକ୍ରେନର ରାଷ୍ଟ୍ରମୁଖ୍ୟଙ୍କ ସହ ଯୁଦ୍ଧବିରତି ବିଷୟରେ କଥା ହୋଇଛନ୍ତି। ଏହା ପରେ ମଧ୍ୟ, ଚୁକ୍ତିନାମା, ଯାହାର ସର୍ତ୍ତାବଳୀ ଡୋନାଲ୍ଡ ଟ୍ରମ୍ପ ନିଜେ ସ୍ଥିର କରିଥିଲେ । ତାହାକୁ ରୁଷ ଦ୍ୱାରା କାର୍ଯ୍ୟକାରୀ କରାଯାଇ ନାହିଁ। ଏହା ପରେ, ସେ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଥିଲେ ଯେ ସେ ବହୁତ ରାଗିଛନ୍ତି । ଯଦି ସେ ୟୁକ୍ରେନରେ ରକ୍ତପାତ ବନ୍ଦ ନ କରନ୍ତି, ତେବେ ସେ ରୁଷର ତୈଳ ଉପରେ କଟକଣା ଆହୁରି ବୃଦ୍ଧି କରିବେ। ଏହା ବ୍ୟତୀତ, ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୨୫ ରୁ ୫୦% ଶୁଳ୍କ ଲାଗୁ କରାଯିବ। ଟ୍ରମ୍ପଙ୍କ ଏହି ବକ୍ତବ୍ୟ ଭାରତ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । କାରଣ ଭାରତ ଏହାର ମୋଟ ଅଶୋଧିତ ତୈଳ ଆମଦାନୀର ୩୦ ପ୍ରତିଶତରୁ ଅଧିକ ରୁଷରୁ କିଣୁଛି। ଯଦି ରୁଷୀୟ ତୈଳ ଉପରେ ଶୁଳ୍କ ଲାଗୁ ହୁଏ, ତେବେ ଭାରତକୁ ବଡ଼ ଶୁଳ୍କର ସମ୍ମୁଖୀନ ହେବାକୁ ପଡ଼ିବ। ଏହା ବ୍ୟତୀତ, ଯଦି ଅନ୍ତର୍ଜାତୀୟ ବଜାରରେ ରୁଷୀୟ ତୈଳର ଯୋଗାଣ ହ୍ରାସ ପାଏ, ତେବେ ଅଶୋଧିତ ତୈଳର ଯୋଗାଣ ହ୍ରାସ ପାଇବ ଏବଂ ଅଶୋଧିତ ତୈଳର ମୂଲ୍ୟ ପୁଣି ଥରେ $୧୦୦ ଅତିକ୍ରମ କରିପାରେ। ଆମେରିକା ପୂର୍ବରୁ ଭେନେଜୁଏଲାର ତେଲ ଉପରେ ଶୁଳ୍କ ଲଗାଇବାକୁ ଘୋଷଣା କରିସାରିଛି। ଇରାନ ତେଲ ଉପରେ ପୂର୍ବରୁ କଟକଣା ଜାରି ହୋଇଛି। ଉପସାଗରୀୟ ଦେଶଗୁଡ଼ିକୁ ଯୋଗାଣ ପୂର୍ବରୁ ହ୍ରାସ ପାଉଛି।

## ବାୟା କଲା ଘିବଲି ଇମେଜ୍: ସାରା ବିଶ୍ୱରେ ଚାଟ୍ ଜିପିଟି ଡାଉନ: ଚିନ୍ତାର ଅଲ୍ଟମ୍ୟାନ୍

**ନୂଆଦିଲ୍ଲୀ,୩୧।୩:** ଲୋକଙ୍କୁ ବାୟା କରିଛି ଘିବଲି ଫଟୋ। ସମସ୍ତେ ଚାଟ୍ ଜିପିଟି ୟୁଜ୍ କରି ଘିବଲି ଫଟୋ ବନାଇରେ ବ୍ୟସ୍ତ। ଏଥିପାଇଁ ରବିବାର ଓପନଏଆଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟୁଲ ଚାଟ୍ ଜିପିଟି ସାରା ବିଶ୍ୱରେ ଡାଉନ ହୋଇଯାଇଛି। ନୂଆ ଅପଡେଟ୍ ଷ୍ଟୁଡିଓ ଘିବଲି ଇମେଜ୍ ଜେନେରେଟରର ଅତ୍ୟଧିକ ବ୍ୟବହାର ଯୋଗୁ ଚାଟ୍ ଜିପିଟି ଡାଉନ୍ ହୋଇଯାଇଛି। ଭାରତରେ ଏହା ପ୍ରାୟ ସନ୍ଧ୍ୟା ୪ଟାରୁ ୫.୩୦ ପର୍ଯ୍ୟନ୍ତ ଡାଉନ ହୋଇଯାଇଥିଲା। ଏହି ସମୟ ମଧ୍ୟରେ, ଡାଉନଡିଟେକ୍ଟରରେ ଏନେଇ ଅନେକ ଅଭିଯୋଗ କରାଯାଇଥିଲା। କିଛି ଉପଭୋକ୍ତା ଏବେ ବି ପ୍ଲାଟଫର୍ମ ବ୍ୟବହାର କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସାରା ବିଶ୍ୱରେ ଓପନଏଆଇରେ ଏଭଳି ସମସ୍ୟା ଯୋଗୁ କମ୍ପାନୀ ଏନେଇ ଅପରାହ୍ନ ୪:୪୦ ରେ ଏକ ବିବୃତ୍ତି ଜାରି କରିଥିଲା। ଆମେ ସର୍ଭିସ ପୁଣିଥରେ ଆରମ୍ଭ କରିବାକୁ କାମ ଜାରି ରଖିଛୁ ବୋଲି କମ୍ପାନୀ କହିଥିଲା। ଏହାପରେ ୩୦ ମିନିଟ୍ ପରେ ଓପନଏଆଇର ସମସ୍ତ ସର୍ଭିସ ରିଷ୍ଟୋର ହୋଇଯାଇଥିଲା ବୋଲି କମ୍ପାନୀ ସୂଚନା ଦେଇଥିଲା। ଏହି ଘଟଣାରେ କମ୍ପାନୀ ୫ ଦିନ ମଧ୍ୟରେ ମୂଳ କାରଣ ବିଶ୍ଳେଷଣ (ଆର୍‌ସିଏ) ରିପୋର୍ଟ ଦାଖଲ କରିବ ବୋଲି କହିଛି। ଷ୍ଟୁଡିଓ ଘିବଲି ଟ୍ରେଣ୍ଡ ଯୋଗୁ ଡାଉନ ହେଲେ ଚାଟଜିପିଟି ଷ୍ଟୁଡିଓ ଘିବଲିର ଜିପିଟି-୪୦ ର ନୂଆ ଅପଡେଟ୍ ୟୁଜରଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇଛି। ସୋସିଆଲ ମିଡିଆରେ ୟୁଜରଙ୍କ ମଧ୍ୟରେ ଷ୍ଟୁଡିଓ ଘିବଲି ଟ୍ରେଣ୍ଡର କ୍ରେଜ୍ ବହୁତ ଦେଖିବାକୁ ମିଳିଥିଲା। ଏହି କାରଣରୁ, ଚାଟଜିପିଟିରେ ଟ୍ରାଫିକ୍ ହଠାତ୍ ବଢ଼ି ଯାଇଥିଲା। ଏହି ଫିଚର ଚାହିଦା ଏତେ ଅଧିକ ଥିଲା ଯେ ଓପନଏଆଇ ସିଇଓ ସାମ୍ ଅଲ୍ଟମ୍ୟାନ୍ ଏକ୍ସରେ ପୋଷ୍ଟ ଘିବଲି ନ ବନାଇବାକୁ ଅନୁରୋଧ କରିଥିଲେ।

### ଅବହେଳିତ ଅବସ୍ଥାରେ ଇନ୍ଦ୍ରାବତୀ ବିସ୍ଥାପିତ ଅଞ୍ଚଳବାସୀ

# ଏବେ ବି ଖୋଜୁଛନ୍ତି ବଞ୍ଚିବାର ରାହା



**କଳାହାଣ୍ଡି,୩୧।୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଜଳସେଚନର ସୁବିଧା ହେଲେ ଚାଷୀଙ୍କ ଅର୍ଥନୈତିକ ମାନଦଣ୍ଡ ଅଭିବୃଦ୍ଧି ସାଙ୍ଗକୁ ମୁଣ୍ଡପିଛା ଆୟ ବୃଦ୍ଧି ପାଇବା ଏମିତି କିଛି ଚିନ୍ତାଧାରା ନେଇ ଇନ୍ଦ୍ରାବତୀ ଜଳଭଣ୍ଡାର ପ୍ରକଳ୍ପ କାର୍ଯ୍ୟକାରୀ ହେଲା। ନଦୀବନ୍ଧ ଯୋଜନରେ ଅନେକ ଗାଁ ବୁଡ଼ିଗଲା, ଶହ ଶହଶହ ଲୋକଙ୍କ ଜମି ଗଲା, ଅନେକ ଗ୍ରାମବାସୀ ବେସାହାର ହୋଇଗଲେ। ସେତେବେଳର ସରକାର ଶାଗମାଛ ଦରରେ ଜୋର ଜବର ଦସ୍ତ ଆଦିବାସୀମାନଙ୍କ ଜମି ଛଡ଼ାଇ ନେଇଥିଲେ। ଏହି ପରିକଳ୍ପନା ସାକାର ହେବା ପରେ କଳାହାଣ୍ଡି ଜିଲ୍ଲା ଶସ୍ୟ ଶ୍ୟାମଳାରେ ପରିପୂର୍ଣ୍ଣ ହେବା ସହିତ ରାଜ୍ୟରେ ଆଜି ଭାତହାଣ୍ଡି ଭାବେ ପରିଗଣିତ ହେଉଛି। ତେବେ ଯେଉଁମାନଙ୍କର ବଳିଦାନ ଯୋଗୁଁ କଳାହାଣ୍ଡି ଶସ୍ୟଶ୍ୟାମଳା ହେଲା ସେମାନେ ଆଜି ବି ଅବହେଳିତ, ନିଷ୍ପେସିତ ଅବ୍ୟବସ୍ଥାରେ ଜୀବନଯାପନ କରୁଛନ୍ତି।

ଇନ୍ଦ୍ରାବତୀ ପାଇଁ ୧୯୮୯ ମସିହାରୁ ୧୯୯୨ ମସିହା ମଧ୍ୟରେ ୧୧ହଜାର ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା । ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ଧର୍ମଗଡ଼ ଉପଖଣ୍ଡ ଓ ଭବାନୀପାଟଣାର କିଛି ଅଂଶ ମରୁଡ଼ିର କରାଳ ଛାୟାରୁ ତ୍ରାହି ପାଇଲା । ଧାନ ଉତ୍ପାଦନରେ କଳାହାଣ୍ଡି ଜିଲ୍ଲା ଓଡ଼ିଶାର ଭାତହାଣ୍ଡି ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ରାଜ୍ୟରେ ଧାନ ଉତ୍ପାଦନରେ କଳାହାଣ୍ଡି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଡାଲି ଜାତୀୟ ଫସଲ ଉତ୍ପାଦନରେ ପ୍ରଥମ ରହିଛି । ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଉତ୍ପାଦିତ ବିଜୁଳି ଓଡ଼ିଶାକୁ ଆଲୋକିତ କରିବାରେ ଅବଦାନ ରଖୁଛି କିନ୍ତୁ ଜଳଭଣ୍ଡାର ପାଇଁ ଯେଉଁମାନେ ବିସ୍ଥାପିତ ହେଲେ ସମାନେ ଆଜି ଜଳବନ୍ଦି ଜୀବନ ଜିଉଁଛନ୍ତି।

ଇନ୍ଦ୍ରାବତୀ ଜଳଭଣ୍ଡାର ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ୪୪ ଗାଁ ଏବଂ କଳାହାଣ୍ଡି ଜିଲ୍ଲାର ୫୩ ଗାଁ ବିସ୍ଥାପିତ ହେଲେ । କଳାହାଣ୍ଡି ଜିଲ୍ଲାର ୪୮ଟି ଗାଁ ଓ ନବରଙ୍ଗପୁର ଜିଲ୍ଲାର ୧୦ଟି ଗାଁ ଜଳ ଭଣ୍ଡାରରେ ବୁଡ଼ି ଯାଇଥିବା ବେଳେ ୯ଟି ଗାଁ ଆଂଶିକ ଭାବରେ ଜଳମଗ୍ନ ହେଲା । ଏହି ପ୍ରକଳ୍ପ ପାଇଁ ଥୁଆମୂଳ ରାମପୁର ବ୍ଲକ୍‌ର ଅନେକ ଅଞ୍ଚଳ ଜଳଭଣ୍ଡାର ମଧ୍ୟରେ ଲୀନ ହୋଇଯାଇଛି । ବିଶେଷ କରି ଏହି ବ୍ଲକ୍‌ର ପୋଡ଼ାପଦର ପଞ୍ଚାୟତର ଘୁଟରୁଖାଲ, ପୋଡ଼ାପଦର, ତେନ୍ତୁଳିପଦର, କାରୁବାଡ଼ି, ଲିଟିମ୍ପା, ଭିତରଡୁଙ୍ଗା, ସରାଫାସ, ଟେମରା, ଝିରି, ଭୁରଭୁରି, ତଳଟେମରା, ଢେପଟେମରା, ତଳଗୁଞ୍ଜମାଳି, ଉପର ଗୁଞ୍ଜମାଳି, କଲାତି, ତଳପଙ୍ଗା, କଟରୁ ପାଟ, ମାଲିଗାଁ ପଞ୍ଚାୟତର କେ.ଚେପଟାଘାଟି ଆଦି ୧୬ରୁ ଅଧିକ ଗାଁ ଇନ୍ଦ୍ରାବତୀ ଡ୍ୟାମ୍ ଜଳବନ୍ଦି ଘେରରେ ରହି ନିଜର ପରିଚୟ ଖୋଜୁଛନ୍ତି । ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ଅନେକ ଲୋକ ଭିଟାମାଟି ହରାଇଛନ୍ତି । ଏପରିକି ସେମାନଙ୍କୁ ସହାୟତା ରାଶି ବଣ୍ଟନ ବ୍ୟବସ୍ଥାରେ ମଧ୍ୟ ପ୍ରତାରଣା କରାଯାଇଥିଲା । ସରକାର ପରେ ସରକାର ଆସୁଛି, ଅଥଚ ବୁଡ଼ି ଅଞ୍ଚଳବାସୀଙ୍କ ଦୁଃଖ ଘୁଞ୍ଚୁ ନାହିଁ । ଏବେ ବି ସେମାନେ ବଞ୍ଚିବାର ରାହା ଖୋଜୁଛନ୍ତି।

● ମହୋତ୍ସବ ଦେଖିବା ହେଲା କାଳ

## ସୁଯୋଗ ଉଣ୍ଡି ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ



**ନୀଳଗିରି,୩୧।୩(ସଂଚାର ବ୍ୟୁରୋ):** ମହୋତ୍ସବ ଦେଖିବାକୁ ଯାଇଥିବା ସମୟରେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ।ନୀଳଗିରି ଏନଏସି ୭ନଂ ୱାର୍ଡ ଦାସସାହିର ଦୀପକ ସିଂଙ୍କ ଘରେ ଘଟିଛି ଏଭଳି ଘଟଣା। ଗତକାଲି ରାତିପ୍ରାୟ ୭.୩୦ମିନିଟ ସମୟରେ ଦୀପକ ନିଜ ପରିବାର ସହ ନୀଳଗିରି ବଜାରରେ ପଡ଼ିଥିବା ଯୁବମହୋତ୍ସବ ଦେଖିବାକୁ ଯାଇଥିଲେ। ମେଳା ବୁଲି ପ୍ରାୟ୧୦.୩୦ ସମୟରେ ଘରକୁ ଫେରିଲା ବେଳକୁ ଘରର ମୁଖ୍ୟ ଫାଟକର ତାଲା ଭଙ୍ଗାଯାଇଥିବାର ଦେଖିଥିଲେ। ଘରେ ଥିବା ଆଲମାରୀରେ ଥିବା ୪୦ହଜାର ଟଙ୍କା ସହ ଗୋଟିଏ ଚିକ୍ ହାର,୩ ହଳ କାନଫୁଲ,ଗୋଡିଏ ସୁନା ପଲା,୨ଟି ମୁଦି, ମଙ୍ଗଳସୂତ୍ର, ସୁନା ହାର,୬ଟି ଲକେଟ,୩ଟି ରୂପା ପାଉଁଜି,ଗୋଟିଏ ବ୍ରେସଲେଟ,ରୂପା ମୁଦି ଇତ୍ୟାଦି ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଉର୍ଦ୍ଧ୍ୱହେବ ବୋଲି ଅଭିଯୋଗ ହୋଇଛି। ଏନେଇ ପରିବାର ଲୋକ ନୀଳଗିରି ପୋଲିସକୁ ଅବଗତ କରିବାପରେ ୧୨୧/୨୫ରେ ଏକ ଚୋରି ମାମଲା ରୁଜୁ କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବା ବେଳେ ସକାଳୁ ସନ୍ଧାନୀ କୁକୁର ଓ ସାଇନ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରାଯାଇଛି।ଏଭଳି ଘଟଣା ବାରମ୍ବାର ନୀଳଗିରି ଅଞ୍ଚଳରେ ଘଟୁଥିବାରୁ ପୋଲିସ ପାଟ୍ରୋଲିଂଙ୍କୁ କଡାକଡି କରିବା ସହ ଚୋରଙ୍କୁ ଧରି କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି।

● କାଳ୍ପନିକ ନାଟକରୁ ବାସ୍ତବ ହତ୍ୟାକାଣ୍ଡ

## ଯୁବକଙ୍କୁ ଛୁରୀ ଭୁଷି ହତ୍ୟା ; ବାପ-ପୁଅ ଗିରଫ



**ବ୍ରହ୍ମପୁର,୩୧।୩(ସଂଚାର ବ୍ୟୁରୋ):** ବ୍ରହ୍ମପୁର ବଡ ବଜାର ଥାନା ଅନ୍ତର୍ଗତ ଜେନା ସାହିରେ ଦଣ୍ଡ ନାଚ ଚାଲିଥିବା ବେଳେ ଜଣେ ଯୁବକଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିଲା। ମଧ୍ୟ ରାତ୍ରରେ ନାଚ ଗୀତର ଆସର ଚାଲିଥିବା ବେଳେ ଏହି ହତ୍ୟାକାଣ୍ଡ ଘଟିଥିଲା। ବ୍ୟବସାୟିକ ଶତ୍ରୁତାକୁ ନେଇ ଏଭଳି ଅଭାବନୀୟ ଘଟଣା ଘଟିଥିବା ଜଣାପଡିଛି। ଖବର ପ୍ରକାରେ, ଉପରୋକ୍ତ ଅଂଚଳରେ ବେଲ ଗାଁ କାଳୀ ମନ୍ଦିର କମିଟିର ଦୁଇ ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଦଣ୍ଡ ନାଚ ଚାଲିଥିବା ବେଳେ ପ୍ରସାଦକୁ ନେଇ ଜଗଦୀଶ ଓ ତ୍ରିନାଥଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ହୋଇଥିଲା । ଏତିକି ବେଳେ ତ୍ରିନାଥ ଓ ପ୍ରଦୀପ ଏକ ଛୁରାରେ ଜଗଦୀଶଙ୍କ ଗଳାକୁ କାଟିବା ସହ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ଫଳରେ ଜଗଦୀଶ ଗୁରୁତର ଆହତ ହୋଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଜଗଦୀଶଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ହତ୍ୟା ଘଟଣାରେ ବାପା, ପୁଅଙ୍କୁ ଗିରଫ କରି ପୋଲିସ୍ ଅଧିକ ତଦନ୍ତ କରୁଛି। ସେମାନଙ୍କ ନିକଟରୁ ପୋଲିସ୍ ମାରଣାସ୍ତ୍ର ଜବତ କରିଛି।

## ପଞ୍ଚପଲ୍ଲୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାବେଶ



**ବୈଶିଙ୍ଗା,୩୧।୩(ସଂଚାର ବ୍ୟୁରୋ):** କେନ୍ଦୁଆ ପଞ୍ଚାୟତ ଅଧିନ ହାତୀପତୁକା ସ୍ଥିତ ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣୀ ସମାବେଶ ଗତ ୩୦ ତାରିଖ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନୀତ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ତଥା ଅନ୍ୟାନ୍ୟ ଅତିଥିଗଣ ମଞ୍ଚାସୀନ ହେବା ସହିତ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ପାଦ ପଦ୍ମରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିବେକାନନ୍ଦ ପଣ୍ଡା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମିତି ସଭ୍ୟ ଶ୍ରୀଧର ପଣ୍ଡିତ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଆ ସରପଞ୍ଚ ମନମୋହନ ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜ ମୋହନ ବେହେରା, ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଲମ୍ବୋଦର ପଣ୍ଡା, ସାଂସଦ ଙ୍କ ସହଯୋଗୀ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ପରିପେକ୍ଷୀରେ ବିଦ୍ୟାଳୟ ତରଫରୁ ବିଭିନ୍ ଫଳ ଓ ପୁଷ୍ପ ଚାରା ରୋପଣ କରାଯାଇଥିଲା ।

## ପୁଣ୍ୟତିଥିରେ ଓ. ପି ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି

**ଯୋଡ଼ା/ବଡ଼ବିଲ/ଟେନସା,୩୧।୩(ସଂଚାର ବ୍ୟୁରୋ):** ବିଶିଷ୍ଟ ଶିଳ୍ପପତି ଏବଂ ଓ. ପି. ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ତଥା ବାଉଜୀ ଭାବେ ବେଶ ଲୋକପ୍ରିୟ ଶ୍ରୀ ଓମ ପ୍ରକାଶ ଜିନ୍ଦଲଙ୍କ ବିଂଶତମ ପୂଣ୍ୟତିଥି ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସରେ ଶ୍ରଦ୍ଧାର ସହ ପାଳିତ ହୋଇଛି। ମାର୍ଚ୍ଚ ୩୧ ତଥା ତାଙ୍କ ପୂଣ୍ୟ ତିଥିରେ ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳରେ ବିଭିନ୍ନ ଆଧାତ୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂଣ୍ୟତିଥି ପାଳନ ଅବସରରେ କଲୋନି ପରିସର ମନ୍ଦିରରେ ପୂଜା ଓ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ ଡି, କାଶିଆ ମାଇନ୍ସ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର, ଟେନସା ମାଇନ୍ସ ୟୁନିଟ ହେଡ୍ ଶ୍ରୀ ରଘୁରାଜ ରଘୁବଂଶୀ ଓ ଏଚଆର ଏଣ୍ଡ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇ ପୂଣ୍ୟାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ଶ୍ରୀ ଓପି ଜିନ୍ଦଲଙ୍କ ସ୍ମୃତି ଚାରଣ କରିଥିଲେ।



## ଇଦ୍ ପର୍ବର ଶୁଭେଚ୍ଛା ଜଣାଇଲେ ପ୍ରମିଳା

**ବିଞ୍ଝାରପୁର, ୩୧।୩(ସଂଚାର ବ୍ୟୁରୋ):** ଆଜି ମୁସଲିମ ସମ୍ପ୍ରଦାୟର ପବିତ୍ର ପର୍ବ ଇଦ୍ ରେ ମୁସଲିମ ସମ୍ପ୍ରଦାୟର ବାସିନ୍ଦା ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ। ବିଂଝାରପୁର ବ୍ଲକର ବିଞ୍ଝାରପୁର, ଶାଷନ୍ଦା, ଶୟଦପୁର, ଅଳକୁଣ୍ଡର ବିଭିନ୍ନ ମସଜିଦ ବୁଲି ସେ ମୁସଲିମ ଭାଇ ଭଉଣୀ ମାନଙ୍କୁ ଇଦ୍ ପର୍ବର ଶୁଭେଚ୍ଛା ଜଣାଇଥିଲେ। ଇଦ୍ ପର୍ବ ଉପଲକ୍ଷେ ବିଂଝାରପୁରର ବିଭିନ୍ନ ସ୍ଥାନକୁ ଯାଇ ଇସଲାମ ଧର୍ମାବଲମ୍ବୀ ଭାଇ ଭଉଣୀମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ ପ୍ରମିଳା।ତେବେ ପ୍ରମିଳା ଙ୍କ ସହିତ ବ୍ଲକ୍ ଅଧକ୍ଷା ରଞ୍ଜିତା କୁମାରୀ ଦାସ୍, ନନ୍ଦ କିଶୋର ସାମଲ, ଅଶୋକ ସାହୁ, ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗରିବଙ୍କ ପାଇଁ ପକ୍କାଘର ଅପହଞ୍ଚ

## ଝାଟିମାଟି ଘରେ ବିତୁଛି ବିଧବା ମହିଳାଙ୍କ ଜୀବନ

**ଗୋଛାପଡ଼ା, ୩୧।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଲାବୃଡି ପଞ୍ଚାୟତ ଅନ୍ତର୍ଗତ ବାଲିପଦର ଗ୍ରାମର ଅସହାୟ ବିଧବା ବୃଦ୍ଧା ମହିଳା ପଦ୍ମିନୀ କର୍ଣ୍ଣଙ୍କ ପାଇଁ ସରକାରଙ୍କ ପକ୍କାଘର ଯୋଜନା ଅପହଞ୍ଚ ହୋଇପଡ଼ିଛି । ଦିର୍ଘ ବର୍ଷ ହେବ ଝାଟିମାଟି ଘରେ ବିପଦ ସଙ୍କୁଳ ଅବସ୍ଥାରେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ପଦ୍ମିନୀ ଓ ୧୨ ବର୍ଷ ର ଝିଅ ପାର୍ଟି କର୍ଣ୍ଣ। ପକ୍କା ଘର ଖଣ୍ଡିଏ ନଥିବାରୁ ଅଧିକ ବର୍ଷା ପବନ ସମୟରେ ଏହି ବିପଦ ସଙ୍କୁଳ ଘର ଛାଡ଼ି ଅନ୍ୟ ଘରେ ଆଶ୍ରୟ ନେଉଥିବା କହିଛନ୍ତି ଗ୍ରାମବାସୀ। ଅର୍ଥ ଅଭାବରୁ ଘର ସଜାଡ଼ି ନପାରି ଝାଟିମାଟି ତଳେ ବିପଦ ସଙ୍କୁଳ ଅବସ୍ଥାରେ କାଳାତିପାତ କରୁଛନ୍ତି । ପଦ୍ମିନୀ ଙ୍କ ପରିବାରକୁ ମାସିକ ୧୦ କିଲୋ ଚାଉଳ ଓ ୧୦୦୦ ଟଙ୍କା ବିଧବା ଭତ୍ତା ମିଳୁଥିଲେ ମଧ ଚଳିବା ପାଇଁ ବହୁତ୍ ଅସୁବିଧା ହେଉଥିବା କହିଛନ୍ତି।



ସରକାରଙ୍କ ପକ୍ଷରୁ ତାଙ୍କୁ ଆଜି ପର୍ଯ୍ୟନ୍ତ ପକ୍କା ଘର ମିଳିନଥିବା ଅସହାୟ ବିଧବା ମହିଳା ପଦ୍ମିନୀ ଦୁଃଖର ସହ କହିଛନ୍ତି । ପକ୍କା ଘର ଖଣ୍ଡିଏ ପାଇବା ପାଇଁ ଦୀର୍ଘ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କୁ ସୁଫଳ ମିଳିନାହିଁ । ପଦ୍ମିନୀ ଜଣେ ଦିନ ମଜୁରୀଆ ହୋଇଥିବା ବେଳେ ସବୁଦିନ ମୂଳ ମଜୁରୀ ମିଳୁନାହିଁ । ଯାହା କିଛି ମୂଳ ମଜୁରୀ ମିଳେ ସେଥିରେ ନିଜେ ଚଳୁଥିବା ବେଳେ ପକ୍କା ଘର ଖଣ୍ଡିଏ କରିବା ତାଙ୍କ ପକ୍ଷେ ସାତ ସପନ ପାଲଟିଛି। ଏଣୁ ସରକାରଙ୍କୁ ନିବେଦନ କରିଛନ୍ତି ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସିକ ୩୫କିଲୋ ଚାଉଳ ଦେବା ସହିତ ଆବାସ ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ। ସରକାର ଏହି ଗରିବ ପରିବାରକୁ ଘର ଖଣ୍ଡିଏ ଓ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସିକ ୩୫ କିଲୋ ଚାଉଳ ଯୋଗାଇ ଦେବାକୁ ଗ୍ରାମର ସମାଜ ସେବୀ କିଶ୍ୱର ପ୍ରଧାନ, ଦୁତିଆ କର୍ଣ୍ଣ, ସୁକମଣି କର୍ଣ୍ଣ,ସରିନି କର୍ଣ୍ଣ,ମାନସ କର୍ଣ୍ଣ, ବିଶ୍ୱ କର୍ଣ୍ଣ, ଦାବି କରିଛନ୍ତି ।

## ନର୍ସରୀ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଉଛନ୍ତି ସନାତନ



**ଯାଜପୁର ରୋଡ୍,୩୧।୩(ସଂଚାର ବ୍ୟୁରୋ):** ଗ୍ରାମାଂଚଳରେ ଏକ ସବୁଜ ସୁନ୍ଦର ନର୍ସରୀ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଛନ୍ତି କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ପଂଚାୟତର ନୂଆସାହି ଗ୍ରାମର ସନାତନ ବେହେରା। ଖାଲି ସେତିକି ନୁହେଁ ଏହା ମାଧ୍ୟମରେ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଇପାରିଛନ୍ତି। ଇଚ୍ଛାଶକ୍ତି ଆଗରେ ସବୁକିଛି ହାର ମାନିଛି। ଏହା ପ୍ରମାଣ କରି ଦେଖାଇଛନ୍ତି ସନାତନ।

ଗ୍ରାମାଂଚଳରେ ପ୍ରସ୍ତୁତ ହୋଇଛି ଏଭଳି ଏକ ସୁନ୍ଦର ନର୍ସରୀ। ଯେଉଁଠି ଭଳିକି ଭଳି ଗଛ ଚାରା ଲାଗିଛି। ଫଳନ୍ତି ଗଛ ଠୁଁ ଆରମ୍ଭ କରି ଔଷଧୀୟ ଗଛ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଚାରା ଲାଗିଛି। ଦୀର୍ଘ ୪ ବର୍ଷ ହେବ ଏହି ନର୍ସରୀ କରି ଆସୁଛନ୍ତି ସନାତନ। ଏକ ବିଶାଳ ଜମିରେ ଏହି ନର୍ସରୀ କରାଯାଇଛି। ଏଥିପାଇଁ ବିଭିନ୍ନ ସ୍ଥାନରୁ ମଞ୍ଜି ସଂଗ୍ରହ କରାଯାଉଛି। ପରେ ମାଟି ଖତ ଦିଆଯାଇ ପଲିଥିନରେ ରଖା ଯାଉଛି। ବିଶେଷ କରି ଏହି ନର୍ସରୀରେ ୧୦୦ ପ୍ରକାର ଗଛ ଲଗାଯାଇଛି। ଆମ୍ବ, ପିଜୁଳି, ନଡ଼ିଆ, ସେଓ, ଡ୍ରାଗନ ଭଳି ଫଳ ଓ ଔଷଧୀୟ ଚାରା ଏଠାରେ ଲଗାଯାଇଛି। ଘାସ ବାଛିବା, ଗଛରେ ପାଣି ଦେବା, ଗଛକୁ ବିଭିନ୍ନ ସ୍ଥାନରେ ପରିବର୍ତ୍ତନ କରି ରଖିବା ଭଳି ସବୁ କାର୍ଯ୍ୟ ସେ ନିଜେ କରିଥାନ୍ତି।

ଅନ୍ୟପଟେ ଗଛର ଯତ୍ନନେବା ଠୁଁ ଆରମ୍ଭ କରି ଗଛକୁ ବଡ଼ କରାଇବା ପାଇଁ ଏହି ନର୍ସରୀରେ ୪ରୁ ୫ଜଣ ଲୋକ କାମ କରୁଛନ୍ତି। ଏହି ନର୍ସରୀରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଗଛ ବିକ୍ରି କରାଯାଉଛି। ସନାତନ ନିଜେ ଗଛ ଲଗାଇବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଛନ୍ତି। ମାସକୁ ୨୦ ହଜାରରୁ ୩୦ ହଜାର ପର୍ଯ୍ୟନ୍ତ ରୋଜଗାର କରିବାକୁ ଚେଷ୍ଟା କରୁଛନ୍ତି। ଆଗାମୀ ଦିନରେ ଏହି ନର୍ସରୀକୁ ବଡ଼କରି ଏଥିରେ ଅଧିକ ଲୋକଙ୍କୁ କର୍ମ ନିଯୁକ୍ତି ସହ ପରିବେଶ ସୁରକ୍ଷା ଲକ୍ଷ୍ୟ ରଖିଛନ୍ତି ସନାତନ।

## ପରବାଙ୍ଗିରେ ମହିମା ମେଳା ମହୋତ୍ସବ



**ନର୍ଲା,୩୧।୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପରବାଙ୍ଗି ସ୍ଥିତ ସତ୍ୟ ମହିମା ଆଶ୍ରମରେ ଅନୁଷ୍ଠିତ ହୋଇଛି ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ମହୋତ୍ସବ। ମଠାଧୀଶ ସାଧୁ ପ୍ରଭାକର ଦାସଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଏନେଇ ଆୟୋଜିତ ବ୍ରହ୍ମଯଜ୍ଞର ପୌରହିତ୍ୟ କରିଥିଲେ ବ୍ରହ୍ମ ଅବଧୂତ ଭଗବାନ ଦାସ। ବ୍ରହ୍ମ ଅବଧୂତ ମଦନ ବାବା, ବ୍ରହ୍ମ ଅବଧୂତ ସୁରେଶ ବାବାଙ୍କ ସମେତ ସାଧୁ ବିପିନ ଦାସ, ସାଧୁ ଉଦ୍ଧବ ଦାସ, ସାଧୁ ସଦାନନ୍ଦ ଦାସ, ସାଧୁ ଝସକେତନ ଦାସ, ସାଧୁ ଇନ୍ଦ୍ରମଣି ଦାସ, ସାଧୁ ବିଦୁର ଦାସ, ସାଧୁ କୁମୁଦ ଦାସ ପ୍ରମୁଖ ବ୍ରହ୍ମଯଜ୍ଞ ପରିଚାଳନା କରିଥିଲେ। ଏହି ଅବସରରେ ବୈଦ୍ୟରାଜ ଭକ୍ତ ପବିତ୍ର ଶବର ଆଶ୍ରମର ନବ ନିର୍ମିତ ଧୂନି ମଣ୍ଡପର ଶୁଭ ଉଦଘାଟନ କରିଥିଲେ। ଏଥିରେ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଖଇରା ସ୍ଥିତ ସତ୍ୟ ମହିମା ସଂସ୍କୃତ ବିଦ୍ୟାପିଠର ପ୍ରଧାନ ପଣ୍ଡିତ ଅକ୍ଷୟ କୁମାର ତ୍ୟାଗିଙ୍କ ସମେତ ଅନେକ ସାଧୁସନ୍ଥ ଉପସ୍ଥିତ ଥିଲେ। ରବିବାର ଓ ସୋମବାର ଦୁଇଦିନ ବ୍ରହ୍ମଯଜ୍ଞ, ପ୍ରବଚନ, ଅହୋରାତ୍ର ନାମ ଭଜନ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ବ୍ରହ୍ମଯଜ୍ଞ ସହ ଚୁଡ଼ାକରଣ, ମୁଣ୍ଡନ, ସଂସ୍କାର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ମହିମା ଧର୍ମାବଲମ୍ବୀ ସିଦ୍ଧ, ସାଧୁ, ବୈରାଗୀ ଓ ୧୫ ଗୋଟି ଜିଲ୍ଲାରୁ ଭକ୍ତବୃନ୍ଦ ଯୋଗ ଦେଇଥିଲେ।

## ଓଡିଶା ଅଲିମ୍ପିକ ସଂଘର ଯୁଗ୍ମ ସମ୍ପାଦକ ହେଲେ ଜେ. କାମେଶ୍ୱର ରାଓ



**ବ୍ରହ୍ମପୁର,୩୧।୩(ସଂଚାର ବ୍ୟୁରୋ):** କଟକ ବାରବାଟୀ ଷ୍ଟାଡିଅମ ସ୍ଥିତ ଅଲମ୍ପିକ ଆସୋସିଏସନ ସମ୍ମିଳନୀ କକ୍ଷରେ ଅଲମ୍ପିକ ଆସୋସିଏସନ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ଅଲମ୍ପିକ ଆସୋସିଏସନର ନୂତନ ଯୁଗ୍ମ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି । ଉକ୍ତ ବୈଠକରେ ଅଲମ୍ପିକ ଆସୋସିଏସନର ପୂର୍ବତନ ସମ୍ପାଦକ ଆଶ୍ରିବାଦ ବେହେରା, ନୂତନ ସଭାପତି ସମୀର ମହାନ୍ତି, ନୂତନ ସମ୍ପାଦକ ଅଭିଜିତ ପାଲ, ଓଡିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

### ଅନ୍ତ୍ୟୋଦୟ ଗୃହ ଯୋଜନା ଉଦ୍‌ଘାଟନର ବିକଳଚିତ୍ର

## ଉଦ୍‌ଘାଟନ ବେଳେ ବୃଦ୍ଧବୃଦ୍ଧାଙ୍କୁ ଅଣଦେଖା

**ଖପ୍ରାଖୋଲ,୩୧।୩(ସଂଚାର ବ୍ୟୁରୋ):** ରବିବାର ଦିନ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ତ୍ତ୍ୱାବଧାନରେ



ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧକ୍ଷା ନିରୁପମା ପଟେଲ, ସମ୍ମାନୀତ ଅତିଥି ରୂପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଉପ-ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଲୋକସଭା ସାଂସଦ ଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ ଯୋଗଦେଇଥିଲେ ।

ଏହି ଅବସରରେ ପ୍ରଥମେ ଇଷ୍ଟଦେବୀ ଙ୍କ ପୂଜା ପାଠ ସହ ଯୋଜନା ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଭାସି ମାଧ୍ୟମରେ ଯୋଜନାର ଶୁଭାରମ୍ଭ କରିବା ଉଦବୋଧନ ଦେଇଥିଲେ । ପରେ ଅତିଥିମାନେ ନୂତନ ହିତାଧିକାରୀଙ୍କୁ ଗୃହ ନିର୍ମାଣର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ହେଲେ ଦୁଃଖର କଥା ବରିଷ୍ଠ ନାଗରିକ ମାନଙ୍କୁ ଅଣଦେଖା କରାଯାଇ ତଳେ ବସିବାକୁ ଦିଆଯାଇଥିଲା । ଅତିଥିମାନେ ଭିଆଇପି ସିଟରେ ପଙ୍ଖା ପବନ ଖାଇ ବସିଥିଲେ। ଅତ୍ୟଧିକ ଗରମ ଯୋଗୁ ବୃଦ୍ଧାବୃଦ୍ଧମାନେ ଅସ୍ତବ୍ୟସ୍ତ ହେଉଥିଲେ । ଅତିଥିମାନଙ୍କ ଭାଷଣ ବାଜିରେ ଲୋକେ ଅତିଷ୍ଠ ହୋଇ ନିଜ ସ୍ଥାନରୁ ଉଠି ଚାଲିଯାଇ ଥିବା ଦେଖାଦେଇ ଥିଲା । ଖାଦ୍ୟାପେୟର ବ୍ୟବସ୍ଥା ହୋଇଥିବା ସତ୍ତ୍ୱେ ଗରମ ଓ ସମୟ ହେବାରୁ ଚାଲିଯାଇଥିବା ଜଣାପଡ଼ିଥିଲା।

### ଏଟିଏମ୍‌ରୁ ମିଳୁନି ଟଙ୍କା

## ଏସବିଆଇ ଏଟିଏମ ବନ୍ଦ, ହନ୍ତସନ୍ତ ଗ୍ରାହକ

**ସୁବର୍ଣ୍ଣପୁର,୩୧।୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ଅଧିକାଂଶ ଲୋକ ମୁଖ୍ୟତଃ ଏସ୍‌ବିଆଇ ଏଟିଏମ୍ ଉପରେ ନିର୍ଭରଶୀଳ ଥିବାବେଳେ ଗତ ଏକମାସ ଧରି ଅଧିକାଂଶ ଏଟିଏମ୍ ବନ୍ଦ ପଡ଼ିଛି। ଆହୁରି ଦୁଇ ଚାରି ଦିନ ସମସ୍ୟା ଜାରି ରହିବ ବୋଲି ବ୍ୟାଙ୍କ ଅଧିକାରୀ କହୁଛନ୍ତି। ଏଟିଏମ୍ ଗୁଡିକରେ ଟଙ୍କା ଜମା କରୁଥିବା ସଂସ୍ଥା କାର୍ଯ୍ୟରେ ଅବହେଳାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି।

ବୀରମହାରାଜପୁର, ଉଲୁଣ୍ଡା, ତରଭା, ସୋନପୁର ସହର ସମେତ ଅଧିକ ଏସ୍‌ବିଆଇ ଏଟିଏମ୍ ରହିଛି। ଜିଲ୍ଲାର ସମସ୍ତ ଏଟିଏମ୍ ଗୁଡ଼ିକରେ ଟଙ୍କା ଜମା କରିବା ଦାୟିତ୍ୱ ଏସ୍‌ବିଆଇ ମୁଖ୍ୟାଳୟ ପକ୍ଷରୁ ବିଭିନ୍ନ ସଂସ୍ଥା ମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେହି ସଂସ୍ଥା ଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। କିନ୍ତୁ ଜିଲ୍ଲାରେ ସର୍ବାଧିକ ଏଟିଏମ୍‌ର ଦାୟିତ୍ୱ ନେଇଥିବା ସଂସ୍ଥା ଗୁଡ଼ିକ ତା'ର କର୍ମଚାରୀଙ୍କୁ ଠିକ୍ ଭାବେ ଦରମା ନ




ଦେବାରୁ ନିକଟରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। କିଛି କର୍ମଚାରୀ କାମ ମଧ୍ୟ ଛାଡ଼ି ଦେଇଥିଲେ। କର୍ମଚାରୀ ଅଭାବରୁ ଏଟିଏମ୍ ଗୁଡ଼ିକରେ ନିୟମିତ ଟଙ୍କା ଜମା କରି ପାରି ନଥିଲା। ଟଙ୍କା ନଥିବାରୁ ଗ୍ରାହକମାନେ ଏଟିଏମ୍‌କୁ ଯାଇ ବାରମ୍ବାର ନିରାଶ ହୋଇ ଫେରୁଥିଲେ। ସହରାଞ୍ଚଳ ବିଭିନ୍ନ ସ୍ଥାନରେ ଗ୍ରାହକମାନେ ଏଟିଏମ୍‌ରୁ ଫେରିବା ପରେ ନିକଟସ୍ଥ ବ୍ୟାଙ୍କକୁ ଯାଇ ଅଭିଯୋଗ କରିଥିଲେ। ସେମିତି ଉପାନ୍ତ ବ୍ଲକ୍ ଆଦି ସମାନ ସ୍ଥିତି ଦେଖିବାକୁ ମିଳୁଛି। ଉପାନ୍ତ ବ୍ଲକର ଗ୍ରାହକମାନେ ୧୦/୧୫ କି.ମି ଦୂର ସହରକୁ ଏଟିଏମ୍‌ରୁ ଟଙ୍କା ଉଠାଣ ପାଇଁ ଆସୁଥିଲେ । ଗୋଟିଏ ଏଟିଏମ୍‌ରୁ ଅନ୍ୟ ଏଟିଏମ୍‌କୁ ଯାଉଥିଲେ । ହେଲେ ସବୁଠି ସେମାନଙ୍କୁ ନିରାଶ ହେବାକୁ ପଡୁଥିଲା ।

କିଛି ଗ୍ରାହକ ଏ ସଂକ୍ରାନ୍ତରେ ଏସ୍‌ବିଆଇ ଆଞ୍ଚଳିକ ମହାପ୍ରବନ୍ଧକ ଓ ଏଟିଏମ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାହକମାନଙ୍କଠୁ ଅଭିଯୋଗ ପାଇବା ପରେ ବ୍ୟାଙ୍କ ଅଧିକାରୀ ସଂସ୍ଥାର ଜିଲ୍ଲା ମୁଖ୍ୟଙ୍କୁ ତାଗିଦ୍ କରିଥିଲେ । ହେଲେ ସମସ୍ୟାର କୌଣସି ସମାଧାନ ହୋଇପାରି ନଥିଲା । ଶେଷରେ ଏଟିଏମ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଏସ୍‌ବିଆଇର ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭାଗୀୟ ଉଚ୍ଚ ଅଧିକାରୀ ସଂସ୍ଥାର ଚୁକ୍ତିନାମା ବାତିଲ କରି କାର୍ଯ୍ୟରୁ ଅନ୍ତର କରି ଦେଇଥିବା ସୂଚନା ମିଳେ। ଏହି ସଂସ୍ଥା ବିଦା ହେବା ପରେ ଜିଲ୍ଲାର ଅଧିକାଂଶ ଏଟିଏମ୍‌ରେ ଆଉ ଟଙ୍କା ନାହିଁ । ହାତ ଗଣତି କିଛି ଅନ୍ୟ ଏଟିଏମ୍‌ରେ ସଂସ୍ଥା ପକ୍ଷରୁ ଟଙ୍କା ଜମା କରାଯାଉଥିବାରୁ ଟଙ୍କା ଉଠାଣ ହୋଇପାରୁଛି ।